

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୮ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 December 2025
Vol.No. 36 ■ No.333 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## କଂଗ୍ରେସର ମୁଖପାତ୍ର ଚୟନ: ଆଜି ଚୂଡ଼ାନ୍ତ ସାକ୍ଷାତକାର

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଓଡ଼ିଶାରେ କଂଗ୍ରେସ ଦଳ ତରଫରୁ 'ଜାତୀୟ ମେଧା ଅନ୍ୱେଷଣ' କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଂଚିଛି। ଦଳର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମରେ ଆସ୍ଥା ଓ ବିଶ୍ୱାସ ରଖୁଥିବା ଦକ୍ଷ ଉପସ୍ଥାପକମାନଙ୍କୁ ମୁଖପାତ୍ର, ଗବେଷଣା ସଂଯୋଜକ ଓ ଗଣମାଧ୍ୟମ ସଂଯୋଜକ ଭାବେ ସ୍ଥାନ ଦେବା ପାଇଁ ଅନ୍‌ଲାଇନ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା। ଏଆଇସିସି ଦ୍ୱାରା ଯାଂଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଥିଲା। ଗତ ୧୬ ଡିସେମ୍ବର ମଙ୍ଗଳବାର ଓଡ଼ିଶାର ୬ଟି ଜୋନ୍‌ରେ ପ୍ରାରମ୍ଭିକ ସାକ୍ଷାତକାର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ୧୭ ତାରିଖ ବୁଧବାର ଭୁବନେଶ୍ୱର ଜୋନ୍‌ର ପ୍ରାରମ୍ଭିକ ସାକ୍ଷାତକାର କାର୍ଯ୍ୟକ୍ରମ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଜଗତସିଂହପୁର ଜିଲ୍ଲା ପାଇଁ ଆୟୋଜନ ହୋଇଥିଲା।

# ୩୯ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୧୭/୧୨ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ସୁରକ୍ଷା ଏବଂ ସାର୍ବଜନୀକ ସୁରକ୍ଷାକୁ ନଜରରେ ରଖି ପ୍ରବାସ ନୀତିକୁ ଆହୁରି କଠୋର କରିଛନ୍ତି। ମଙ୍ଗଳବାର ଟ୍ରମ୍ପ ପ୍ରଶାସନ ଆହୁରି ୭ଟି ଦେଶ ଏବଂ ପାଲେଷ୍ଟେନୀୟଙ୍କ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲଗାଇଛି। ଏହା ସହିତ, ଅନ୍ୟ ୧୫ଟି ଦେଶର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ ପ୍ରତିବନ୍ଧକ ଲଗାଯାଇଛି। ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ସହିତ, ଆମେରିକାରୁ ଯାତ୍ରା ପ୍ରତିବନ୍ଧକ କିମ୍ବା ପ୍ରବେଶ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦେଶର ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। ସୂଚନା ଅନୁଯାୟୀ, ଏହି ପ୍ରତିବନ୍ଧକ ଜାନୁଆରି ୧ତାରିଖରୁ କାର୍ଯ୍ୟକାରୀ ହେବ। ଦୁର୍ବଳ ଯାଞ୍ଚ ବ୍ୟବସ୍ଥା, ଅଧିକ ଭିସା ଅବଧି ହାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର



ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ନୂତନ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଡାନ ଏବଂ ସିରିଆ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି। ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଯାତ୍ରା ଦସ୍ତାବିଜ୍ ରଖିଥିବା ପାଲେଷ୍ଟେନୀୟମାନଙ୍କୁ ମଧ୍ୟ ପ୍ରତିବନ୍ଧକ ତାଲିକାରେ ଯୋଡାଯାଇଛି । ପୂର୍ବରୁ ଆଂଶିକ ପ୍ରତିବନ୍ଧକ ଥିବା ଲାଓସ ଏବଂ ସିଏରା ଲିଓନ ଉପରେ ମଧ୍ୟ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ ହୋଇଛି। ଅଙ୍ଗୋଲା, ଏଣ୍ଟିଗୁଆ ଏବଂ ବାରବୁଡା, ବେନିନ, କୋଟ୍ ଡି'ଆଇବୋର୍, ଡୋମିନିକା, ଗେ?ବାନ୍, ଦ ଗାମ୍ବିଆ, ମାଲାୱି, ମୌରିଟନିଆ, ନାଇଜେରିଆ, ସେନେଗଲ୍, ତାଞ୍ଜାନିଆ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ କଟକଣା ଲାଗୁ କରିଛି ଟ୍ରମ୍ପ ପ୍ରଶାସନ। ବୁରୁଣ୍ଡି, କ୍ୟୁବା, ଟୋଗୋ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ପୂର୍ବରୁ ଥିବା ଆଂଶିକ କଟକଣା ବଳବତ୍ତର ରହିଛି। ତୁର୍କମେନିସ୍ତାନ ହେଉଛି ଏକମାତ୍ର ଦେଶ ଯାହାକୁ ନୂତନ ବ୍ୟବସ୍ଥା ଅନୁଯାୟୀ ଆଂଶିକ ଆଶ୍ୱସ୍ତି ଦିଆଯାଇଛି। ଏହାର ନାଗରିକଙ୍କ ପାଇଁ ଅଣ-ପ୍ରବାସୀ ଭିସା କଟକଣା ଉଠାଇ ଦିଆଯାଇଛି ।

## ପୁଣି ରତ୍ନସିଂହାସନରେ ବିରାଜିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଭାଇରାଲ୍

ପୁରୀ, ୧୭/୧୨ (ନି.ପ୍ର): ପୁଣି ରତ୍ନସିଂହାସନରେ ବିରାଜିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଭାଇରାଲ୍ । କଡ଼ା ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ବାରମ୍ବାର ଶ୍ରୀମନ୍ଦିର ଭିତରକୁ ମୋବାଇଲ, ହିଡେନ୍ କ୍ୟାମେରା ଯିବାରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନର ଅବହେଳାକୁ ଦାୟୀ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରଦ୍ଧାଳୁ । କଟକଣା ସତ୍ତ୍ୱେ ମାନୁନାହାନ୍ତି ଅମାନିଆ । ବଡ଼ଦେଉଳ ଭିତରେ ଉଠାଉଛନ୍ତି ଫଟୋ । ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି । ସେମିତି ଶ୍ରୀମନ୍ଦିର ଗର୍ଭଗୃହ ଭିତରର ଫଟୋ ହୋଇଛି ଭାଇରାଲ୍ । ଆର୍ଶୀବାଦ ୯୪୫ ନାମକ ଜଣେ ବ୍ୟକ୍ତି ତାଙ୍କ ସୋସିଆଲ ମିଡିଆରେ ରତ୍ନସିଂହାସନରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ପୋଷ୍ଟ କରିଛନ୍ତି । ଭିତର ଫଟୋ ଭାଇରାଲ ପରେ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ଅମାନିଆଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ଦାବି ହୋଇଛି। ରତ୍ନସିଂହାସନର ଫଟୋ ଭାଇରାଲ ପରେ ଘଟଣାକୁ ଗୁରୁତର ସହ ନେଇ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରିଛି ପୁଲିସ୍ । ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଛନ୍ତି । ଏହି ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରୁଣା ଆଇନରେ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଚାଲିଛି । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ହେବ । ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ଭାଇରାଲ ହେଉଛି । ଅନେକ ସମୟରେ ଶ୍ରଦ୍ଧାଳୁଙ୍କ ନିକଟରୁ ମୋବାଇଲ ଓ ହିଡେନ କ୍ୟାମେରା ଜବତ ହେଉଛି । କିନ୍ତୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଉନି । କେବଳ ଜରିମାନା କରି ଛାଡ଼ି ଦିଆଯାଉଛି । ପ୍ରଶ୍ନ ଉଠୁଛି, ମହାପ୍ରଭୁଙ୍କ ସହ ଆଉ କେତେ ବୁଝାମଣା ? କେବେ ସୁନିଶ୍ଚିତ ହେବ ଶ୍ରୀମନ୍ଦିର ସୁରକ୍ଷା ?

## ବାପାଙ୍କ ହାତ ଛାଡ଼ିଦେଲା ଦଳ: କଂଗ୍ରେସକୁ ସଂଗଠିତ କରିବାକୁ ଝିଅ ଲଗାଇଛନ୍ତି ବଳ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ମୋକିମଙ୍କୁ କଂଗ୍ରେସ ପର କରିଦେବା ପରେ କଟକ କଂଗ୍ରେସ ଦୁଇ ଫାଳ । ଦଳୀୟ କର୍ମୀ କାହାକୁ ନିଜର କରିବେ ତାକୁ ନେଇ ଶଙ୍କାରେ । ଏହା ଭିତରେ ଭକ୍ତଙ୍କ ଡାକରାରେ ଭୁବନେଶ୍ୱରରେ ଦଳୀୟ ରାଲିରେ ନଜର ଆସିଛନ୍ତି ମୋକିମଙ୍କ ଝିଅ ସୋଫିଆ । ମୋକିମ କଂଗ୍ରେସରୁ ବିଦା ହେଲେ। ଆଗକୁ ଝିଅ ସୋଫିଆ କ'ଣ କରିବେ ? ଦଳରେ ତାଙ୍କର ଭୂମିକା କ'ଣ ରହିବ ? ଦଳୀୟ କାର୍ଯ୍ୟକ୍ରମରେ ସୋଫିଆ



ସାମିଲ ହେବେ କି ନାହିଁ ? ଏଭଳି ଅନେକ ପ୍ରଶ୍ନରେ ପୂର୍ଣ୍ଣଚ୍ଛେଦ ଟାଣି ବିଜେପି ଅଫିସ ଘେରାଉ ରାଲିରେ ସାମିଲ ହୋଇଛନ୍ତି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ । ବାପା ମୋକିମଙ୍କ ଭଳି ପିସିସି ସଭାପତି ଭକ୍ତଙ୍କ ନେତୃତ୍ୱକୁ ନେଇ ମନରେ ପ୍ରଶ୍ନବାଚୀ ନଥିବାର ସଂକେତ ଦେଇଛନ୍ତି ସୋଫିଆ । କହିଛନ୍ତି, କଟକରେ କଂଗ୍ରେସ ସଂଗଠନ ପ୍ରଭାବିତ ହେବନାହିଁ । ଯେମିତି ଚାଲିଥିଲା ସେମିତି ଚାଲିବ। ଏସବୁ ଭିତରେ ପିସିସି ସଭାପତି କହିଛନ୍ତି, କାହା ଦ୍ୱାରା ପ୍ରରୋଚିତ ହୋଇ ବିଶୃଙ୍ଖଳା ନ କରନ୍ତୁ ନେତା। ମୋକିମ କଂଗ୍ରେସରୁ ବିଦା ହେବା ପରେ କଟକ-ବାରବାଟୀରେ ଦଳୀୟ କର୍ମୀ ଏବେ ଭାଗ ଭାଗ। କାହାକୁ ଭରସିବେ, କାହା ସାଥୀରେ ରହିବେ ତାକୁ ନେଇ ଦ୍ୱନ୍ଦରେ । ରାଜନୀତି ଛାଡିନଥିବା କହି କଂଗ୍ରେସର ପୁରୁଣା କର୍ମୀଙ୍କୁ ନିଜ ପାଖରେ ରଖିବାକୁ ଉଦ୍ୟମ କରିଛନ୍ତି ମୋକିମ । ହେଲେ ମୋକିମଙ୍କ ସହ ରହିଲେ ଦଳ ବିରୋଧୀର ଟ୍ୟାଗ୍ ଲାଗିବ । ସୋଫିଆଙ୍କ ସହ ରହିଲେ ମୋକିମଙ୍କ ସାଥ୍ ଛାଡ଼ିବାକୁ ପଡ଼ିବ । ଏଭଳି ସ୍ଥିତିରେ କେମିତି ଆଗକୁ ବଢ଼ିବ କଟକ କଂଗ୍ରେସ ସଙ୍ଗଠନ । ଆଗାମୀ ପଦକ୍ଷେପ ନେଇ ମୋକିମ ଏଯାଏଁ ନିଜର କାର୍ଡ ଖୋଲିନାହାନ୍ତି । ଯାହାକୁ ନେଇ ସଂଶୟ ଭିତରେ ଅଛନ୍ତି କଟକ କଂଗ୍ରେସକର୍ମୀ ।

## ସାହସର ସହ କାମ କରିବାକୁ ଦଳୀୟ ନେତାଙ୍କୁ ପରାମର୍ଶ ଦେଲେ ନବୀନ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ନୂଆପଡ଼ା ଉପନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ପରେ ଦଳୀୟ ସଭାପତି ନବୀନ ପଟ୍ଟନାୟକ ଆଜି ଏହାର ସମୀକ୍ଷା କରିଛନ୍ତି। ନବୀନ ନିବାସରେ ଆୟୋଜିତ ଏହି ସମୀକ୍ଷାରେ ନୂଆପଡ଼ା ଜିଲ୍ଲା ସଭାପତି, ପରାଜିତ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ପରାଜୟର କାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ସାହସର ସହ କାମ କରିବାକୁ ପରାମର୍ଶ



ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ସରକାରଙ୍କୁ ଭୟ ନକରି ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ସରକାରଙ୍କ ବିରୋଧରେ ତୃଣମୂଳ ସ୍ତରରୁ ଲଢେଇ ଜାରି ରଖିବାକୁ ପଡ଼ିବ। ଏହି ଆଲୋଚନା ପରେ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କରି ସ୍ନେହାଙ୍ଗିନୀ ଛୁରିଆ ଶାସକ ଦଳ ବିଜେପି ଉପରେ ବର୍ଷିଛନ୍ତି। ସେ ଗୁରୁତର ▶▶ପୃଷ୍ଠା ୭

## ରାସନ କାର୍ଡକୁ ନେଇ ବଡ଼ ଘୋଷଣା : ନୂଆବର୍ଷରୁ ବଣ୍ଟାଯିବ ୧୫ ଲକ୍ଷ ରାସନ କାର୍ଡ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଯୋଗାଣ ମନ୍ତ୍ରୀଙ୍କ ବଡ଼ ଘୋଷଣା। ନୂଆବର୍ଷରୁ ଆଉ ୧୫ ଲକ୍ଷ ରାସନ କାର୍ଡ ବଣ୍ଟା ଯିବ । କେହି ବି ଗରିବ ବିନା ରାସନ କାର୍ଡରେ ରହିବେ ନାହିଁ । ମନ୍ତ୍ରୀ କହିଛନ୍ତି ରାଜ୍ୟ ସରକାରଙ୍କ ପାଖରେ ରାସନ କାର୍ଡର ଅଭାବ ନାହିଁ । ଏଯାଏଁ ସାରା ରାଜ୍ୟରେ ୬ ଲକ୍ଷ ୩୯ ହଜାର କାର୍ଡ ବଣ୍ଟା ସରିଛି । ଆହୁରି ୧୫ ଲକ୍ଷ କାର୍ଡ ଆମ ପାଖରେ ଅଛି । ପ୍ରାୟ ୧୫ ଲକ୍ଷ ୩୩ ହଜାର ଆବେଦବ ଆସିଛି। ସେଥିରୁ ଅଯୋଗ୍ୟଙ୍କୁ ବାଦ ଦେଇ ସମସ୍ତ ଯୋଗ୍ୟଙ୍କୁ ରାସନ କାର୍ଡ



ମିଳିବ ବୋଲି କହିଛନ୍ତି ମନ୍ତ୍ରୀ। ଏହାପୂର୍ବରୁ ଇ-କେୱାଇସି କରାଇ ନ ପାରିଥିବା ହିତାଧିକାରୀମାନେ ଡିସେମ୍ବର ୩୧ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନକାର୍ଡ଼ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାରଯୁକ୍ତ ଇ-କେୱାଇସି କରାଇ ପାରିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ▶▶ପୃଷ୍ଠା ୭

## ପିଲାଙ୍କୁ ଦିଅନି କ୍ୟାରିୟର ଚାପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଚିନ୍ତା । ପିଲାମାନଙ୍କ ଉପରେ କ୍ୟାରିୟର ଲଦି ଦିଆନଯାଉ । ସେମାନେ ଯାହା ହେବାକୁ ଚାହୁଁଛନ୍ତି, ସେଥିରେ ସ୍ୱାଧୀନତା ମିଳୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ସେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି । ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଯୋଗ ଦେଇ ପିଲାଙ୍କ ଭବିଷ୍ୟତ ଚିନ୍ତା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଡାକ୍ତର, ଇଞ୍ଜିନିୟର ହେବାକୁ କହି ପିଲାଙ୍କୁ ମାନସିକ ଚାପ ଦିଆ ନଯାଉ । ପିଲା ଯାହା ହେବାକୁ ଚାହୁଁଛି ତାକୁ ସ୍ୱାଧୀନତା ଦେବାକୁ ଅଭିଭାବକଙ୍କୁ ପରାମର୍ଶ



ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିପାଇଁ ସେ ସଚିନ ତେନ୍ଦୁଲକର, ମେସି ଓ ବିରାଟ କୋହଲୀଙ୍କ ଉଦାହରଣ ଦେଇ ବିଭିନ୍ନ କ୍ଷେତ୍ରରେ କ୍ୟାରିଅର ବାଛିବାକୁ ପିଲାଙ୍କୁ ସୁଯୋଗ ଦିଆଯାଉ ବୋଲି କହିଛନ୍ତି । କେବଳ ସରକାରୀ ଚାକିରି ପଛରେ ନ ପଡ଼ି ଅନ୍ୟ କ୍ଷେତ୍ରରେ ବି ପିଲାଙ୍କୁ ସେତିକି ଯୋଗ୍ୟ କରିବା ଲାଗି କ୍ଷେତ୍ର ପ୍ରସ୍ତୁତ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି ପରାମର୍ଶ । ସେପଟେ ମଞ୍ଚରୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ କାମରେ ଲଗାଇବେ ବୋଲି କହିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ । ଏହାଦ୍ୱାରା ପିଲାଙ୍କ ଉପରେ ମାନସିକ ଚାପ ରହିବନି, କି ସେମାନେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ ହେବେନି । ବରଂ ପିଲାର ବୌଦ୍ଧିକ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କାମ ଦେବ। ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ନେଇ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଶାବାଦୀ ।

## ଜଳ ପଥରେ ଶତ୍ରୁକୁ ମାତ୍ ଦେବାକୁ ପ୍ରସ୍ତୁତ ଭାରତ

ନୂଆଦିଲ୍ଲୀ, ୧୭/୧୨ : ଭାରତୀୟ ନୌସେନାର ଶକ୍ତି ବଢାଉଛି ରୋମିଓ ହେଲିକପ୍ଟର । ଗୋଆର ନେଭାଲ୍ ବେସ୍ ?ରେ ଆଜି ବିଧିବଦ୍ଧ ଭାବେ ନୌସେନାରେ ସାମିଲ ହୋଇଛି ଅତ୍ୟାଧୁନିକ ଗଏ୍‌-୬୦ଜ ରୋମିଓ ହେଲିକପ୍ଟର । ହିନ୍ଦ ମହାସାଗରରେ ଶତ୍ରୁ ପକ୍ଷର ଗତିବିଧି ଉପରେ ନଜର ରଖିବା ପାଇଁ ଏହି ହେଲିକପ୍ଟର ଏକ ବଡ଼ ଅସ୍ତ୍ର ସାବ୍ୟସ୍ତ ହେବ । ଏହା ହେଉଛି ଭାରତୀୟ ନୌସେନାର ଦ୍ୱିତୀୟ ରୋମିଓ ସ୍କ୍ୱାଡ୍ରନ୍, ଯାହାକୁ ପଶ୍ଚିମ ସାମୁଦ୍ରିକ ସୀମାରେ ନିୟୋଜିତ କରାଯିବ । ଏଥିରେ ରହିଛି ମଲ୍ଟି-ମୋଡ୍ ରଡାର ଏବଂ ହାଇ-ରିଜୋଲ୍ୟୁସନ କ୍ୟାମେରା, ଯାହା ସମୁଦ୍ର ଭିତରେ ଲୁଚି ରହିଥିବା ଶତ୍ରୁର ବୁଡ଼ାଜାହାଜକୁ ଖୋଜି ବାହାର କରିପାରିବ । ଆଗାମୀ ଦିନରେ ଏହି ହେଲିକପ୍ଟରଗୁଡ଼ିକୁ ଆଇଏନଏସ୍ ବିକ୍ରମାଦିତ୍ୟ ଏବଂ ଆଇଏନଏସ୍ ବିକ୍ରାନ୍ତରେ ମଧ୍ୟ ମୁତୟନ କରାଯିବ । ଆମେରିକା ସହ ହୋଇଥିବା ୨୪ଟି ହେଲିକପ୍ଟର ଚୁକ୍ତି ମଧ୍ୟରୁ ଏହି ନୂତନ ସ୍କ୍ୱାଡ୍ରନ୍ ଚୀନ୍ ଓ ପାକିସ୍ତାନ ସୀମାରେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବ । ଏହାର ଅତ୍ୟାଧୁନିକ ସେନ୍ସର ଏବଂ ରଡାର୍ ପ୍ରଣାଳୀ ଯେକୌଣସି ପାଣିପାଗରେ ଶତ୍ରୁର ଗତିବିଧି ଉପରେ ନଜର ରଖିପାରିବ ।

## ବାଂଲାଦେଶରେ ଅସୁରକ୍ଷିତ ଭାରତୀୟ ହାଇକମିସନର: ଦୂତାବାସ ବାହାରେ ପ୍ରଦର୍ଶନ, ଢାକାକୁ ଭାରତର ତଲବ

ନୂଆଦିଲ୍ଲୀ, ୧୭/୧୨ : ବାଂଲାଦେଶ ସହ ଭାରତର ସମ୍ପର୍କ ବିଗିଡ଼ିବାରେ ଲାଗିଛି । ପ୍ରଥମେ ଅଳ୍ପସଂଖ୍ୟକ ହିନ୍ଦୁଙ୍କୁ ଟାର୍ଗେଟ ଆଉ ଏବେ ଦୂତାବାସ ଅଧିକାରୀଙ୍କୁ ଧମକ । ନୀଚ ହରକତ କରି ଭାରତ ସହ ସମ୍ପର୍କ ବିଗାଡୁଥିବା ବାଂଲାଦେଶକୁ ଏବେ ଜବାବ ଦେଇଛି ଭାରତ । ଭାରତୀୟ ଦୂତାବାସ ବାହାରେ ପ୍ରଦର୍ଶନ, ହାଇକମିଶନରଙ୍କୁ ଧମକ । ଢ଼ାକାରେ ଘଟୁଥିବା ଏହି ଘଟଣା ଗୁଡିକୁ ଗମ୍ଭୀରତା ସହ ଗ୍ରହଣ କରିଛି ଭାରତ । ବାଂଲାଦେଶ ହାଇକମିଶନର ଏଚ ହମିଜ



ରିୟାଦୁଲ୍ଲାଙ୍କୁ ସମନ ପଠାଇ ଭାରତ ତଲବ କରିଛି । କୁହାଯାଉଛି ଯଦି ସ୍ଥିତି ଅଣଆୟତ ହୁଏ । ତେବେ ଢ଼ାକାସ୍ଥିତ ଦୂତାବାସକୁ ବନ୍ଦ କରିବାକୁ ମଧ୍ୟ ପଛାଇବନି ଭାରତ । ସେପଟେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି ବାଂଲାଦେଶୀ ନେତା । ସିଟିଜେନ ପାର୍ଟିର ନେତା ହସନତ ଅବଦୁଲ୍ଲା ସୋମବାର ନେତା ଭାରତକୁ ଧମକ ଦେଇଥିବା ଘଟଣାକୁ ଭାରତ କଡ଼ା ଶବ୍ଦରେ ସମାଲୋଚନା କରିଛି । ଜନସଭାରେ ହସନତ କହିଥିଲେ ବାଂଲାଦେଶରେ ଭାରତ ବିରୋଧୀ ତତ୍ତ୍ୱଙ୍କୁ ଆଶ୍ରୟ ଦିଆଯିବ। ବିଚ୍ଛିନ୍ନତାବାଦୀଙ୍କୁ ଶରଣ ମିଳିବ। କେବଳ ସେତିକି ନୁହେଁ ଭାରତ-ବାଂଲାଦେଶ ସୀମା ସଂଲଗ୍ନ ପୂର୍ବୋତର ରାଜ୍ୟର ୭ ଭଉଣୀ ଭାବେ ଜଣାଯାଉଥିବା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଏବଂ ତ୍ରିପୁରାକୁ ଭାଗ ଭାଗ କରିବାକୁ ମଧ୍ୟ ଧମକ ଦେଇଛନ୍ତି । ▶▶ପୃଷ୍ଠା ୭

## ଜାନୁଆରୀ ୬ରୁ ଆରମ୍ଭ ହେବ ପକ୍ଷୀ ଗଣନା

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ରାଜ୍ୟରେ ପ୍ରତିବର୍ଷ ହେଉଥିବା ପକ୍ଷୀ ଗଣନା ଏହି ବର୍ଷ ଆସନ୍ତା ଜାନୁଆରୀ ୬ ତାରିଖରୁ ଆରମ୍ଭ ହେବ। ଏହି ପକ୍ଷୀ ଗଣନା ଚିଲିକା ହ୍ରଦ, ନଳବନ ପକ୍ଷୀ ଅଭୟାରଣ୍ୟ, ମଙ୍ଗଳାଯୋଡ଼ି, ହୀରାକୁଦ ଜଳାଶୟ ଏବଂ ନନ୍ଦନକାନନ ଆଦି ପ୍ରମୁଖ ସ୍ଥାନରେ କରାଯିବ। ଏହି ସୂଚନା ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ କହିଛନ୍ତି ଯେ, ପକ୍ଷୀ ଗଣନା ପ୍ରକ୍ରିୟାରେ ପର୍ଯ୍ୟଟନ ବିଭାଗର ସହଯୋଗ ମଧ୍ୟ ନିଆଯିବ। ମନ୍ତ୍ରୀ କହିଛନ୍ତି ଯେ ପକ୍ଷୀ ସଂରକ୍ଷଣକୁ ଆହୁରି ସୁଦୃଢ଼ କରିବା ପାଇଁ ଆଧୁନିକ ୱାଚ୍ ଟାୱାର ଓ ଏନକ୍ଲୋଜର ନିର୍ମାଣ କରାଯିବ।

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ,୧୭/୧୨ (ନି.ପ୍ର): ଫୁଲବାଣୀ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସଂଗଠନର ୬୩ତମ ପ୍ରତିଷ୍ଠା ଦିବସ ଉତ୍ସବ ଆଜି ସକାଳ ୯ଟା ୩୦ ରୁ ୧୧ଟା ୧୫ ପର୍ଯ୍ୟନ୍ତ ଉତ୍ସାହ ଓ ଆଡମ୍ବର ସହକାରେ ପାଳିତ ହୋଇଯାଇଛି।

ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସାଂସ୍କୃତିକ ଅଧିକାରୀ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ଦାୟିତ୍ୱରେ ଥିବା ଗଦାଧର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶ୍ରୀମତୀ କଳ୍ପଲତା ସାହୁ ଏବଂ ବିଦ୍ୟାଳୟର ପ୍ରାଚାର୍ଯ୍ୟ ନରେଶ ଚନ୍ଦ ଜିନାଟାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହୋଇଥିଲା । ପ୍ରାଚାର୍ଯ୍ୟ ଶ୍ରୀ ଜିନାଟାଙ୍କ ଦ୍ୱାରା ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସହ ସ୍କାଉଟ୍ ଓ ଗାଇଡ୍ ରଙ୍ଗିନ ପାର୍ଟି ଦ୍ୱାରା କରାଯାଇଥିଲା। ପରେ ପ୍ରାଚାର୍ଯ୍ୟ ମହୋଦୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ସଂସ୍ଥାର ଶିକ୍ଷାଗତ ସଫଳତା ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଗଦାଧର ପାତ୍ରଙ୍କ ଉପସ୍ଥିତିରେ ଏବଂ ପ୍ରଧାନଶିକ୍ଷକଙ୍କ ସହଯୋଗରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନ ସହ ସ୍ୱାଗତ କରାଯାଇଥିଲା। ଆଲୁମ୍ନି ଭାବେ ବିଶ୍ୱଜିତ ଦାସ (କାର୍ଯ୍ୟାଳୟ ସହାୟକ, ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ଫୁଲବାଣୀ) ଓ ଉମାକାନ୍ତ ପାଢ଼ୀ (ଲ୍ୟାବ୍ ଟେକ୍ନିସିଆନ୍, ଜିଲ୍ଲା ଚିକିତ୍ସାଳୟ, ଫୁଲବାଣୀ) ନିଜ ଅନୁଭବ କହି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ବିଶେଷ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ହାଇଦ୍ରାବାଦ ସମ୍ଭାଗର ପୂର୍ବଛାତ୍ରୀ ଶ୍ରୀମତୀ କଳ୍ପଲତା ସାହୁ (ବର୍ତ୍ତମାନ ଫାଇନାନ୍ସ କମ୍ ଲଜିଷ୍ଟିକ୍ କନସଲଟାଂଟ, ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ, ଫୁଲବାଣୀ) ତାଙ୍କ ଭାଷଣରେ କେଭିଏସ୍‌ର ଶିକ୍ଷା ତାଙ୍କ ଜୀବନ ଗଢ଼ିବାରେ କିପରି ସାହାଯ୍ୟ କରିଛି ତାହା ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଗଦାଧର ପାତ୍ର ତାଙ୍କ ଅଭିଭାଷଣରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଭୂମିକା ଓ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଜୀବନ ପାଇଁ ପ୍ରେରିତ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ବିବେକାନନ୍ଦ ଦାସଙ୍କ ଦ୍ୱାରା ସମସ୍ତ ଅତିଥି ମାନଙ୍କୁ, ଛାତ୍ରଛାତ୍ରୀଙ୍କୁ ଏବଂ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମ ସଫଳ ଭାବେ ସମାପ୍ତ ହୋଇଥିଲା।

# ହୃଦୁରାମପୁରରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କେନ୍ଦୁଝର,୧୭/୧୨ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ହୃଦୁରାମପୁର ଗ୍ରାମ ସନରାଇଜ ଯୁବକ ସଂଘ ଆନୁକୂଲ୍ୟରେ ୨୯ତମ ବାର୍ଷିକ ତ୍ରୀଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ସୋମବାର ବାଙ୍କିଆ ହାଇସ୍କୁଲ ଖେଳ ପଡିଆ ଠାରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂହ, ଅବସରପ୍ରାପ୍ତ ଏମ. ଭି. ଆଇ ଇଂ. କ୍ଷୀରୋଦ ଚନ୍ଦ୍ର ମହାନ୍ତ, ବାଙ୍କିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ନାୟକ, ଶିକ୍ଷକ ଅଜିତ ନାୟକ, ଭଣ୍ଡା ମଣ୍ଡଳ ବିଜେପି ସଭାପତି ବୀରେନ୍ଦ୍ର ବେହେରା, ପୂର୍ବତନ ସଭାପତି ହେମନ୍ତ ମହାନ୍ତ, ପୂର୍ବତନ ସରପଂଚ ରତିକାନ୍ତ ସିଂହ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଗ୍ରାମର ଦେହୁରୀ ମନୋରଞ୍ଜନ ନାୟକ ଖେଳ ପଡିଆରେ ପୂଜାର୍ଚ୍ଚନା କରିଥିଲେ । ଉଦଘାଟନୀ ମ୍ୟାଚ ମୟୁରଭଞ୍ଜ ର ଆରିଆନ ଗ୍ରୁପ, କେନ୍ଦୁଆ ଓ କେନ୍ଦୁଝରର ଶ୍ରୀରାମ ସ୍ପୋଟିଙ୍ଗ, ଟିକରପଡା ମଧ୍ୟରେ ଚିତାକର୍ଷକ ଖେଳ ଖେଳା ଯାଇଥିଲା । ଖେଳକୁ ରେଫରୀ ଯତୀନ ମହାନ୍ତ, ଶଂକର୍ଷଣ ନାୟକ, ଗଜାନନ ପାତ୍ର, ନୀତିଶ ମହାନ୍ତ, ଚନ୍ଦ୍ରଶେଖର ନାୟକ ପରିଚାଳନା କରିଥିବା ବେଳେ ଯୁବ ଭାଷ୍ୟକାର ଟିକାୟତ ନାୟକ, ସୁରଜ ବିରୁଲି ଓଡ଼ିଆ ଓ ହିନ୍ଦୀରେ ଧାରାବିବରଣୀ ପ୍ରଦାନ କରିଥିଲେ । ୩ ଦିନ ଧରି ହେଉଥିବା ଫୁଟବଲ ଖେଳରେ ୩୨ଟି ଦଳ ଅଂଶଗ୍ରହଣ କରୁଛନ୍ତି ଏବଂ ଏହା ବୁଧବାର ଦିନ ଉଦଯାପିତ ହେବ ଓ ବିଜେତା ଦଳକୁ ଯଥାକ୍ରମେ ୧ମ ପୁରସ୍କାର ୭୦ ହଜାର, ୨ୟ ପୁରସ୍କାର ୫୦ହଜାର, ୩ୟ ପୁରସ୍କାର ୩୦ ହଜାର ଓ ଚତୁର୍ଥ ପୁରସ୍କାର କୋଡିଏ ହଜାର ଟଙ୍କାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ମାନେ ଜଣାଇଛନ୍ତି। ଫୁଟବଲ ଖେଳକୁ ଯୁବକ ସଙ୍ଘ ଉପଦେଷ୍ଟା ନବୀନ ଚନ୍ଦ୍ର ନାୟକ, ସଭାପତି ଦିବ୍ୟ ରଞ୍ଜନ ନାୟକ, ସମ୍ପାଦକ କ୍ରିଷ୍ଣାକାନ୍ତ ନାୟକ, ସଦସ୍ୟ କୁଳମଣି ନାୟକ, ସଦସ୍ୟ ସୋନା ନାୟକ, ପପୁନ ନାୟକ, ଫୁକୁଲୁ, ମାନସ, ବାଦଲ, ସୋମ, ସୌମ୍ୟ, ରାହୁଲ, ଗୁଲୁ, ରୋହିତ, ସୁଶୀଲ, ଚୌଧୁରୀ, କାହ୍ନୁ, ମାଖନ ନାୟକ ପ୍ରମୁଖ ସଦସ୍ୟ ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଜଣାଯାଇଛି । ଖେଳ ଦେଖିବାକୁ ଗ୍ରାମ ତଥା ଅଂଚଳରୁ ହଜାର ହଜାର ଫୁଟବଲ ପ୍ରେମୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ମଧ୍ୟସ୍ଥତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ

ନୂଆପଡା,୧୭/୧୨ (ନି.ପ୍ର): ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସୌହାର୍ଦ୍ଦପୂର୍ଣ୍ଣ ସମାଧାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନୂଆପଡ଼ାରେ ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ଆଜି ଉଦ୍ଘାଟିତ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଡିସେମ୍ବର ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ାର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦଘାଟନୀ ଅଧିବେଶନରେ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ପ୍ରଧାନ, ନୂଆପଡା ଜିଲ୍ଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର, ଜିଲ୍ଲା ସିଭିଲ ଓକିଲ ସଂଘ ସଭାପତି ବିଶ୍ୱମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି, ସମ୍ମାନିତ ଅତିଥିମାନେ ବିବାଦ ସମାଧାନର ଏକ କମ ଖର୍ଚ୍ଚ, ସମୟସୀମା ଏବଂ ଲୋକକେନ୍ଦ୍ରିକ ପଦ୍ଧତି ଭାବରେ ମଧ୍ୟସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମଧ୍ୟସ୍ଥତା ମାମଲା ହ୍ରାସ କରିବାରେ ଏବଂ ସାମାଜିକ ସଦଭାବ ରକ୍ଷା କରିବା ସହିତ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ଅତିଥି ମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉଚ୍ଚତମ ନ୍ୟାୟାଳୟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି ଦ୍ୱାରା ନିଯୁକ୍ତ ବରିଷ୍ଠ ପ୍ରଶିକ୍ଷକ ତଥା ଝାଡ଼ଖଣ୍ଡ ହାଇକୋର୍ଟର ଓକିଲ ରାଜେଶ ଦାଶ ଏବଂ ଶିବ ଶଙ୍କର ପ୍ରସାଦଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରାଯାଇଥିଲା ଏବଂ ମଧ୍ୟସ୍ଥତାରେ ସେମାନଙ୍କ ବିଶେଷଜ୍ଞତାକୁ ପ୍ରଶଂସା କରାଯାଇଥିଲା। ଏହି ତାଲିମ ମଧ୍ୟସ୍ଥତାର ନୀତି ଏବଂ ଅଭ୍ୟାସ ବିଷୟରେ ବ୍ୟାପକ ଆଲୋକପାତ ପ୍ରଦାନ କରିବ । ଯେଉଁଥିରେ ଯୋଗାଯୋଗ ଦକ୍ଷତା, ଆଲୋଚନା ରଣନୀତି, ନୈତିକ ଦାୟିତ୍ୱ, ଆଇନଗତ ଢାଂଚା ଏବଂ ବ୍ୟବହାରିକ ମଧ୍ୟସ୍ଥତା ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଓକିଲ-ମଧ୍ୟସ୍ଥତାକାରୀମାନେ ସଘନ ଏବଂ ପାରସ୍ପରିକ ଆଲୋଚନା ଅଧିବେଶନରୁ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ମଧ୍ୟସ୍ଥତା ଢାଂଚାକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ ନ୍ୟାୟକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଧନ୍ୟବାଦ ପ୍ରସ୍ତାବ ସହିତ ଉଦଘାଟନୀ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ତା'ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା।

# ଲକପଡା ପ୍ରାଥମିକ ସ୍କୁଲରେ ବାର୍ଷିକ ସମାରୋହ ଏବଂ କ୍ରୀଡା ଦିବସ





ପାରଦୀପ,୧୭/୧୨ (ନି.ପ୍ର): ଅଠରବାଙ୍କୀ ଲକପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା କ୍ରୀଡା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶିକ୍ଷାକୁ ସୁଦୃଢ଼ କରିବା ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଏଏମଏନଏସ ପୋର୍ଟସ୍ ଏହି ଲକପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ସମାରୋହ ଏବଂ କ୍ରୀଡା ଦିବସ ର ଆୟୋଜନରେ ସମର୍ଥନ କରିଥିଲା।ପ୍ରଥମେ ଖେଳରେ ସବ୍ ଜୁନିଅର, ଜୁନିଅର ଏବଂ ସିନିୟର ବର୍ଗର ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ ବସ୍ତା ଦୌଡ଼, ୫୦ ମିଟର ଦୌଡ଼, ଚାମଚ ଆଳୁ ଦୌଡ଼, ବେଙ୍ଗ ଡେଇଁବା, ଛୁଞ୍ଚି ଏବଂ ସୂତା, ଗଣିତ ଦୌଡ଼, ସ୍କିପିଂ ଏବଂ ସଂଗୀତ ଚେୟାର ଭଳି ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଏମଏନଏସ ପୋର୍ଟସ୍ ଟ୍ରଫି, ପ୍ରମାଣପତ୍ର ଏବଂ କ୍ରୀଡା ଉପକରଣ, ସହିତ ମଞ୍ଚ ଏବଂ ଶବ୍ଦ ସେଟଅପ୍, ଖାଦ୍ୟ ବ୍ୟବସ୍ଥା ଏବଂ ସାଂସ୍କୃତିକ ପ୍ରଦର୍ଶନ ପାଇଁ ପୋଷାକ ପ୍ରଦାନ କରି କାର୍ଯ୍ୟକ୍ରମକୁ ବ୍ୟାପକ ସମର୍ଥନ ପ୍ରଦାନ କରିଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରପାଳିକାର ଉପାଧ୍ୟକ୍ଷା ଶ୍ରୀମତୀ ଛବିଲତା ରାଉତ, ସମ୍ମାନିତ ଅତିଥି ଭାବେ କାଉନସିଲର କବିତା ସାହୁ, କ୍ଲଷ୍ଟର ଗବେଷଣା କେନ୍ଦ୍ରର ସଂଯୋଜକ ସୁକାନ୍ତ କୁମାର ସ୍ୱାଇଁ, ସମାଜସେବୀ ସମୀର କୁମାର ସ୍ୱାଇଁ, ସ୍କୁଲ ପରିଚାଳନା କମିଟିର ସଭାପତି ଦୁଲାଲ ଗେନ, ମନୋରଞ୍ଜନ ବାରିକ ଏବଂ ଏଏମ/ଏନଏସ ପୋର୍ଟସର ଅଧିକାରୀମାନେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁମିତ୍ରା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅମ୍ବିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭ୍ରମରାବର ପ୍ରଧାନ ଏବଂ ଲକପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ବେହେରା କାର୍ଯ୍ୟକ୍ରମର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମାରୋହରେ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟାରେ ଅଭିଭାବକ ଏବଂ ଗ୍ରାମବାସୀ ୩୦୦ ରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଛବିଲତା ରାଉତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ଏବଂ ସୁସ୍ଥ ପ୍ରତିଯୋଗିତାକୁ ଉତ୍ସାହିତ କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଏଏମ/ଏନଏସ ପୋର୍ଟସର ପ୍ରଶଂସା କରିଥିଲେ। କ୍ରୀଡା ଇଭେଣ୍ଟର ବିଜେତା ଏବଂ ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସନ୍ଧ୍ୟା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ସମେତ ସାଂସ୍କୃତିକ ପ୍ରଦର୍ଶନ ସହିତ ଶେଷ ହୋଇଥିଲା।ତେବେ ଏଏମ/ଏନଏସ ପୋର୍ଟସ ଶିକ୍ଷାର ଉନ୍ନତି ଏବଂ ଏହାର ଆଖପାଖ ଅଞ୍ଚଳର ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଯୋଗଦାନ ଦେବା ପାଇଁ ପ୍ରତିବଦ୍ଧ ବୋଲି ଉପସ୍ଥିତ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ।

# ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ବୈଠକ

କେନ୍ଦୁଝର,୧୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ସାଧାରଣ ବୈଠକ ଆଜି ତୃପ୍ତୀ ସଫାରୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ବୈଠକରେ ମୋଟ ୫୨ ଜଣ ଅବସରପ୍ରାପ୍ତ କର୍ମଚାରୀ ସୁଦୂର କେନ୍ଦୁଝର, ଭୁବନେଶ୍ୱର, ଯାଜପୁର, ଆନନ୍ଦପୁର, ଚମ୍ପୁଆ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ରାୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ୨୦୨୪-୨୦୨୫ ମସିହାରେ ମୃତ୍ୟବରଣ କରିଥିବା ଅବସରପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦ ଚନ୍ଦ୍ର ଦାସ, ସିଦ୍ଧନାଥ ଧଳ ଏବଂ ଦୁଃଖା ମୁଖିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ୨୦୨୪-୨୫ ମସିହାରେ ଅବସର ଗ୍ରହଣ କରିଥିବା ଅନନ୍ତ ଶେଖର ମିଶ୍ର, ହରେକୃଷ୍ଣ ନାଏକ ଓ ନାରାୟଣ ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା । ବାର୍ଷିକ ବୈଠକ ପରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ କିଶୋର ଚନ୍ଦ୍ର ଦାସ,ଉପସଭାପତି ଭାବେ ବାଇଧର ବେହେରା, ସମ୍ପାଦକ ଭାବେ ମୀନକେତନ ନାୟକ,ଯୁଗ୍ମ ସମ୍ପାଦକ ଭାବେ ବସନ୍ତ କୁମାର ସାହୁ, ବିଜୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଗଣପତି ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଭାଗବତ ପତି, ସୀତାନାଥ ମହାନ୍ତି, ପତି କାରୁଆ, ସୁରେନ୍ଦ୍ର ନାଥ ମଣ୍ଡଳ ଏବଂ ଉପଦେଷ୍ଟା ଅଶ୍ୱିନୀ କୁମାର ରାୟ, ପ୍ରଫୁଲ୍ଲ କୁମାର ଦେଓ, କମଳାକାନ୍ତ ମହାନ୍ତ, ଶାନ୍ତନୁ କୁମାର ନନ୍ଦୀ, ସୁନିଲ କୁମାର ଦାଶ ପ୍ରମୁଖ ମନୋନୀତ ହୋଇଥିଲେ । ଆଗାମୀ ଦିନରେ କେନ୍ଦୁଝର ସହରରେ ଥିବା ମଠ ଓ ମନ୍ଦିର ପରିଷ୍କାର କରିବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବାଂଟିବା ପାଇଁ ନିଷ୍ପତି ନିଆଯାଇଥିଲା । ଶେଷରେ ସଂଘର ସଭାପତି କିଶୋର ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ତୃପ୍ତୀ ସଫାରୀର ମାଲିକ ସନ୍ଦୀପ କୁମାର ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ ।

# ଇସ୍ପାତ ନଗରୀର ତାରକା ଧାବକ ସୁମିତ ସିଂହଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ

ରାଉରକେଲା,୧୭/୧୨ (ନି.ପ୍ର): ଇସ୍ପାତ ନଗରୀ ରାଉରକେଲାର ସୁନାମଧନ୍ୟ ଧାବକ ଶ୍ରୀ ସୁମିତ ସିଂହ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ଶ୍ରୀ ସିଂହ ଦୀର୍ଘ ୪୮ ଘଣ୍ଟା ଧରି ମାନୁଆଲ୍ ଟ୍ରେଡମିଲ୍ ଉପରେ ନିରନ୍ତର ଦୌଡ଼ି ୨୦୧.୫ କିଲୋମିଟର ଦୂରତା ଅତିକ୍ରମ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ସମର୍ଥିତ, ସୁମିତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟା ୬:୦୦ ଘଟିକାରେ ରାଉରକେଲାର ସିଭିକ୍ ସେଣ୍ଟରରେ ଏହି ଅଦମ୍ୟ ପ୍ରୟାସ ଆରମ୍ଭ କରିଥିଲେ। ଉକ୍ତ ପ୍ରୟାସରେ ତାଙ୍କୁ ପ୍ରତି ଘଣ୍ଟାରେ ମାତ୍ର ୫ ମିନିଟର ବିରତିର ଅନୁମତି ଥିଲା, ଯାହା ତାଙ୍କ ସହନଶୀଳତା ଏବଂ ସଂକଳ୍ପର ଅସୀମ ଧୈର୍ଯ୍ୟକୁ ଦର୍ଶାଇ ଥିଲା। କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଆରଏସପି ତାଙ୍କର ଏହି ପ୍ରୟାସର ଶୁଭାରମ୍ଭ କରାଇଥିଲେ ଏବଂ ତାଙ୍କର ସଫଳତା ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ହେବାକୁ ଥିବା ମେଗା ହାଫ୍ ମାରାଥନ୍ ପାଇଁ ଆରଏସପିର ବ୍ରାଣ୍ଡ ଆମ୍ବାସାଡର ଶ୍ରୀ ସିଂହଙ୍କ ଏହି ରେକର୍ଡ ଦୌଡ଼ ସୁସ୍ଥ ଜୀବନଯାପନ ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିଲା ।

ପୂର୍ବରୁ, ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଡିସେମ୍ବର ୪ ତାରିଖରେ ଏହି ପ୍ରସିଦ୍ଧ ଧାବକଙ୍କ ସହ ତାଙ୍କ କାର ?ୟାଳୟରେ ସାକ୍ଷାତ କରିଥିଲେ। ଧାବକଙ୍କ ପଦକ୍ଷେପକୁ ପ୍ରଶଂସା କରି, ଡିଆଇସି ତାଙ୍କ ସଫଳତା କାମନା କରିଛନ୍ତି ।

ଶ୍ରୀ ସୁମିତ ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ୬:୦୦ ଟାରେ ଦୀର୍ଘ ୪୮ ଘଣ୍ଟା ଦୌଡ଼ ସଂପୂର୍ଣ୍ଣ କରିଥିଲେ ଯାହାକୁ ଉପସ୍ଥିତ ସମସ୍ତେ ହର୍ଷୋଲ୍ଲାସ ସହ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ରାଉରକେଲାର ମାନ୍ୟବର ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ, ଦୀପିକା ମହିଳା ସଂଘଟିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ ଏବଂ ଶ୍ରୀମତୀ ନବନୀତା ପାଲ ଚୌଧୁରୀଙ୍କ ସମେତ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଏବଂ କ୍ରୀଡାପ୍ରେମୀମାନେ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଏହି ବିଶ୍ୱ ରେକର୍ଡ ହାସଲ ପାଇଁ ଆଥଲେଟଙ୍କୁ ପ୍ରଶଂସା କରିବା ସହିତ ତାଙ୍କର ଆଗାମୀ ଭବିଷ୍ୟତ ପ୍ରୟାସ ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।

# ଗଞ୍ଜେଇ ଚାଲାଣ ବେଳେ ୨ ଅଭିଯୁକ୍ତ ଗିରଫ

ଜୟପୁର,୧୭/୧୨ (ନି.ପ୍ର): ଜୟପୁର ସଦରଥାନା ପୁଲିସ ଗତକାଲି ମଧ୍ୟରାତ୍ରୀ ୨ଟା ସମୟରେ ଟ୍ରାକ୍ଟର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ଅଟକାଇ ଲକ୍ଷାଧିକରୁ ଉର୍ଦ୍ଧ୍ୱ ଟଙ୍କା ବେଆଇନ ୧ କୁଇଂଟାଲ ୯୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛନ୍ତି ଓ ଏହାକୁ ଚାଲାଣ କରୁଥିବା ଅଭିଯୋଗରେ ମାଛକୁଣ୍ଡ ଥାନା ବିଜାଗୁଡା ଗ୍ରାମର ଗୋପୀ ବଜନାୟକ (୩୮) ଏବଂ ବୈପାରୀଗୁଡା ଥାନା ବୋମେଲ ଗ୍ରାମର କୃଷ୍ଣ ଗାଦବା(୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଓ ପୁଲିସ ସୂଚନା ଅନୁଯାୟୀ ଗତ ବିଳମ୍ବିତର ରାତ୍ରିରେ ସଦରଥାନା ପୁଲିସ ଏଏସଆଇ ଅମିୟ ରଞ୍ଜନ ଶଗରିଆ, ବିଦ୍ୟାଧର ମାଝିଙ୍କ ନେତୃତ୍ୱରେ ପୁଲିସ ପେଟ୍ରୋଲିଂ ଦଳ ଜୟପୁର-ମାଲକାନଗିରି ରାସ୍ତା ୩୨୬ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଜବାକନାଡି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟ ଓ ଟ୍ରଲି ସହିତ ଆସୁଥିବା ବେଳେ ପୁଲିସ ଗାଡି ଦେଖି ରାସ୍ତା ପାର୍ଶ୍ୱରେ ଅଟକି ଯାଇଥିଲା ଓ ପୁଲିସ ସନ୍ଦେହ ହେବାରୁ ଉକ୍ତ ଟ୍ରାକ୍ଟରକୁ ଯାଂଚ କରିଥିଲେ ଓ ଟ୍ରଲିର ଏକ ଗୁପ୍ତ ଚାମ୍ବର ନିର୍ମାଣ ହୋଇଥିବା ପୁଲିସ ଯାଂଚ ବେଳେ ଜାଣିବାକୁ ପାଇଥିଲା ଓ ଶେଷରେ ପୁଲିସ ଉକ୍ତ ଚାମ୍ବର ଭିତରୁ ଗଞ୍ଜେଇ ଗନ୍ଧ ଆସୁଥିବା ଜାଣିବା ପରେ ଏହାକୁ ଖୋଲି ଭିତର ବିଭିନ୍ନ ପୋଲିଥିନ ଜରିବସ୍ତାରେ ୧ କୁଇଂଟାଲ ୯୬ କିଲୋଗ୍ରାମ ପରିମାଣର ଗଞ୍ଜେଇ ଜବତ କରିଥିଲେ ଓ ଗିରଫ ଦୁଇଜଣ ବ୍ୟକ୍ତି ମଧ୍ୟରୁ ଜଣେ ଚାଲାଣ କରୁଥିବା ବେଳେ ଅନ୍ୟଜଣେ ଡ୍ରାଇଭରଙ୍କ ପାର୍ଶ୍ୱରେ ବସିଥିଲେ ଓ ଏହାକୁ ମାଛକୁଣ୍ଡ ଥାନା ଅଂଚଳରୁ ଅଣାଯାଇ ଜୟପୁର ସହର କିମ୍ବା ଆଖାପାଖ ଗ୍ରାମାଂଚଳରେ କୌଣସି ଗଞ୍ଜେଇ ମାଫିଆଙ୍କୁ ପ୍ରଦାନ କରିବାକୁ ଯାଉଥିବା ନେଇ ସନ୍ଦେହ କରାଯାଉଛି ଓ ଏହାର ତଦନ୍ତ ଦାୟୀତ୍ୱ ଏସ.ଆଇ ଶିରିଶ ମହାପାତ୍ର କରୁଥିବା ନେଇ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ୬ ଛାତ୍ରଛାତ୍ରୀ ଆଣିଲେ ୧୧ ମାନପତ୍ର



ବାଲିଆପାଳ ,୧୭/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଦୁଇ ଦିନିଆ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରୁ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିବା ଛଅ ଜଣ ଛାତ୍ରଛାତ୍ରୀ ଏଗାର ଟି ବିଭାଗରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏନେଇ ମଙ୍ଗଳବାର ପୂର୍ବାହ୍ନରେ ଶିଶୁ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସମ୍ପାଦକ ରଞ୍ଜନ କୁମାର ବେହେରା,ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଗୁରୁଜୀ ଧରଣୀଧର ନାୟକ,ଗୁରୁମା ଶାନ୍ତି ଲତା ଜେନା ପ୍ରମୁଖ ଯୋଗଦେଇ ଥିଲେ। ଖେଳ ଶିକ୍ଷକ ଅଦ୍ୱୈତ ପାଢୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ବାଳକ ବିଭାଗର ସଂଞ୍ଜିବ ବିଶ୍ୱାଳ ୧୦୦ ମିଟର ଦୌଡରେ ପ୍ରଥମ, ବାଳିକା ବିଭାଗର ଦୀପାଳୀ ମଣ୍ଡଳ ଉଚ୍ଚ ଡିଆଁରେ ପ୍ରଥମ, ରାଜଶ୍ରୀ ମୈକାପ ୪୦୦ ମିଟର ଦୌଡରେ ପ୍ରଥମ, ପ୍ରାଣକୃଷ୍ଣ ମଣ୍ଡଳ ୧୦୦ ମିଟର ଦୌଡରେ ତୃତୀୟ, ପ୍ରଶାନ୍ତ ମଣ୍ଡଳ ୪୦୦ ମିଟର ଦୌଡରେ ତୃତୀୟ, ପପିସ୍ମିତା ବାରିକ ଡିସକସରେ ଦ୍ୱିତୀୟ ଓ ସଟଫୁଟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

# ଧର୍ମଶାଳା ପ୍ରସିଦ୍ଧ ଗଜଉଦ୍ଧାରଣ ପୂଜା ଆରମ୍ଭ

ଧର୍ମଶାଳା,୧୭/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଠାରେ ପବିତ୍ର ଧନୁସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆଜି ଠାରୁ ଆରମ୍ଭ ହୋଇଛି । ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣମୟୀ ମୂର୍ତୀ ସାଙ୍ଗକୁ ବିଭିନ୍ନ ପୌରାଣିକ ମୂର୍ତୀ ପ୍ରତିଷ୍ଠା କରାଯାଇ ଆଜି ଠାରୁ ପୂଜା କରାଯାଇଛି । ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ଓ ପ୍ରଫୁଲ୍ଲ କୁମାର ରାଉତ କର୍ତ୍ତା ଭାବେ ଯୋଗଦେଇ ପୂଜା କାର୍ଯ୍ୟ କରିଛନ୍ତି। ଆଜି ସକାଳୁ ନଦୀରୁ ଜଳ ଅଣାଯାଇ ମଣ୍ଡପରେ କଳସ ପ୍ରତିଷ୍ଠା କରାଯିବା ସହ ରିତିନିତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି । ଏହି ପୂଜା ଅବସରରେ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବର ଶୁଭ ଉଦଘାଟନ କରାଯିବ। ପୂଜାର ପ୍ରଥମ ସଂନ୍ଧ୍ୟାରେ ମଣ୍ଡପ ନିକଟରେ ଚହଟା ଓ ଚୋରମୁହାଁ ଗ୍ରାମର ସଂକୀର୍ତନମଣ୍ଡଳୀଙ୍କ ଦ୍ୱାରା କୀର୍ତନ ପରିବେଷଣ କରାଯିବ । ସେହିପରି ୨୪ ତାରିଖ ପର୍ଯ୍ୟନ୍ତ ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ କରାଯାଇଥିବା ବେଳେ ରଙ୍ଗିନ ଆଲୋକମାଳାରେ ଜାରକା ବଜାରକୁ ସଜାଇ ଦିଆଯାଇଛି ।

# କମଣ୍ଡ ଗ୍ରାମରେ ଅନ୍ୟତ୍ର ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ : ତଦନ୍ତ ଦାବି

ଚମ୍ପୁଆ,୧୭/୧୨ (ନି.ପ୍ର): ସରକାର ଆଦିବାସୀଙ୍କ ଉନ୍ନୟନ କଥା କହୁଥିବା ବେଳେ ଆଦିବାସୀଙ୍କ ସାହି କୁ ଆସିଥିବା କଂକ୍ରିଟ ରାସ୍ତାକୁ ଅନ୍ୟ ସ୍ଥାନରେ ନିର୍ମାଣ କରିଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ ଭୂଇଁପୁର ପଂଚାୟତ ଅନ୍ତର୍ଗତ କମଣ୍ଡ ଗ୍ରାମରେ ବିଧାୟକ ଆଂଚଳିକ ଉନ୍ନୟନ ପାଣ୍ଠି ଯୋଜନାରେ କାରୁଆ ଘରଠାରୁ କମଣ୍ଡ ଚତୁରୀସାହି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ଅଟକଳ ଦୁଇ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଥିବା ସୂଚନା ଫଳକ ଲାଗିଛି। କିନ୍ତୁ ଉକ୍ତ ରାସ୍ତା କାମଟି ଖୋଦ ଚମ୍ପୁଆ ପଂଚାୟତ ସମିତି କାର୍ଯ୍ୟ ନିର୍ବାହୀ ସଂସ୍ଥା ପକ୍ଷରୁ କରାଯାଇଥିଲେ ମଧ ରାସ୍ତା ଟି ଅନ୍ୟସ୍ଥାନରେ କମଣ୍ଡ (କ) ତଳସାହି ରେ ନିର୍ମାଣ ହୋଇ ଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାହି ବାସିନ୍ଦା କହିବା ଅନୁସାରେ କାରୁଆ ଘର ଠାରୁ ଚତୁରୀ ସାହି ରାସ୍ତା ଖରାପ ଥିବାରୁ ଲୋକେ ଯିବା ଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ଦାବୀ ହୋଇ ଥିଲା। ଫଳରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରାଯାଇଛି। କାମଟି ବିଭାଗ ପକ୍ଷରୁ କରିବାକୁ କାର୍ଯ୍ୟାଦେଶ ଦିଆ ଯାଇଥିବା ବେଳେ ବିଭାଗୀୟ ଅଧିକାରୀ ଓ ବିଜେପି କାର୍ଯ୍ୟକର୍ତା ସଲାସୁତରା ହୋଇ ରାସ୍ତା ଟି ନିର୍ଦ୍ଧାରିତ ସ୍ଥାନରେ ନ ହୋଇ ଅନ୍ୟତ୍ର ବିଜେପି କାର୍ଯ୍ୟକର୍ତାଙ୍କ ଘର ସମ୍ମୁଖରେ ନିର୍ମାଣ କରାଯାଇଛି। ଯାହାକୁ ନେଇ ସାହିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଏବଂ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ଦ୍ଧାରିତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୧୮ ଡିସେମ୍ବର ୨୦୨୫


## ଧାରାବାହିକ:

ଭାଗ-୨୬

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା




ଡ. ଶ୍ରୀହରି ପଣ୍ଡା




ଭଗବାନଙ୍କର ମାତାମାନେ ପୁରନାରୀ ପରିବେଷ୍ଟିତ ହୋଇ ଅନ୍ତଃପୁରରୁ ଆସି ପୁତ୍ର ଓ ପୁତ୍ରବଧୂଙ୍କୁ ପାଛୋଟି ନେଲେ । ଦ୍ୱାରିକାରେ ବହୁ ଦିନ ପର୍ଯ୍ୟନ୍ତ ଆନନ୍ଦ ଲାଗିରହିଲା । ରାଜସଭା ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ବହୁ କଷ୍ଟ ସ୍ୱୀକାର ପୂର୍ବକ ମଣି ଆହରଣର ସବିଶେଷ ବୃତ୍ତାନ୍ତ ବର୍ଣ୍ଣାନ କରି ପୁନର୍ବାର ଶକ୍ରାଜିତ ହସ୍ତରେ ସେହି ମଣିକୁ ଅର୍ପଣ କଲେ । ଶତ୍ରାଜିତ ଲଜ୍ଜାରେ ଆଉ ଚଳିପାରିଲେ ନାହିଁ, ଭଗବାନଙ୍କୁ ସନ୍ଦେହ କରି ତାଙ୍କ ପ୍ରତି ଅପରାଧ କରିଛନ୍ତି ବୋଲି ମନରେ ବିଚାରି ଅନୁତାପାନଳରେ ଦଗ୍ଧ ହେବାକୁ ଲାଗିଲେ । ଶେଷରେ ମନରେ ସ୍ଥିର କଲେ ଏହି ମଣି ସହିତ ମୋର ସର୍ବସୁଲକ୍ଷଣା କନ୍ୟା ସତ୍ୟଭାମାଙ୍କୁ ଶ୍ରୀକୃଷ୍ଣଙ୍କ ହସ୍ତରେ ସମର୍ପଣ କରି ମୋର କୃତ ଅପରାଧର ପ୍ରାୟଶ୍ଚିତ କରିବି । ଏହାପରେ ମହା ସମାରୋହରେ ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କର ବିବାହୋତ୍ସବ ପାଳିତ ହେଲା । ବିବାହ ପରେ ଭଗବାନ ଶତ୍ରାଜିତଙ୍କୁ ସ୍ୟମନ୍ତକ ମଣି ଫେରାଇ ଦେଇ କହିଲେ, ହେ ପୂଜ୍ୟତାତ ! ଏହି ମଣିର ପ୍ରସାଦରୁ ମୋତେ ଦୁଇଟି କନ୍ୟାରତ୍ନ ପତ୍ନୀ ସ୍ୱରୂପ ପ୍ରାପ୍ତହେଲେ । ଏହା ମୋ ପକ୍ଷରେ ପରମ ସୌଭାଗ୍ୟ । ମାତ୍ର ଏହି ଅମୂଲ୍ୟ ମଣିକୁ ମୋ ନିଜ ନିକଟରେ ରଖିବାକୁ ଅସମର୍ଥ, ଏହି ସୂର୍ଯ୍ୟକଣ୍ଠସ୍ଥିତ ଜ୍ୟୋର୍ତିମୟ ମଣିକୁ କେବଳ ଆପଣ ସୂର୍ଯ୍ୟଦେବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରିପାରିଥିବାରୁ ନିଜେ ଧାରଣ କରିପାରିବେ । ଅନ୍ୟ ପକ୍ଷରେ ତାହା ସମ୍ଭବ ନୁହେଁ । ଏହା କହି ସ୍ୟମନ୍ତକ ମଣିକୁ ପୁନର୍ବାର ଶତ୍ରାଜିତଙ୍କ ଗଳାରେ ଲମ୍ବାଇ ଦେଲେ ।

### ୫୭ ଅଧ୍ୟାୟ, ( ସ୍ୟମନ୍ତକ ହରଣ, ଶତଧନୁ ବଧ ଓ ଅକ୍ରୂରଙ୍କ ପୁନର୍ବାର ଦ୍ୱାରକା ଆବାହନ)

ଶ୍ରୀଶୁକଦେବ କହିଲେ, ଦିନେ ହସ୍ତିନାପୁରରୁ ଆଗତ ଦୂତ ମୁଖରୁ ଭଗବାନ ରାମକୃଷ୍ଣ ଶୁଣିଲେ ଯେ, ପାଣ୍ଡବ ପଞ୍ଚଭ୍ରାତା ମାତା କୁନ୍ତୀଙ୍କ ସହିତ ଜତୁଗୃହ ମଧ୍ୟରେ ପୋଡି ହୋଇ ମରିଛନ୍ତି । ପ୍ରଭୁ ଶ୍ରୀକୃଷ୍ଣ ଯଦିଓ ଜାଣିଥିଲେ ପାଣ୍ଡବମାନେ ନିରାପଦରେ ଜତୁଗୃହ ମଧ୍ୟରୁ ରାତ୍ରିକାଳରେ ବର୍ହିଗତ ହୋଇ ଚାଲିଯାଇଛନ୍ତି ତଥାପି ଲୋକାଚାର ହେତୁ କପଟ କ୍ରନ୍ଦନ କରି ବଳରାମଙ୍କ ସହିତ ରଥରେ ବସି ହସ୍ତିନାପୁର ଯାତ୍ରାକଲେ । ସେଠାରେ ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ, ବିଦୁର, ଗାନ୍ଧାରୀ ଓ ଧୃତରାଷ୍ଟ୍ର ଆଦିଙ୍କ ପ୍ରତି ସମବେଦନା ଜ୍ଞାପନ କଲେ । ଦ୍ୱାରିକାରେ ଶ୍ରୀକୃଷ୍ଣ ଓ ବଳରାମଙ୍କର ଅନୁପସ୍ଥିତିର ସୁଯୋଗ ନେଇ ଦୁଷ୍ଟ ଶତଧନୁ ତାର ବନ୍ଧୁ କୃତବର୍ମା ସହ ମନ୍ତ୍ରଣା କଲା ଯେ, ଶତ୍ରାଜିତ ତାର କନ୍ୟା ସତ୍ୟାଭାମାକୁ ତା ସହିତ ବିବାହ ଦେବାକୁ କଥାଦେଇ ପରେ ଶ୍ରୀକୃଷ୍ଣଙ୍କୁ ଅର୍ପଣ କଲା । ସେ ଶତ୍ରାଜିତକୁ ହତ୍ୟାକରି ତାଠାରୁ ସ୍ୟମନ୍ତକ ମଣି ହରଣ କରିନେଇ ଏହି ଅପମାନର ପ୍ରତିଶୋଧ ନେବ । ଅକ୍ରୂର ଆଦିଙ୍କ ବାରଣକୁ ନମାନି ସେ ଗଭୀର ନିଶିଥରେ ଶତ୍ରାଜିତଙ୍କ ଗୃହ ମଧ୍ୟରେ ପ୍ରବେଶ କରି ତାଙ୍କୁ ହତ୍ୟାକଲା ଓ ସ୍ୟମନ୍ତକ ମଣିକୁ ଅପହରଣ କରିନେଲା । ଦେବୀ ସତ୍ୟଭାମା ନିଜ ପିତାଙ୍କର ଏପରି ଶୋଚନୀୟ ମୃତ୍ୟୁରେ ଅତ୍ୟନ୍ତ ମର୍ମାହତ ହୋଇ ତାଙ୍କର ପିତାଙ୍କର ଶବକୁ ତୈଳଦ୍ରୋଣୀ ମଧ୍ୟରେ ସ୍ଥାପନ କରି ଅବିଳମ୍ବେ ହସ୍ତିନାପୁର ଯାତ୍ରାକଲେ ଓ ସେଠାରେ ପହଞ୍ଚି ସମସ୍ତ ଘଟଣା ଶ୍ରୀକୃଷ୍ଣଙ୍କ ନିକଟରେ କାନ୍ଦି କାନ୍ଦି ବର୍ଣ୍ଣନା କଲେ । ଶ୍ରୀକୃଷ୍ଣ ମହାକ୍ରୋଧରେ ଦ୍ୱାରିକା ଫେରି ଆସି ଶତଧନୁକୁ ମାରିବାକୁ ଅନ୍ୱେଷଣ କଲେ । ଶତଧନୁ ଶ୍ରୀକୃଷ୍ଣଙ୍କ ଆଗମନ ସମ୍ବାଦ ପାଇ ସ୍ୟମନ୍ତକ ମଣିକୁ ଅକ୍ରୂର ଗୃହରେ ପକାଇ ଦେଇ ପ୍ରାଣ ଭୟରେ ପଳାୟନ କଲା । ମାତ୍ର ଭଗବାନ ଶ୍ରୀକୃଷ୍ଣଙ୍କ କୋପଦୃଷ୍ଟିରୁ ରକ୍ଷା ପାଇଲା ନାହିଁ । ପଥମଧ୍ୟରେ ତାକୁ ଚକ୍ର ପ୍ରହାର କରି ବଧକଲେ ଏବଂ ବହୁ ଅନୁସନ୍ଧାନ କରି ତା ନିକଟରୁ ମଣିକୁ ପାଇଲେ ନାହିଁ । ପ୍ରଭୁ ମନରେ ବିଚାର କଲେ ଶତଧନୁ ପଳାୟନ ପୂର୍ବରୁ ନଷ୍ଟେ ମଣିକୁ ଅନ୍ୟ କାହାରି ହସ୍ତରେ ଦେଇଆସିଛି । ବଳରାମ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଦ୍ୱାରିକା ଫେରିଯାଇ ମଣି ଅନ୍ୱେଷଣ କରିବାକୁ କହି ନିଜେ ପ୍ରିୟବନ୍ଧୁ ଜନକ ରାଜାଙ୍କ ପୁରକୁ ଗମନ କଲେ । ଜନକରାଜା ଶ୍ରୀବଳରାମଙ୍କୁ ଅତ୍ୟନ୍ତ ଆଦରେ ସ୍ୱାଗତ କଲେ । କୁରୁପତି ଦୁର୍ଯ୍ୟୋଧନ ବଳରାମଙ୍କ ଆଗମନ ସମ୍ବାଦ ପାଇ ସେଠାକୁ ଯାଇ ତାଙ୍କଠାରୁ ଗଦାଯୁଦ୍ଧ ଶିକ୍ଷାକଲେ । ପ୍ରଭୁ ଶ୍ରୀକୃଷ୍ଣ ଦ୍ୱାରିକା ଫେରିଆସୁଥିବା ଶୁଣି ଅକ୍ରୂର ମନରେ ବିଚାର କଲେ ମଣି ତାଙ୍କ ଗୃହରେ ଥିବା ହେତୁ ଶ୍ରୀକୃଷ୍ଣ ତାଙ୍କ ପ୍ରତି ମଧ୍ୟ କ୍ରୁଧ ହୋଇପାରନ୍ତି, ତେଣୁ ସେ କୃତବର୍ମାରେ ପରାମର୍ଶରେ ମଣି ସହିତ କାଶିନଗରକୁ ପଳାୟନ କଲେ । ଅକ୍ରୂର ଚାଲିଯିବାପରେ ଦ୍ୱାରକାପୁରରେ ବହୁତ ଅମଙ୍ଗଳ ଘଟିଲା । ବର୍ଷା ନହେବା ଫଳରେ ଶସ୍ୟ ଉତ୍ପାଦନ ହେଲାନାହିଁ । ରାଜ୍ୟରେ ଦୁର୍ଭିକ୍ଷ ପଡିଲା । ଲୋକମାନେ ନାନା ରୋଗବ୍ୟାଧିରେ ଆକ୍ରାନ୍ତ ହେଲେ । ଲୋକମାନେ କଥା ହେଲେ ଯେ, ଅକ୍ରୂରଙ୍କ ଦ୍ୱାରିକା ତ୍ୟାଗ ହେତୁ ଏହି ସବୁ ବିପ୍ରାତ ହେଉଛି । ନଗରର ବୃଦ୍ଧ ବ୍ୟକ୍ତିମାନେ କହିଲେ ଯେ, ଏକ ସମୟରେ କାଶୀନରେଶଙ୍କ ରାଜ୍ୟରେ ବର୍ଷା ନହେବା ଫଳରେ ଦୁର୍ଭିକ୍ଷ ପଡିଲା । ଅନେକ ଲୋକ ଖାଦ୍ୟାଭାବରୁ ମୃତ୍ୟୁବରଣ କଲେ । ସେହି ସମୟରେ ସଫଳ ନାମକ ଜଣେ ଯାଦବ କଠୋର ତପସ୍ୟାରେ ଇନ୍ଦ୍ରଙ୍କୁ ତପସ୍ୟା କରି ବରଲାଭ କରିଥିଲେ, ସେ ଯେଉଁଠାରେ ଥିବେ ଇନ୍ଦ୍ର ପ୍ରଚୁର ବର୍ଷା କରିବେ, ସେ ରାଜ୍ୟ ଅପାଳକ ହେବନାହିଁ । ଏହା ଜାଣି କାଶୀରାଜା ତାଙ୍କର କନ୍ୟା ଗାନ୍ଦିନୀଙ୍କୁ ସଫଳକୁ ଅର୍ପଣ କଲେ । ଅକ୍ରୂର ଏହି ଦମ୍ପତିଙ୍କ ପୁତ୍ର । ତାଙ୍କ ପିତାଙ୍କର ତପ ଫଳରେ ସେ ଯେଉଁଠାରେ ରହୁଥିଲେ ସେଠାରେ ବର୍ଷା ହେଉଥିଲା । ଏବେ ଅକ୍ରୁର ଦ୍ୱାରକା ଛାଡି ଚାଲିଯିବାରୁ ଦ୍ୱାରିକାରେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ପଡିଲା । ପ୍ରଭୁ ଏହା ଜାଣି ଦୂତ ପ୍ରେରଣ କରି ଅକ୍ରୂରଙ୍କୁ ସସମ୍ମାନେ ଡକାଇ ଆଣି ଓ ଅଭୟଦେଇ ସ୍ୟମନ୍ତକ ମଣି ନିଜ ପାଖରେ ରଖିବାକୁ ଅନୁମତି ଦେଲେ । ଅକ୍ରୂର ତାହା କିପରି ନିଜ ଗୃହ ମଧ୍ୟରୁ ହଠାତ୍ ପ୍ରାପ୍ତ ହୋଇଥିଲେ ତାହା ବର୍ଣ୍ଣାନ କରି ଶ୍ରୀକୃଷ୍ଣଙ୍କ ହସ୍ତରେ ଅର୍ପଣ କଲେ । ଭଗବାନ ଅତ୍ୟନ୍ତ ପ୍ରୀତ ହୋଇ କହିଲେ ହେ ପିତୃବ୍ୟ, ତୁମେ ଯେ ସମ୍ପୂର୍ଣ୍ଣ ନିର୍ଦ୍ଦୋଶ ମୁଁ ଜାଣେ । ଶତ୍ଧନୁ ତୁମ ଅଜ୍ଞାତରେ ଏହାକୁ ତୁମ ଗୃହରେ ନିକ୍ଷେପ କରି ପଳାୟନ କରିଥିଲା । ଶତ୍ରାଜିତଙ୍କର ପୁତ୍ର ନଥିବା ହେତୁ ଏହି ମଣିରେ ମୋର ଅଧିକାର । ମାତ୍ର ଏହି ମଣୀ ମୋର କୌଣସି ଆବଶ୍ୟକ ନାହିଁ । ଏହା ତୁମରି ପାଖରେ ଥାଉ । ଏହାକହି ସ୍ୟମନ୍ତକ ମଣିକୁ ପୁନର୍ବାର ଅକ୍ରୂରଙ୍କୁ ଫେରାଇ ଦେଲେ ।

### ୫୮ ଅଧ୍ୟାୟ, (ଭଗବାନ ଶ୍ରୀକୃଷ୍ଣଙ୍କ କାଳନ୍ଦୀ କନ୍ୟା ତଥା ଅନ୍ୟାନ୍ୟ କନ୍ୟାମାନଙ୍କ ସହ ବିବାହ)

ଶ୍ରୀ ଶୁକଦେବ କହିଲେ,ହେ ରାଜା, ପାଣ୍ଡବମାନେ ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସ ଶେଷକରି ଇନ୍ଦ୍ରପ୍ରସ୍ଥ ଫେରି ଆସିବାର ବାର୍ତ୍ତାପାଇ ଭଗାବନ ଶ୍ରୀକୃଷ୍ଣ ସେମାନଙ୍କୁ ସଂଖୋଳିବା ପାଇଁ ସାତ୍ୱକି ସହିତ ଇନ୍ଦ୍ରପ୍ରସ୍ଥ ଯାତ୍ରାକଲେ । ଇନ୍ଦ୍ରପ୍ରସ୍ଥରେ ପହଞ୍ଚି ପାଣ୍ଡବମାନଙ୍କୁ ଆଲିଙ୍ଗନ କରିବା ସହ ସ୍ନେହ, ଶ୍ରଦ୍ଧା ଓ ସମ୍ଭାଷଣ କଲେ । ପାଣ୍ଡବମାନେ ମଧ୍ୟ ତାଙ୍କୁ ସ୍ୱାଗତ କରି ପାଦ ପ୍ରକ୍ଷାଳଣ ସହ ଉତ୍ତମ ଆସନରେ ବସାଇଲେ । ଦ୍ରୌପଦୀ ଭଗବାନଙ୍କର ଚରଣ ବନ୍ଦନା କଲେ । କୁନ୍ତୀ ବନବାସ ଜନିତ ଦୁଃଖ କଥା ଶ୍ରୀକୃଷ୍ଣଙ୍କୁ କହି ଅଶ୍ରୁମୁଞ୍ଚନ କଲେ । ପାଣ୍ଡବମାନଙ୍କ ଶ୍ରଦ୍ଧାରେ ଶ୍ରୀକୃଷ୍ଣ ଏପରି ବାନ୍ଧିଗଲେ ଯେ ବର୍ଷା ଚାରିମାସ ସେଠାରେ ରହିବାକୁ ନିର୍ଣ୍ଣୟ କଲେ । ଦିନେ ପ୍ରଭୁ ଶ୍ରୀକୃଷ୍ଣ ଓ ଅର୍ଜୁନ ମୃଗୟା ନିମନ୍ତେ ଯାଇ ଯମୁନା ତୀରରେ ତପସ୍ୟାରତା ଏକ ଅନିନ୍ଦ୍ୟ ସୁନ୍ଦରୀ କନ୍ୟାକୁ ଦେଖିଲେ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଅର୍ଜୁନ ଯାଇ ସେହି କନ୍ୟାକୁ ଏପରି କଠୋର ତପସ୍ୟାର କାରଣ ଜିଜ୍ଞାସା କରିବାରୁସେ କହିଲେ, ହେ ବୀର, ମୁଁ ସୂର୍ଯ୍ୟଙ୍କର ପୁତ୍ରୀ କାଳନ୍ଦୀ,ବିଷ୍ଣୁରୂପୀ ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବାକୁ ଏହି କଠୋର ତପସ୍ୟା କରୁଛି । ଶ୍ରୀକୃଷ୍ଣ ଏହା ଶୁଣି ପ୍ରସନ୍ନ ହେବା ସହ ତା ନିକଟକୁ ଯାଇ ନିଜର ପରିଚୟ ଦେବାରୁ ସେ ନିଜର ଇପ୍ସିତ ପୁରୁଷଙ୍କୁ ଦେଖି ଆତ୍ମହରା ହେଲେ ଏବଂ ଚରଣ ବନ୍ଦନା କଲେ । ଶ୍ରୀକୃଷ୍ଣ ମଧ୍ୟ କାଳନ୍ଦୀଙ୍କ ହସ୍ତଧାରଣ ପୂର୍ବକ କୋଳରେ ବସାଇ ରଥାରୋହଣ କରି ଅର୍ଜୁନଙ୍କ ସହ ଇନ୍ଦ୍ରପ୍ରସ୍ଥ ପ୍ରତ୍ୟାବର୍ତ୍ତନ କଲେ । ପରେ ଶ୍ରୀକୃଷ୍ଣ ଦ୍ୱାରିକା ଫେରିଯାଇ କାଳନ୍ଦୀଙ୍କ ନିମନ୍ତେ ବିଶ୍ୱକର୍ମାଙ୍କ ଦ୍ୱାରା ଏକ ସୁନ୍ଦର ପୁର ନିର୍ମାଣ କରି ସେଠାରେ ରଖାଇଲେ । ଶ୍ରୀକୃଷ୍ଣ ଯେତେବେଳେ ଇନ୍ଦ୍ରପ୍ରସ୍ଥରେ ଥିଲେ ଏକଦା ଅଗ୍ନିଦେବ ଆସି କହିଲେ, ହେ ସତ୍ୟବ୍ରତ ଯଜ୍ଞରେ ମୁଁ ବହୁତ ଘୃତାହୂତି ସେବନ କରି ବ୍ୟାଧିଗ୍ରସ୍ତ ହୋଇପଡିଛି । ଇନ୍ଦ୍ର ଦେବଙ୍କ ସୁରକ୍ଷିତ ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ଖାଣ୍ଡବ ବନକୁ ଭକ୍ଷଣ କଲେ ମୋର ସେହି ଦୁରାରୋଗ୍ୟ ବ୍ୟାଧୀ ମୋଚନ ହେବ । ମାତ୍ର ଇନ୍ଦ୍ରଙ୍କର ମେଘ-ଶର ଡରରେ ମୁଁ ତାହା କରିବାକୁ ଅସମର୍ଥ । କେବଳ ଆପଣ କିମ୍ବା ଅର୍ଜୁନ ଏହି କାମ କରିପାରିବେ । ଶ୍ରୀକୃଷ୍ଣଙ୍କର ଅଗ୍ନିଦେବଙ୍କ ପ୍ରତି ଦୟା ହେବାରୁ ସେ ଅର୍ଜୁନଙ୍କୁ ଅଗ୍ନିଙ୍କ ସହାୟତା କରିବାକୁ ନିର୍ଦ୍ଦେଶ ଦେଲେ । ଅର୍ଜୁନଙ୍କ ସାହାଯ୍ୟ ପାଇ ଅଗ୍ନି ସମ୍ପୂର୍ଣ୍ଣ ଗ୍ରାସକରି ନିଜର ବ୍ୟାଧୀରୁ ମୁକ୍ତହେଲେ । ଅଗ୍ନି ଏଥିରେ ସନ୍ତୁଷ୍ଟ ହୋଇ ଅର୍ଜୁନଙ୍କୁ ଶ୍ୱେତରଥ, ଶ୍ୱେତକୁଞ୍ଜର ଅଭେଦ କବଚ, ଅକ୍ଷୟ ତୂଣୀର ଓ ଅଭେଦ ଦେବାସ୍ତ୍ର ପ୍ରଦାନ କଲେ । ଖାଣ୍ଡବ ବନ ଦହନ କାଳରେ ସେଠାକାର ବାସ କରୁଥିବା ଅସୁର ଶିଳ୍ପୀ ମୟ ଦାନବଙ୍କର ଜୀବନ ରକ୍ଷା କରିଥିବାରୁ ସେ ଅର୍ଜୁନଙ୍କୁ କୃତଜ୍ଞତା ସ୍ୱରୂପ ଇନ୍ଦ୍ରପ୍ରସ୍ଥରେ ଏକ ସୁନ୍ଦର ସଭାଗୃହ ନିର୍ମାଣ କରିଦେଲେ । ଯେଉଁଠାରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞକାଳରେ ଦୁର୍ଯ୍ୟୋଧନ ସେହି ସଭାଗୃହରେ ଏକ ଅଂଶରେ ଭୁଲ ବଶତଃ ସ୍ଥଳକୁ ଜଳ ମନେକରି ଅପମାନିତ ହୋଇଥିଲେ । ଶ୍ରୀ ଶୁକଦେବ କହିଲେ, ଅବନ୍ତୀପୁରର ରାଜା ବିନ୍ଦ ଓ ତାଙ୍କର ଭ୍ରାତା ଅନୁବିନ୍ଦ ଦୁହେଁ ଦୁର୍ଯ୍ୟୋଧନର ଅନୁଗତ ଥିଲେ । ଅବନ୍ତୀପୁର ରାଜାଙ୍କର ଏକ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ମିତ୍ରବିନ୍ଦା ଥିଲେ ଯିଏକି ସର୍ବଦା କୃଷ୍ଣପ୍ରାଣା ଏବଂ ତାଙ୍କୁ ନିଜର ପତିରୂପେ ବରଣ କରିଥିଲେ । ତେଣୁ ଶ୍ରୀକୃଷ୍ଣ ତାଙ୍କୁ ସ୍ୱୟମ୍ବର ସଭାରୁ ବଳ ପୂର୍ବକ ନେଇଯାଇ ବିବାହ କରିଥିଲେ । କୋଶଳ ଦେଶର ରାଜା ଲଗ୍ନାଜିତଙ୍କର ପରମ ରୂପବତୀ, ଗୁଣବତୀ କନ୍ୟା ସତ୍ୟାର ବିବାହ ନିମନ୍ତେ ସର୍ତ୍ତ ରଖିଥିଲେ ଯେ ଯିଏ ବଳବାନ ରାଜକୁମର ତାଙ୍କର ବଳବାନ ଅବିଦ୍ଧ ନାସିକା ସପ୍ତ ବୃଷଭଙ୍କୁ ଏକାଥରେ ବାନ୍ଧିପାରିବ ସେ ତାଙ୍କୁ କନ୍ୟାକୁ ଅର୍ପଣ କରିବେ । ବହୁ ରାଜକୁମାର ବୃଥା ପ୍ରୟାସ କରି ବିଫଳହେବାପରେ ଭଗବାନ ଶ୍ରୀକୃଷ୍ଣ ଏହି ସମ୍ବାଦ ପାଇ ସେଠାରେ ସୈନ୍ୟସହ ଉପସ୍ଥିତ ହେବାରୁ ପରମ ଧାର୍ମିକ ରାଜା ତାଙ୍କୁ ସ୍ୱାଗତ ଜଣାଇ ଉତ୍ତମ ପାନଭୋଜନ ଓ ଆସନରେ ବସାଇ ଆସିବାର କାରଣ ଜିଜ୍ଞାସା କରିବାରୁ ଶ୍ରୀକୃଷ୍ଣ କନ୍ୟାର ପାଣିଗ୍ରହଣ ନିମନ୍ତେ ଆସିଥିବା କହିଲେ । କୋଶଳ ରାଜ ଆନନ୍ଦିତ ହେବା ସହ ସଂକଳ୍ପ ବିଷୟ କହିବାରୁ ଭଗବାନ ରାଜି ହୋଇ ବିରାଟ ଜନସମୁଦ୍ର ପରିବେଷ୍ଟିତ ଶକ୍ତ ଆବରଣ ଯୁକ୍ତ ଏକ ବିସ୍ତୃତ ଆଙ୍ଗନରେ ମଧ୍ୟରେ ଉନ୍ମତ୍ତ ଭାବେ ଇତସ୍ତତଃ ଭ୍ରମଣ କରୁଥିବା ବଳବାନ ସପ୍ତ ବୃଷଭଙ୍କୁ ଶ୍ରୀକୃଷ୍ଣ ସମସ୍ତଙ୍କ ଅଗୋଚରରେ ମାୟା ସପ୍ତରୂପ ହୋଇ ଅନାୟସରେ ଏକ ସମୟରେ ଦୃଢ ରଜ୍ଜୁରେ ବାନ୍ଧିପକାଇଲେ । ଏହି ଅଲୌକିକ ଘଟଣା ଦେଖି ସମସ୍ତେ ଶ୍ରୀକୃଷ୍ଣଙ୍କ ଜୟଧ୍ୱନି ପକାଇଲେ । ରାଜା ଲଗ୍ନାଜିତ କନ୍ୟାକୁ ମହାସମାରୋହରେ ବିବାହ କରିବା ସହ ବହୁ ଯୌତୁକ ପ୍ରଦାନ କରି ବିଦାୟ ଦେଲେ । ପଥ ମଧ୍ୟରେ କନ୍ୟାକୁ ଲାଭ କରିନପାରି ଅପମାନିତ ହୋଇ ଫେରିଯାଇଥିବା ରାଜକୁମରମାନେ ଦ୍ୱନ୍ଦ୍ୱ ଆରମ୍ଭ କରିବାରୁ ଏକାକୀ ଅର୍ଜୁନ ସମସ୍ତଙ୍କୁ ଘଉଡାଇ ଦେଇଥିଲେ । ଏହାପରେ ଶ୍ରୀକୃଷ୍ଣ ଦୂର ସମ୍ପର୍କୀୟା ଭଦ୍ରା ଓ ଲକ୍ଷଣା ନାମ୍ନୀ ଦୁଇ କନ୍ୟା ଏବଂ ନାରକାସୁରକୁ ବଧ କରି ସେ ବନ୍ଦୀ କରିଥିବା ଏକ ସହସ୍ର କନ୍ୟାକୁ ବିବାହ କରିଥିଲେ ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# ଦେବାର ଆନନ୍ଦ




ଶ୍ୱେତା ରାଉତ୍


ଗୋଟେ ବସ୍ ରେ ଅନେକ ଯାତ୍ରୀ ଯାଉଥିଲେ। ଜଣେ ମହିଳା ଲମ୍ବା ଯାତ୍ରାରେ ଥିଲେ। ପ୍ରତି ଛକରେ ଲୋକ ଉଠୁଥାନ୍ତି, ପୁଣି ବସ୍ ନିଜ ଗନ୍ତବ୍ୟ ଆଦେ ଚାଲୁଥାଏ। ମହିଳା ଜଣକ ଦେଖିଲେ ତାଙ୍କ ପାଖରେ ଜଣେ ଗର୍ଭବତୀ ମହିଳା ଛିଡ଼ା ହୋଇଛନ୍ତି, ଆଉ ଖାଲି ସିଟ୍ ନାହିଁ। ମହିଳା ଜଣକ ଉଠିପଡ଼ି ନିଜ ସିଟ୍‌ରେ ତାଙ୍କୁ ବସାଇ ଦେଲେ ଓ ସେ ଠିଆ ହେଲେ। କିଛି ବାଟ ପରେ ଗର୍ଭବତୀ ମହିଳା ଜଣକ ଉତରି ଗଲେ। ମହିଳା ଜଣକ ନିଜ ସିଟ୍ ରେ ବସି ପଡିଲେ। କିଛି ବାଟ ପରେ ଜଣେ ବୃଦ୍ଧ ବ୍ୟକ୍ତି ବସରେ ଉଠିଲେ ଓ ସେ ବି ସିଟ୍ ନପାଇ ଠିଆ ହୋଇ ଗଲେ। ମହିଳା ଜଣଙ୍କୁ ଭଲ ଲାଗିଲା ନାହିଁ, ସେ ଉଠି ପଡ଼ି ନିଜ ସିଟ୍‌ରେ ବୃଦ୍ଧଙ୍କୁ ବସିବାକୁ କହିଲେ ଓ ନିଜେ ଠିଆ ହୋଇଗଲେ। ବୃଦ୍ଧ ବ୍ୟକ୍ତି କିଛି ବାଟ ପରେ ଉତରି ଗଲେ। ମହିଳା ଜଣଙ୍କ ନିଜ ସିଟ୍ ରେ ବସି ଯାତ୍ରା କଲେ। ଏଥର। ଗୋଟେ କଲେଜ ପିଲା (ଝିଅ)ଟିଏ ବସରେ ଉଠିଲା ଓ ସିଟ୍ ନପାଇ ସେ ବି ଠିଆ ହୋଇ ଗଲା। ମହିଳା ଜଣଙ୍କ ସବୁ ଆଡ଼କୁ ଚାହିଁଲେ, ଦେଖିଲେ ସିଟ୍ ନାହିଁ, ପୂର୍ବ ପରି ସେ ଝିଅଟିକୁ ନିଜ ସିଟ୍ ରେ ବସାଇ ଠିଆ ହୋଇଗଲେ। ଝିଅଟି ଆଗ ଛକରେ ଉତରି ଯିବା ପରେ ମହିଳାଜଣଙ୍କ ପୁଣି ନିଜ ସିଟ୍ ରେ ବସି ପଡିଲେ। ଏସବୁ ପଛରେ ଥାଇ ଅନ୍ୟ ଜଣେ ଅଧ୍ୟାପିକା ଦେଖୁଥିଲେ। ସେ ମହିଳା ଜଣଙ୍କ ପାଖକୁ ଆସି ପଚାରିଲେ'ମୁଁ ଲକ୍ଷ କରୁଛି ଆପଣ ବସରେ ବସିବା ପରଠୁ ସମସ୍ତଙ୍କୁ ନିଜ ସିଟ୍ ରେ ବସାଇ ଠିଆ ହୋଇ ଆସୁଛନ୍ତି,ଗର୍ଭବତୀ ମହିଳା ଓ ବୃଦ୍ଧ ବ୍ୟକ୍ତିଙ୍କ କଥା ଠିକ୍ ଅଛି ଆପଣ ତାଙ୍କୁ ବସାଇଲେ। ହେଲେ ହୃଷ୍ଟପୃଷ୍ଟ ଝିଅଟି ତ ଠିଆ ହୋଇ ଯାଇପାରିଥାନ୍ତା, ଆପଣ ତାକୁ ସିଟ୍‌ରେ ବସାଇ ନିଜେ ଠିଆ ହୋଇ ଆସୁଥିଲେ କାହିଁକି' ? ମହିଳା ଜଣକ ଉତ୍ତର ଦେଲେ'ଈଶ୍ୱର ଆମକୁ ଏତେ ବଡ ଦୁନିଆ ଦେଇଛନ୍ତି,ଏ ଜୀବନ, ଏ ସଂସାର ସବୁ ଦେଇଛନ୍ତି। ଆମେ ତାଙ୍କର ସନ୍ତାନ ହୋଇ ଦେବାରେ ଆନନ୍ଦ ରଖିପାରିବାନି ! ! ମୁଁ ଗରିବ ଲୋକଟିଏ, ମୋର ଧନ ସମ୍ପତ୍ତି ନାହିଁ ଦାନ କରିବାକୁ, ହେଲେ କାହାକୁ ଟିକେ ଖୁସି, କାହାକୁ ଟିକେ ଆରାମ ତ ଦେଇପାରିବି, ଏତିକି ତ ମୋ ହାତରେ ଅଛ।

କେତେ ସୁନ୍ଦର କଥାଟିଏ କହିଲେ ମହିଳା ଜଣକ। କେବଳ ଧନ ସମ୍ପତ୍ତି ନୁହେଁ, କାହାକୁ ଟିକେ ସମୟ ଦେବା, କାହାକୁ ଟିକେ ଆନନ୍ଦ ଦେବା ବି ବଡ ପୁଣ୍ୟର କାମ। ଈଶ୍ୱର ଆମଠୁ ଏତିକି ଚାହାନ୍ତି।

ଈଶ୍ୱର ଆମକୁ ଏ ସୁନ୍ଦର ସଂସାର ଦେଇଛନ୍ତି, ଏ ସଂସାରରେ ଯାହାକୁ ଆଖି ପକାଇବା ସବୁ ତାଙ୍କରି ସୃଷ୍ଟି, ତେଣୁ ତାଙ୍କୁ ଆମେ ଆଉ କଣ ବା ଦେବା। ଫୁଲ, ଧୂପ, ଚନ୍ଦନ, ପ୍ରସାଦ ଏସବୁ ତ ପ୍ରଭୁଙ୍କର, ସେଥିପାଇଁ ତ ଶାସ୍ତ୍ରରେ ଅଛି 'ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ' ଅର୍ଥାତ୍ - ସବୁତ ତୁମରି ପ୍ରଭୁ,ତୁମ ଜିନିଷ ତୁମକୁ ଅର୍ପଣ କରୁଛି, ଗ୍ରହଣ କର। ଈଶ୍ୱର ଆମଠୁ କିଛି ଚାହାନ୍ତିନି, କେବଳ ଆମେ କିଭଳି ଆମର ଦାୟିତ୍ୱ ପ୍ରତିପାଦନ କରୁଛନ୍ତି ତାହା ହିଁ ଦେଖନ୍ତି। ଆମ କର୍ମ ଆମ ଭାଗ୍ୟ ନିର୍ଦ୍ଧାରଣ କରେ। ବାସ୍ତବିକ ଦେବାରେ ଯେଉଁ ଆନନ୍ଦ ଥାଏ ନେବାରେ ନଥାଏ। ଏବେ ମଣିଷ ନେବା ପାଇଁ ବ୍ୟାକୁଳ। ସବୁ କିଛି ନିଜ କବଳରେ କରିନେବାକୁ ଜୀବନ ସହିତ ପ୍ରତିଯୋଗିତା କରିଚାଲିଛି ମଣିଷ। ଅନ୍ୟକୁ ଦୁଃଖ, କଷ୍ଟ, ନିନ୍ଦା, ଅପବାଦ ଦେବାରେ ଆନନ୍ଦ ଲଭୁଛି। ଯେପର୍ଯ୍ୟନ୍ତ ମଣିଷ ନିଜର ବିଚାର ପରିବର୍ତ୍ତନ ନକରିବ ଦେବାର ଆନନ୍ଦ ଉପଲବ୍ଧି କରି ପାରିବ ନାହିଁ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,

ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ: ୯୪୩୯୭୨୬୦୬୦


# ପାର୍ଟନର ସହ ଝଗଡା ହେବା ପରେ କେବେ ବି କରନ୍ତୁ ନାହିଁ ଏହି ୩ ଭୁଲ୍

ପାର୍ଟନର ସହ ଝଗଡା ହେବା ପରେ ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।



ଅନେକ ଲୋକ ଅଛନ୍ତି ଯେଉଁମାଙ୍କର ଅଭ୍ୟାସ ନିଜ ପାର୍ଟନର ସହ ଝଗଡା ପରେ ପରେ ଶୀଘ୍ର ଆପୋଷ ବୁଝାମଣା କରିନେବା। କିନ୍ତୁ ବିଚାର ସମାନ ହୋଇଥିଲେ ମଧ୍ୟ କାମ ଭିନ୍ନ ହୋଇଥାଏ ଏବଂ ବିବାଦ ବଢିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କ ପାର୍ଟନରଙ୍କ ସହ ଝଗଡା ହେବା ପରେ ଆପଣ ଏହାର ସମାଧାନକୁ ନେଇ ଚିନ୍ତା କରନ୍ତି।

କିନ୍ତୁ ଏହା କରିବା ସମୟରେ ହୋଇଯାଉଥିବା ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

ସମ୍ପର୍କରେ ଝଗଡା ହେବା ଏକ ସ୍ୱାଭାବିକ କଥା। ପ୍ରତିଦିନ ଏମିତି ହେବା ମଧ୍ୟ ଜରୁରୀ କାରଣ ଏହା ହିଁ ସମ୍ପର୍କକୁ ଦୃଢ ଏବଂ ମଧୁର କରିଥାଏ। କାରଣ ଯେପର୍ଯ୍ୟନ୍ତ କଥାବାର୍ତ୍ତା ବନ୍ଦ ନ ହୋଇଛି ଏବଂ ପରସ୍ପରର ଚେହେରା ଦେଖିବାକୁ ପସନ୍ଦ ନ କରିଛେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ। ତେବେ ଝଗଡା ପରେ, କିଛି କଥା ଜାଣିଶୁଣି କିମ୍ବା ଅଜାଣତରେ ବିବାଦ ବଢାଇବା ଆରମ୍ଭ କରେ। ତେବେ ଆସନ୍ତୁ ସେସବୁ ବିଷୟରେ ଜାଣିବା।

*ଝଗଡାର କାରଣକୁ ନେଇ ଚିନ୍ତା କରିବା:*

ଅନେକ ସମୟରେ ପାର୍ଟନରଙ୍କ ମଧ୍ୟରେ ହେଉଥିବା ଝଗଡା ମନକୁ ମନ ଶାନ୍ତ ପଡିଯାଏ। କିନ୍ତୁ କେହି ଯଦି ସବୁବେଳେ ଭାବେ ଯେ ସେମାନଙ୍କ ମଧ୍ୟ ଝଗଡା କାହିଁକି ହେଲା, ତେବେ ଏଥିରେ ଝଗଡା କମିବ ନାହିଁ। ତେଣୁ ଯଦି ଆପଣ ଝଗଡାକୁ ଅନ୍ତ କରିବାକୁ ଚାହାଁନ୍ତି, ତେବେ ଝଗଡା କେଉଁଠାରୁ ଆରମ୍ଭ ହେଲା ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ, କାରଣ ଏହା କରିବା ଦ୍ୱାରା ଝଗଡା ପୁଣି ଥରେ ହୋଇପାରେ। କାରଣ ଏହା ପାର୍ଟନରକୁ ଆହୁରି କ୍ରୋଧିତ କରିଥାଏ।



*ଦେଖାଣିଆ ବୁଝାମଣା:*

ଯଦି ଆପଣ ଝଗଡା ସମାଧାନ କରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହାନ୍ତି ତେବେ ଏହାକୁ କେବଳ ଦେଖାଣିଆ ପାଇଁ ନୁହେଁ ବରଂ ଏହାକୁ ହୃଦୟରୁ କରନ୍ତୁ। କାରଣ ଅନେକ ସମୟରେ ଛଳନା ଧରାପଡିଯାଏ ଏବଂ ତା'ପରେ ଆଉ ଏକ ନୂଆ ବିତର୍କ ଆରମ୍ଭ ହୁଏ।

ଯଦି ଭୁଲଟି ନିଜର ତେବେ ଏହାକୁ ସହଜରେ ଗ୍ରହଣ କରନ୍ତୁ ଏବଂ ସରୀ ମାଗନ୍ତୁ ଏବଂ ଯଦିବି ଭୁଲ ପ୍ରତିପକ୍ଷର ଥାଏ ତେବେ ପରିସ୍ଥିତିକୁ ବୁଝି ସମାଧାନ କରିବାର ବାଟ କାଢନ୍ତୁ। ଅଧିକାଂଶ ଯୋଡି ସମାଧାନକୁ କେବଳ ଦେଖାଣିଆ କରନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ଆପଣଙ୍କ ସମ୍ପର୍କ ପାଇଁ ଠିକ୍ ନୁହେଁ। ଯଦି ଆପଣଙ୍କ ସାଥୀଙ୍କ ସହ ଆପଣଙ୍କର କୌଣସି ଅସୁବିଧା ଅଛି ତେବେ ଏହାକୁ ଆଲୋଚନା କରନ୍ତୁ ଏବଂ ସମାଧାନର ରାସ୍ତା ଖୋଜନ୍ତୁ।

*ତତ୍କ୍ଷଣାତ ପଦକ୍ଷେପ ନେବା:*

ଝଗଡାର ସମାଧାନ ପାଇଁ ତତ୍କ୍ଷଣାତ ପଦକ୍ଷେପର କୌଣସି ଅର୍ଥ ନାହିଁ। ଯଦି କୌଣସି ଏକ ଗମ୍ଭୀର ପ୍ରସଙ୍ଗକୁ ନେଇ ଯୁକ୍ତି ଅଛି, ତେବେ ଆପଣଙ୍କ ସାଥୀଙ୍କୁ ଶାନ୍ତ ହେବାକୁ ସୁଯୋଗ ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରଦୂଷଣ କବଳରେ ଲାଲକିଲ୍ଲା: ଫିକା ପଡୁଛି ଇତିହାସର ରଙ୍ଗ

ଦିଲ୍ଲୀର ଗୌରବ ଏବଂ ଆମ ଦେଶର ଗୌରବମୟ ଇତିହାସର ପ୍ରତୀକ ଲାଲକିଲ୍ଲା, ବର୍ତ୍ତମାନ ଏକ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦିଲ୍ଲୀର ଅତ୍ୟଧିକ ବାୟୁ ପ୍ରଦୂଷଣ ଯୋଗୁଁ ଏହି ଐତିହାସିକ ସ୍ମାରକୀର କାନ୍ଥଗୁଡ଼ିକରେ 'କଳା ରଙ୍ଗର ଆବରଣ' ସୃଷ୍ଟି ହେଉଛି । ଏହି ତଥ୍ୟ କେବଳ ପରିବେଶବିତ୍‌ମାନଙ୍କୁ ନୁହେଁ, ବରଂ ଦେଶର ସାଧାରଣ ଜନତାଙ୍କ ମଧ୍ୟରେ ମଧ୍ୟ ଚିନ୍ତା ବଢ଼ାଇଛି।

ଆଇଆଇଟି ରୁରକି, ଆଇଆଇଟି କାନପୁର ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସମେତ ଭାରତ ଏବଂ ଇଟାଲୀର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ନିକଟ ଅଧ୍ୟୟନରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ଅଧ୍ୟୟନ ଅନୁଯାୟୀ, ବାୟୁରେ ଥିବା ସୂକ୍ଷ୍ମ କଣିକା (**particulate matter**) ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଭଳି ପ୍ରଦୂଷକ ଲାଲକିଲ୍ଲାର ଲାଲ୍ ବାଲୁକା ପଥର ସହିତ ରାସାୟନିକ ପ୍ରତିକ୍ରିୟା କରୁଛି । ଏହାଦ୍ୱାରା କାନ୍ଥ ଉପରେ ଏକ କଳା ଆବରଣ ସୃଷ୍ଟି ହେଉଛି, ଯାହାର ମୋଟେଇ ୦.୦୫ ମିଲିମିଟରରୁ ୦.୫ ମିଲିମିଟର ପର୍ଯ୍ୟନ୍ତ ରହିଛି । ଏହି ଆବରଣରେ ଜିପସମ୍, ବାସାନାଇଟ୍ ଏବଂ ଓ୍ୱେଡେଲାଇଟ୍ ସହିତ ସୀସା, ଦସ୍ତା ଓ କ୍ରୋମିୟମ୍ ଭଳି ଭାରୀ ଧାତୁ ମଧ୍ୟ ମିଳିଛି, ଯାହା ମୁଖ୍ୟତଃ ଯାନବାହାନରୁ ନିର୍ଗତ ଧୂଆଁ, ସିମେଣ୍ଟ କାରଖାନା ଏବଂ ନିର୍ମାଣ କାର୍ଯ୍ୟରୁ ଆସିଥାଏ । ଯଦି ଏହି ଆବରଣକୁ ଶୀଘ୍ର ହଟା ନଯାଏ, ତେବେ ଏହା କିଲ୍ଲାର ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ସ୍ଥାପତ୍ୟର ସୌନ୍ଦର୍ଯ୍ୟକୁ ସବୁଦିନ ପାଇଁ ନଷ୍ଟ କରିଦେବାର ଆଶଙ୍କା ରହିଛି। ଗବେଷକମାନେ ଏହା ମଧ୍ୟ ଲକ୍ଷ୍ୟ କରିଛନ୍ତି ଯେ, ପ୍ରଦୂଷଣ ଏବଂ ଆର୍ଦ୍ରତା ଯୋଗୁଁ କାନ୍ଥଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ପ୍ଲାଷ୍ଟର ଫୁଲିଯାଉଛି ଏବଂ ଚୋପା ଛାଡ଼ିବା ଆରମ୍ଭ କରିଛି ।

ଦିଲ୍ଲୀ, ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରମାନଙ୍କ ମଧ୍ୟରୁ ଅନ୍ୟତମ । ବିଶେଷକରି ଶୀତଦିନେ ଏହାର ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ହୋଇଯାଏ। ଏହାର କାରଣ ହେଉଛି 'ତାପମାତ୍ରା ଓଲଟା' (**temperature inversion**) ନାମକ ଏକ ପାଣିପାଗ ସ୍ଥିତି, ଯେଉଁଥିରେ ଥଣ୍ଡା ବାୟୁ ତଳେ ରହିଯାଏ ଏବଂ ଉପରର ଗରମ ବାୟୁ ଏକ ଢାଙ୍କୁଣୀ ପରି କାମ କରେ । ଏହାଦ୍ୱାରା ପ୍ରଦୂଷକଗୁଡ଼ିକ ବାୟୁମଣ୍ଡଳର ଉପରକୁ ଯାଇ ନପାରି ଭୂପୃଷ୍ଠ ନିକଟରେ ଜମାଟ ବାନ୍ଧି ରହନ୍ତି, ଯାହା ସ୍ଥିତିକୁ ଆହୁରି ଭୟାବହ କରିଦିଏ । ଏକ ଅଧ୍ୟୟନ ଅନୁଯାୟୀ, ଦିଲ୍ଲୀର ଚଗ୨.୫ ପ୍ରଦୂଷଣରେ ପ୍ରାୟ ୪୧% ଭାଗ ଯାନବାହନର, ୧୮% ଶିଳ୍ପାଞ୍ଚଳର ଏବଂ ୬% ନିର୍ମାଣ କାର୍ଯ୍ୟରୁ ଉତ୍ପନ୍ନ ଧୂଳିର ଅବଦାନ ରହିଛି। ଏହା ବ୍ୟତୀତ, ପଡ଼ୋଶୀ ରାଜ୍ୟ ପଞ୍ଜାବ ଓ ହରିୟାଣାରେ ନଡ଼ା ପୋଡ଼ିବା ମଧ୍ୟ ଦିଲ୍ଲୀର ବାୟୁ ପ୍ରଦୂଷଣକୁ ବହୁଗୁଣିତ କରିଥାଏ । ଏହି ପ୍ରଦୂଷଣ କେବଳ ଐତିହ୍ୟ ସ୍ଥଳୀକୁ ନୁହେଁ, ବରଂ ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଉଛି । ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ, କର୍କଟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦିଲ୍ଲୀବାସୀଙ୍କ ପାଇଁ ଏକ ସାଧାରଣ କଥା ପାଲଟିଛି ।

ଏହା ପ୍ରଥମ ଘଟଣା ନୁହେଁ ଯେ, ପ୍ରଦୂଷଣ ଯୋଗୁଁ ଆମର ଐତିହ୍ୟ ସ୍ଥଳୀ କ୍ଷତିଗ୍ରସ୍ତ ହେଉଛି । ଏହା ଏକ ବ୍ୟାପକ ସମସ୍ୟା, ଯାହା ଆମର ସାଂସ୍କୃତିକ ଐତିହ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ୨୦୧୮ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ତାଜମହଲର ରଙ୍ଗ ବାୟୁ ଏବଂ ଜଳ ପ୍ରଦୂଷଣ ଯୋଗୁଁ ହଳଦିଆ ଓ ସବୁଜ-ମାଟିଆ ହୋଇଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ମଥୁରା ତୈଳ ବିଶୋଧନାଗାରରୁ ନିର୍ଗତ ସଲଫର ଡାଇଅକ୍ସାଇଡ୍ (**SO2**) ବର୍ଷାଜଳ ସହ ମିଶି ଅମ୍ଳ ବର୍ଷା ସୃଷ୍ଟି କରେ, ଯାହା ତାଜମହଲର ଶ୍ୱେତ ମାର୍ବଲକୁ କ୍ଷୟ କରିବାରେ ମୁଖ୍ୟ କାରଣ ପାଲଟିଛି । ସେହିଭଳି, ମଧ୍ୟପ୍ରଦେଶର ଗ୍ୱାଲିଅର ଦୁର୍ଗର ଲାଲ୍ ବାଲୁକା ପଥର ମଧ୍ୟ ଶିଳ୍ପ ଏବଂ ଯାନବାହନରୁ ନିର୍ଗତ ପ୍ରଦୂଷକ ଯୋଗୁଁ କ୍ଷତିଗ୍ରସ୍ତ ହେଉଛି । ହାଇଦ୍ରାବାଦର ପ୍ରସିଦ୍ଧ ଚାରମିନାର ଉପରେ ଧୂଳି ଜମା ହୋଇ ଏହାର ରଙ୍ଗକୁ ମଳିନ କରିଦେଉଛି । ଏହିସବୁ ଘଟଣା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଆମର ଐତିହ୍ୟ ସ୍ଥଳୀଗୁଡ଼ିକ କେତେ ବଡ଼ ବିପଦର ସମ୍ମୁଖୀନ ।

ଲାଲକିଲ୍ଲା ଉପରେ ହୋଇଥିବା ଅଧ୍ୟୟନରେ ଏହାକୁ ସୁରକ୍ଷା ଦେବା ପାଇଁ କିଛି ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କଳା ଆବରଣକୁ ସହଜରେ ସଫା କରାଯାଇପାରିବ। ଏହା ସହିତ, ଅଧିକ ପ୍ରଭାବିତ ଅଞ୍ଚଳରେ ପଥର ସୁରକ୍ଷାକାରୀ ବା ସିଲାଣ୍ଟ (**sealants**) ଲଗାଇବା ଦ୍ୱାରା ଭବିଷ୍ୟତରେ ଏହି ସମସ୍ୟାକୁ ରୋକାଯାଇପାରିବ । କିନ୍ତୁ ଏହିସବୁ ଉପଚାର ମାତ୍ର ସାମୟିକ ସମାଧାନ। ଯେପର୍ଯ୍ୟନ୍ତ ମୂଳ ସମସ୍ୟା, ଅର୍ଥାତ୍ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରା ନ ଯାଇଛି, ସେପର୍ଯ୍ୟନ୍ତ ଆମର ଐତିହ୍ୟ ସ୍ଥଳୀଗୁଡ଼ିକ ଉପରେ ବିପଦ ଲାଗି ରହିବ । ଏଥିପାଇଁ ସରକାର ଏବଂ ନାଗରିକ ଉଭୟଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ।

ସରକାରଙ୍କୁ ବାୟୁ ପ୍ରଦୂଷଣ ରୋକିବା ପାଇଁ କଠୋର ନିୟମ ପ୍ରଣୟନ କରିବା ସହ ତାହାର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ହେବ । **BS-VI** ଇନ୍ଧନ ମାନକକୁ ସାରା ଦେଶରେ ଲାଗୁ କରିବା, ଇଲେକ୍ଟ୍ରିକ୍ ଯାନବାହନକୁ ପ୍ରୋତ୍ସାହନ ଦେବା ଏବଂ ସାଧାରଣ ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ । ଶିଳ୍ପାଞ୍ଚଳଗୁଡ଼ିକ ପାଇଁ ନିର୍ଗମନ ମାନକକୁ କଠୋର କରିବା ଏବଂ ନିୟମିତ ଭାବେ ତାହାର ଯାଞ୍ଚ କରିବା ଜରୁରୀ। ଏଥିସହିତ, ନାଗରିକମାନଙ୍କୁ ମଧ୍ୟ ନିଜର ଦାୟିତ୍ୱ ବୁଝିବାକୁ ହେବ। ବ୍ୟକ୍ତିଗତ ଗାଡ଼ିର ବ୍ୟବହାର କମାଇ ସାଧାରଣ ପରିବହନର ଉପଯୋଗ କରିବା, ଅଧିକରୁ ଅଧିକ ଗଛ ଲଗାଇବା, ଏବଂ ବର୍ଜ୍ୟବସ୍ତୁ ନ ପୋଡ଼ି ତାହାର ସଠିକ୍ ପରିଚାଳନା କରିବା ଦିଗରେ ସଚେତନ ହେବା ଆବଶ୍ୟକ।

ଆମର ଐତିହ୍ୟ କେବଳ ପଥରର ନିର୍ଜୀବ କୋଠା ନୁହେଁ, ବରଂ ଏହା ଆମର ସଂସ୍କୃତି, ଇତିହାସ ଏବଂ ଜାତୀୟ ପରିଚୟର ଜୀବନ୍ତ ପ୍ରତୀକ । ଏହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ନୈତିକ ଏବଂ ସାମାଜିକ ଦାୟିତ୍ୱ। ଲାଲକିଲ୍ଲା ଉପରେ ପ୍ରଦୂଷଣର ଏହି କଳା ଛାୟା ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଅଟେ । ଐତିହ୍ୟ ସଂରକ୍ଷଣ ଏବଂ ଏକ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ସମସ୍ତଙ୍କର ସହଯୋଗ ଓ ସମନ୍ୱିତ ପ୍ରୟାସ ହିଁ ଏକମାତ୍ର ପନ୍ଥା ।

# ବିଶ୍ୱ ଶାନ୍ତି ପାଇଁ ସାରା ବିଶ୍ୱ ମୋଦିଙ୍କୁ ଅନୁସରଣ କରୁ



ଡକ୍ଟର ଲକ୍ଷ୍ମଣ ସାହୁ

ଆତଙ୍କବାଦ କେବଳ ଏକ ରୋଗ ନୁହେଁ, ଏହା ମାନବତାର ଶତ୍ରୁ । ମାନବତାର ଏହି ଶତ୍ରୁକୁ ମୂଳୋତ୍ପାଟନ କରିବା ପାଇଁ ସମଗ୍ର ବିଶ୍ୱକୁ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବାକୁ ପଡିବ । ବିଶ୍ୱର ସମସ୍ତ ଖବରକାଗଜ ଓ ଗଣମାଧ୍ୟମକୁ ଚିନ୍ତା କରିବାକୁ ପଡିବ । ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ପୂଜାରୀ ନରେନ୍ଦ୍ର ମୋଦିଙ୍କ ସହିତ ସମଗ୍ର ଭାରତୀୟ ଜନତାଙ୍କ ସ୍ୱପ୍ନହୀନ ଇଚ୍ଛା ହେଉଛି ଏକ ବିଶ୍ୱ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ, ଯାହା ତୃଣମୂଳ ସ୍ତରରୁ ଆତଙ୍କବାଦ ଶବ୍ଦକୁ ମୂଳୋତ୍ପାଟନ କରିପାରିବ ।

ପାକିସ୍ତାନୀ ନାଗରିକ ସାଜିଦ ଆକ୍ରମ ଓ ତାଙ୍କ ପୁଅ ନାଭିଦ ଆକ୍ରମ ଅଷ୍ଟ୍ରେଲିଆର ସିଡନୀର ବଣ୍ଡିରେ ଏକ ଯିହୂଦୀ ମହୋତ୍ସବରେ ଭୟଙ୍କର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଯେଉଁଥିରେ ଅତି କମରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ଏହାକୁ ତିନି ଦଶନ୍ଧି ମଧ୍ୟରେ ଅଷ୍ଟ୍ରେଲିଆର ସବୁଠାରୁ ଖରାପ ଗଣ ଗୁଳିକାଣ୍ଡ କରିଥିଲା । ନ୍ୟୁ ସାଉଥ୍ ଓ୍ୱେଲ୍ସ ପୋଲିସ କମିଶନର ମାଲ ଲାନିଅନ କହିଛନ୍ତି ଯେ ୫୦ ବର୍ଷୀୟ ସାଜିଦ ଆକ୍ରମଙ୍କୁ ପୋଲିସ ଗୁଳିରେ ହତ୍ୟା କରିଛି ଓ ତାଙ୍କ ୨୪ ବର୍ଷୀୟ ପୁଅ ନାଭିଦ ଆକ୍ରମଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତଦନ୍ତରେ ସାମିଲ ଥିବା ଆମେରିକୀୟ ଗୁପ୍ତଚର ଅଧିକାରୀଙ୍କ ଅନୁଯାୟୀ, ଉଭୟ ଆକ୍ରମଣକାରୀ ପାକିସ୍ତାନୀ ନାଗରିକ ଓ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି ।

ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରି ନରେନ୍ଦ୍ର ମୋଦି କହିଛନ୍ତି, 'ଭାରତ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରେ । ଭାରତ ସର୍ବଦା ଆତଙ୍କବାଦ ବିରୁଦ୍ଧରେ ଲଢ଼େଇକୁ ସମର୍ଥନ କରିବ।' ସିଡନୀର ବଣ୍ଡିରେ ଥିବା ଶିଶୁ ପାର୍କ ନିକଟରେ ଏକ ଯିହୂଦୀ 'ହାନୁକା' ଉତ୍ସବ ଆୟୋଜନ କରାଯାଉଥିଲା । ବନ୍ଧୁକଧାରୀମାନେ ସେଠାରେ ଥିବା ଭିଡ଼ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ । ତଦନ୍ତକାରୀ ମାନେ କହିଛନ୍ତି ଯେ ଏହି ଷଡ଼ଯନ୍ତ୍ର ମାସ ମାସ ଧରି ଯୋଜନାବଦ୍ଧ ଥିଲା । ପ୍ରଧାନମନ୍ତ୍ରୀ ମୋଦି ବଣ୍ଡି ବିଚ୍ ଉପରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି, 'ଏହି ଆକ୍ରମଣ ଯିହୂଦୀ ପର୍ବ ହାନୁକା ପାଳନ ସମୟରେ କରାଯାଇଥିଲା । ସମଗ୍ର ଭାରତୀୟ ଲୋକଙ୍କ ପକ୍ଷରୁ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପ୍ରତି ମୋର ସମବେଦନା । ମୁଁ ଏହି ସମୟରେ ଅଷ୍ଟ୍ରେଲିଆର ସାଧାରଣ ଲୋକଙ୍କ ସହିତ ଠିଆ ହୋଇଛି ।'

ଅଷ୍ଟ୍ରେଲିୟ ପ୍ରଧାନମନ୍ତ୍ରୀ ଆଣ୍ଥୋନି ଆଲବାନିଜ୍ କହିଛନ୍ତି, 'ଏକ ଉତ୍ସବର ଦିନ ହୋଇପାରେ, ଅଷ୍ଟ୍ରେଲିୟବାସୀଙ୍କୁ ଜଣେ ବନ୍ଧୁକଧାରୀ ବେଳାଭୂମିରେ ଟାର୍ଗେଟ କରିଥିଲେ । ଏହି ଆକ୍ରମଣ ଏକ ଆତଙ୍କବାଦୀ, ଯିହୂଦୀ-ବିରୋଧୀ ମନ୍ଦ କାର୍ଯ୍ୟ ଥିଲା । ଏହା ଆମ ଜାତି ପାଇଁ ଏକ ଅନ୍ଧାର ମୁହୂର୍ତ୍ତ । ଆମର ପୋଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଘଟଣାରେ ସମ୍ପୃକ୍ତ ଯେକୌଣସି ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ କାମ କରୁଛନ୍ତି ।' ସେ ଷଅଷ୍ଟ୍ରେଲିୟ ବିରୋଧୀ ଦଳ ନେତା ସୁସାନ ଲି ରବିବାରର ଆକ୍ରମଣକୁ ଗଭୀର ଦୁଃଖର ରାତି ବୋଲି ବର୍ଣ୍ଣନା କରିଛନ୍ତି । ୟୁକେ ପ୍ରଧାନମନ୍ତ୍ରୀ କାଇର ଷ୍ଟାରମର୍ କହିଛନ୍ତି, 'ଅଷ୍ଟ୍ରେଲିୟରୁ ଏକ ଗଭୀର ଦୁଃଖଦ ଖବର । ବାଣ୍ଡିଆ ବିଚ୍ ଉପରେ ଏହି ଭୟଙ୍କର ଆକ୍ରମଣରେ ପ୍ରଭାବିତ ସମସ୍ତଙ୍କ ସହିତ ୟୁକେର ସମବେଦନା ।' ମୁଁ ତାଙ୍କ ପକ୍ଷରୁ ଓ ମୋର ସମବେଦନା ପ୍ରକାଶ କରୁଛି ।

ସେହି ଭଳି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍ ରେ ହୋଇଥିବା ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି ଓ କହିଛନ୍ତି, 'ଫ୍ରାନ୍ସ ଯିହୂଦୀ ବିରୋଧୀତା ବିରୁଦ୍ଧରେ ନିରନ୍ତର ଲଢ଼େଇ ଜାରି ରଖିବ ।' ଏହା ବ୍ୟତୀତ, ଇସ୍ରାଏଲୀ ବୈଦେଶିକ ମନ୍ତ୍ରୀ ଗିଡିଓନ ସାର, ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍, ସ୍ପେନିସ୍ ବୈଦେଶିକ ମନ୍ତ୍ରୀ ଜୋସ୍ ମାନୁଏଲ୍ ଆଲବର୍ସ, ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗାହର ଷ୍ଟୋୟର, ସ୍ୱିଡିସ୍ ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ୍ ସମେତ ବିଶ୍ୱ ନେତାମାନେ ଏହି ଆତଙ୍କବାଦୀ ଆକ୍ରମଣ ଉପରେ ଚିନ୍ତା ପ୍ରକାଶ କରିଛନ୍ତି ।

ପାକିସ୍ତାନୀ ନାଗରିକ ସାଜିଦ ଆକ୍ରମ ପର୍ଯ୍ୟଟକ ଭିସାରେ ଅଷ୍ଟ୍ରେଲିଆରେ ଥିଲେ। ସାଜିଦଙ୍କ ପାଖରେ ଛଅଟି ବନ୍ଧୁକ ଲାଇସେନ୍ସ ଥିଲା, ଯାହାକୁ ସେ ରବିବାର ଆକ୍ରମଣରେ ବ୍ୟବହାର କରିଥିଲେ । ନ୍ୟୁ ସାଉଥ୍ ଓ୍ୱେଲ୍ସ ପୋଲିସ କମିଶନର ମେଲ୍ ଲାନିୟନ୍ କହିଛନ୍ତି ଯେ ୫୦ ବର୍ଷୀୟ ବନ୍ଧୁକଧାରୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି ଓ ୨୪ ବର୍ଷୀୟ ନାଭିଦ ହସ୍ପିଟାଲରେ ଅଛନ୍ତି । ଦୁଇଜଣ ବାପା ଓ ପୁଅ । ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଛି ଓ ୪୦ ଜଣ ଆହତ ହୋଇଛନ୍ତି । ଆଠ ଦିନିଆ ଯିହୁଦୀ ଛୁଟିଦିନ ହାନୁକା ଆରମ୍ଭ ହେବା ଅବସରରେ ବଣ୍ଡି ବିଚ୍‌ରେ 'ଚାନୁକା ବାଇ ଦି ସି' କାର୍ଯ୍ୟକ୍ରମରେ ଶହ ଶହ ଲୋକ ଯୋଗ ଦେଇଥିବା ସମୟରେ ଗୁଳିକାଣ୍ଡ ଘଟିଥିଲା। ଘଟଣାସ୍ଥଳରେ ପ୍ରାୟ ୧,୦୦୦ ଲୋକ ଉପସ୍ଥିତ ଥିଲେ । ଏହି ଆଶ୍ଚର୍ଯ୍ୟଜନକ ଆକ୍ରମଣ ପ୍ରାୟ ୧୦ ମିନିଟ୍ ଧରି ଚାଲିଥିଲା। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ କହିଛନ୍ତି ଯେ ବନ୍ଧୁକଧାରୀ 'ହାନୁକା ପ୍ରଥମ ଦିନରେ ଯିହୁଦୀ ସମ୍ପ୍ରଦାୟକୁ ଜାଣିଶୁଣି ଟାର୍ଗେଟ କରିଥିଲେ ।'

ଯଦି ଜଣେ ଅପାର ସାହସ ଓ ଭୟ ଥିବା ବ୍ୟକ୍ତି ମୃତ୍ୟୁର ଭୟକୁ ଅଣଦେଖା କରି ଆଗକୁ ପାଦ ନ ଦିଅନ୍ତି, ତେବେ ଏହା ମୃତ୍ୟୁର ବନ୍ୟା ହୋଇପାରେ । ବର୍ଷା ହେଉଥିଲା । ସେହି ସମୟରେ ଆହୁରି ଅନେକ ଲୋକ ମରିଗଲେ । ସେହି ମୁହୂର୍ତ୍ତରେ, ଜଣେ ବ୍ୟକ୍ତି ପଛରୁ ଆସି ଏକ ଗଛ ପଛରେ ଲୁଚି ରହିଥିବା ନିରସ୍ତ୍ର ଆକ୍ରମଣକାରୀକୁ ଧରି ପକାଇଲେ । କିଛି ସେକେଣ୍ଡର ସଂଘର୍ଷ ପରେ, ସେ ତାକୁ ପରାସ୍ତ କଲେ । ସେ ତାଙ୍କ ହାତରୁ ବନ୍ଧୁକ ଛଡ଼ାଇ ନେଲେ । ହଠାତ୍ ପ୍ରତିଆକ୍ରମଣରେ ଆଶ୍ଚର୍ଯ୍ୟ ହୋଇ ଆକ୍ରମଣକାରୀ ତଳେ ପଡ଼ିଗଲେ ଓ ନିଜ ଜୀବନ ପାଇଁ ଭିକ୍ଷା ମାଗୁଥିଲେ। ଏହି ହାଡ଼ଭଙ୍ଗା ଘଟଣାରେ, ସମସ୍ତେ ଏହି ଅସୀମ ସାହସୀ ବ୍ୟକ୍ତିଙ୍କୁ ପ୍ରଶଂସାରେ ପୂର୍ଣ୍ଣ ଥିଲେ, ଯିଏ ଅଜ୍ଞାତ ଥିଲେ । ଦାବି କରାଯାଉଛି ଯେ ଯଦି ସେ ବନ୍ଧୁକଧାରୀଙ୍କୁ ପରାସ୍ତ କରି ନଥାନ୍ତେ, ତେବେ ଅଧିକ ଲୋକ ମୃତ୍ୟୁବରଣ କରିଥାନ୍ତେ ।

ଇସ୍ରାଏଲ ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ । ଏହା ଯିହୁଦୀ ଓ ଇସଲାମର ପବିତ୍ର ଓ ଐତିହାସିକ ସ୍ଥାନଗୁଡ଼ିକ ଚାରିପାଖରେ ଘୂରିଥାଏ । ଯିହୁଦୀ ଓ ସଭ୍ୟତାର ସ୍ମୃତି ସହିତ ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ସ୍ଥାନ ସାରା ଦେଶ ବିଛାଡ଼ି ହୋଇଛି । ଯିହୁଦୀମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସହର ଓ ଖ୍ରୀଷ୍ଟିଆନମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥଳ ହେଉଛି ଜେରୁସାଲେମ ସହର। ଜେରୁସାଲେମର ଯିହୁଦୀ ମନ୍ଦିର ଓ ପଶ୍ଚିମ ପ୍ରାଚୀର ପ୍ରସିଦ୍ଧ । ଯୀଶୁ ଯିହୂଦାର ବେଥଲିହିମରେ ଜନ୍ମଗ୍ରହଣ କରିଥିଲେ ଓ ଗାଲିଲୀର ନାଜରଥରେ ବଢ଼ିଥିଲେ । ଇସ୍ରାଏଲ ଭାଷାଗତ ଓ ସାଂସ୍କୃତିକ ବିବିଧତାର ଦେଶ, ଭାରତ ପରି । ଏଥନୋଲୋଗ୍ ର ୧୫ତମ ସଂସ୍କରଣ ଅନୁଯାୟୀ, ଇସ୍ରାଏଲରେ ପ୍ରାୟ ୩୩ଟି ପ୍ରମୁଖ ଓ କ୍ଷୁଦ୍ର ଭାଷା ଓ ଉପଭାଷା କୁହାଯାଏ । ଇସ୍ରାଏଲୀ ନାଗରିକମାନେ ମୁଖ୍ୟତଃ ପରସ୍ପର ସହିତ ଯୋଗାଯୋଗ କରିବା ପାଇଁ ଆଧୁନିକ ହିବ୍ରୁ ବ୍ୟବହାର କରନ୍ତି । ଆଧୁନିକ ହିବ୍ରୁ ୧୯ ଶତାବ୍ଦୀର ଶେଷ ଭାଗରେ ପ୍ରାଚୀନ ହିବ୍ରୁର ବିଭିନ୍ନ ଉପଭାଷା ଉପରେ ଆଧାର କରି ସୃଷ୍ଟି ହୋଇଥିଲା । ଏଥିରେ ସ୍ଲାଭିକ୍ ଓ ଜର୍ମାନୀ ଭାଷାର କିଛି ପ୍ରଭାବ ରହିଛି । ସେ ଦେଶର ଜୀବନଶୈଳୀ ବହୁତ ଉଚ୍ଚ । ୨୦୨୦ ସୁଦ୍ଧା, ଦେଶର ମୁଣ୍ଡପିଛା ଜିଡିପି (**GDP**) ଆୟ ୪୦,୩୩୬ ଆମେରିକୀୟ ଡଲାର ଥିଲା । ଇସ୍ରାଏଲର ଉନ୍ନତ ଶିକ୍ଷା ବ୍ୟବସ୍ଥା ଓ ସରକାରଙ୍କ ସଦିଚ୍ଛା ଯୋଗୁଁ ଦେଶରେ ବେକାରୀ ବହୁତ କମ୍ । ଇସ୍ରାଏଲର ରାଜନୀତି ଏକ ସଂସଦୀୟ ପ୍ରତିନିଧିତ୍ୱପୂର୍ଣ୍ଣ ବହୁଦଳୀୟ ଗଣତାନ୍ତ୍ରିକ ଗଣରାଜ୍ୟ ଗଠନରେ ହୁଏ । ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରମୁଖ୍ୟ । ସରକାରର ମୁଖ୍ୟ ହେଉଛନ୍ତି ପ୍ରଧାନମନ୍ତ୍ରୀ । ତାଙ୍କ ଉପରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ । ଭାରତୀୟ ମାନେ ଅଷ୍ଟ୍ରେଲିଆରେ ନିରୀହ ଯିହୁଦୀମାନଙ୍କ ଉପରେ ଆକ୍ରମଣକୁ ଗ୍ରହଣ କରିପାରିବେ ନାହିଁ । କାରଣ ହିନ୍ଦୁ ଧର୍ମର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ୟ ଧର୍ମ ପ୍ରତି ସହନଶୀଳତା । ଅନ୍ୟ ଧର୍ମର ପବିତ୍ର ପ୍ରଥାକୁ ସମର୍ଥନ କରିବା । ହିନ୍ଦୁ ଧର୍ମର ପୃଷ୍ଠପୋଷକତାରେ ଖ୍ରୀଷ୍ଟିଆନ ଚିନ୍ତାନାୟକମାନେ ମଧ୍ୟ ବେଦ ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ହିନ୍ଦୁ ଧର୍ମରେ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ତ୍ରିମୂର୍ତ୍ତି କୁହାଯାଏ । ହିନ୍ଦୁ ଧର୍ମର ସ୍ୱାଭାବିକ ପ୍ରବୃତ୍ତି ହେଉଛି ବିଭିନ୍ନ ଧର୍ମର ଦିବ୍ୟ ଆଧାରକୁ ଚିହ୍ନିବା ଓ ସେମାନଙ୍କର ପ୍ରତିଷ୍ଠାତା ତଥା ପବିତ୍ର ସାଧକମାନଙ୍କୁ ସମ୍ମାନ କରିବା। ସନାତନ ଧର୍ମ ବିଶ୍ୱ ଦଣ୍ଡର ସୁନିଶ୍ଚିତତା ଦିଏ । ଭାରତର ସନ୍ଥମାନେ ବିଶ୍ୱକୁ ଶାନ୍ତିର ଏକକ ବାର୍ତ୍ତା ଦିଅନ୍ତି 'ଏକମ୍ ସତ୍ ବିପ୍ର ବହୁଧା ବଦନ୍ତି' ଅର୍ଥାତ୍ ଅନେକ ଦେବତାଙ୍କ ନାମରେ ଗୋଟିଏ ଈଶ୍ୱରଙ୍କୁ ପୂଜା କରାଯାଏ ଏବଂ ସତ୍ୟ ଏକ, ବୁଦ୍ଧିମାନମାନେ ଏହାକୁ ବିଭିନ୍ନ ଉପାୟରେ ବୁଝନ୍ତି । ଯେଉଁଭଳି ଭାବରେ ଉଗ୍ରବାଦୀ ମୌଳବାଦୀମାନେ ନିରୀହ ଯିହୁଦୀମାନଙ୍କ ଉପରେ ଗୁଳି ଚଳାଇ ମୃତ୍ୟୁ ଯାତ୍ରାକୁ ଆଗକୁ ଆଣିଲେ, ଯାହା ଦ୍ୱାରା ମାନବତା ମୃତ୍ୟୁ ଘଟିଲା । ସନାତନ ଧର୍ମର ଦେଶ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବାକୁ ଚାହୁଁଛି ।

ଏବେ ବିଶ୍ୱର ସମସ୍ତ ଶାନ୍ତିପ୍ରିୟ ଦେଶ ଭାରତ ଆଡ଼କୁ ଚାହିଁ ରହିଛନ୍ତି। କେବଳ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା, ଚିନ୍ତାଧାରା, ପ୍ରୟାସ ଓ ସନାତନ ଧର୍ମର ଦେଶ ବିଶ୍ୱ ଶାନ୍ତି ଫେରାଇ ଆଣିପାରିବ । ଉଚ୍ଚଭାରତ ବିଶ୍ୱକୁ ଜ୍ଞାନ ଧର୍ମ କୌଶଳ ଦେଇଛି, କିନ୍ତୁ ଯୁଦ୍ଧ ଦେଇନାହିଁ, ଗୌତମ ବୁଦ୍ଧଙ୍କ ଶିକ୍ଷା ଓ ବିଶ୍ୱରେ ସମୃଦ୍ଧି ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛି। ବିଶ୍ୱର ସମସ୍ତ ଦେଶ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ମୋଦିଙ୍କ ପ୍ରୟାସକୁ ସାର୍ଥକ କରିବା ଉଚିତ୍ କହିଲେ ଅତ୍ୟୁକ୍ତି ହେବନାହିଁ...!!!


ଉ +ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪ ,
ମୋ:୯୦୪୦ ୧୫୧୪୭୫


# ଟକ୍ସିକ ଫ୍ରେଣ୍ଡ



ଡକ୍ଟର ସୁରେଶ କୁମାର ନାୟକ

'କଥାରେ ଅଛି ଦୁର୍ଜନ ସଙ୍ଗେ କଲେ ବାସ ନିଶ୍ଚେ ହୋଇବ ସର୍ବନାଶ।' ଶ୍ରୀମଦ ଭାଗବତର ଏହି ଅମୂଲ୍ୟ ବାଣୀ ଆମ ସମସ୍ତଙ୍କ ପାଇଁ ନୀତିବାଣୀ ସଦୃଶ। ଅର୍ଥାତ୍ ଦୁଷ୍ଟ ଲୋକ ବା ଖରାପ ସାଙ୍ଗ ଠାରୁ ଦୂରେଇ ରହିବା ଦରକାର। ନଚେତ ପଥ ହୁଡ଼ିବାର ଆଶଙ୍କା ରହିଥାଏ। ସବୁ କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ କିଏ ବେଷ୍ଟ ଫ୍ରେଣ୍ଡ ଆଉ କିଏ ଟକ୍ସିକ ଫ୍ରେଣ୍ଡ ତାହା ଜାଣିବା ଦରକାର। ବନ୍ଧୁତା ହେଉଛି ଜୀବନର ସର୍ବୋତ୍ତମ ସୁଖଦ ଅନୁଭବ। ଭଲ ସାଙ୍ଗଟିଏ ସୁଖଦୁଃଖ ସବୁ ସମୟରେ ପାଖରେ ରହେ। ସବୁବେଳେ ଉନ୍ନତି ଚାହେଁ। ଏମିତିକି କୌଣସି ପ୍ରକାରର ଭୁଲ ହୋଇଗଲେ ଶତ୍ରୁତା ଆଚରଣ କରିବା ବଦଳରେ ଆମ ସହିତ ରହିଥାଏ। ହେଲେ ସାଙ୍ଗମାନଙ୍କ ମଧ୍ୟରେ ଏମିତି କେତେ ଜଣ ଥାଆନ୍ତି ଯେଉଁମାନେ ଭଲ ସାଙ୍ଗ ବୋଲି କହନ୍ତି କିନ୍ତୁ ପ୍ରକୃତ ଅର୍ଥରେ ସେମାନେ ଉନ୍ନତି ସହି ପାରନ୍ତି ନାହିଁ ଓ ବ୍ୟାପକ ଅର୍ଥରେ ଦେଖିଲେ କ୍ଷତି କରିବାକୁ ଚାହାନ୍ତି। ଏଭଳି ସାଙ୍ଗମାନେ ଧୀରେ ଧୀରେ ଆତ୍ମବିଶ୍ୱାସ ଦୁର୍ବଳ କରିଦିଅନ୍ତି ଓ ଜୀବନର ସୁଖ ଶାନ୍ତି ଛଡ଼ାଇ ନିଅନ୍ତି। ବେଷ୍ଟ ଫ୍ରେଣ୍ଡମାନେ ଶକ୍ତି ସାମର୍ଥ୍ୟ ଭାବେ ପାଖରେ ରହୁଥିବାବେଳେ ଟକ୍ସିକ ଫ୍ରେଣ୍ଡ ଦୁର୍ବଳତା ବା ବିଫଳତାର କାରଣ ପାଲଟି ଯାଆନ୍ତି। ତେଣୁ ପିଲାମାନେ ନିଜର ଏଇ ପ୍ରକାର ବନ୍ଧୁମାନଙ୍କ ମଧ୍ୟରେ ଥିବା ଫରକ ଅନୁଭବ କରିବା ଦରକାର।

ପ୍ରକୃତ ବନ୍ଧୁ ସଫଳତା ଶୁଣିଲେ ଖୁସି ହୁଅନ୍ତି। ମାତ୍ର ଟକ୍ସିକ ଫ୍ରେଣ୍ଡ ସଫଳତାରେ ଈର୍ଷା କରନ୍ତି। ସିଧାସଳଖ କିଛି ନ କହିଲେ ବି ଅନ୍ୟମାନଙ୍କ ଆଗରେ ନିନ୍ଦା କରନ୍ତି। ପ୍ରକୃତ ଅର୍ଥରେ ସେମାନେ ଅଧିକ ସଫଳ ବୋଲି ତୁଳନା କରି ଦର୍ଶାଇଥାନ୍ତି। କିଛି ଦିନ ମିଶିବା ପରେ ସାଙ୍ଗମାନଙ୍କ କଥାବର୍ତ୍ତା ଓ ବ୍ୟବହାରକୁ ଏସବୁ ଅନୁଭବ କରିହେବ। ତେଣୁ ଏଭଳି ସାଙ୍ଗମାନଙ୍କୁ ଚିହ୍ନିବା ପରେ ସେମାନଙ୍କ ଠାରୁ ଯଥାସମ୍ଭବ ଦୂରତା ରଖିବା ଦରକାର।

ଭଲ ବନ୍ଧୁଟିଏ ସବୁବେଳେ ସତ ଘଟଣା କହିବ ଓ ପ୍ରକୃତ ସତ୍ୟ ପ୍ରକାଶ କରିବ। ହୁଏତ ସେହି ସତ ଶୁଣିବା ପାଇଁ କଷ୍ଟ ଲାଗିପାରେ, ହେଲେ ଭବିଷ୍ୟତ ପାଇଁ ସଚେତନ ହେବାର ସୁଯୋଗ ମିଳିବ, ଆଉ ନିଜର ଭୁଲ ସୁଧାରିବା ପାଇଁ ସୁଯୋଗ ପାଇପାରିବେ। କିନ୍ତୁ ଏଭଳି କ୍ଷେତ୍ରରେ ଟକ୍ସିକ ଫ୍ରେଣ୍ଡମାନେ ସତ ଲୁଚାଇ ଚାଲାକିରେ ବ୍ୟବହାର କରି ନିଜର ସ୍ୱାର୍ଥ ହାସଲ କରନ୍ତି।

ବେଷ୍ଟ ଫ୍ରେଣ୍ଡ ଆପଣଙ୍କ ପରିଶ୍ରମ ଓ କୌଣସି ଚିନ୍ତାଧାରାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦିଅନ୍ତି। କାମରେ ଅଧିକ ସଫଳତା ନିମନ୍ତେ ପ୍ରେରଣା ଦିଅନ୍ତି। ଏହାଫଳରେ ଉତ୍ସାହର ସହିତ କାମ କରିବାପାଇଁ ପ୍ରେରଣା ମିଳିବ। ଅନ୍ୟପକ୍ଷରେ ଖରାପ ସାଙ୍ଗମାନେ ଏହି ପରିସ୍ଥିତିରେ ନେଗେଟିଭ କଥା କହି ଥଟ୍ଟା ପରିହାସ କରନ୍ତି। ଭଲ ସାଙ୍ଗମାନେ ଅନ୍ୟ ଜଣେ ସାଙ୍ଗର କୌଣସି ପ୍ରକାରର ସଫଳତାରେ ଖୁସ ହୁଅନ୍ତି। ଅନ୍ୟପକ୍ଷରେ ଟକ୍ସିକ ଫ୍ରେଣ୍ଡ ଖୁସି ହେବା ଭଳି ଅଭିନୟ କରନ୍ତି କିନ୍ତୁ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଏମତିକି ସେମାନେ ଅନ୍ୟମାନଙ୍କ ଆଗରେ ନିନ୍ଦା କରିବାକୁ ବି ପଛାନ୍ତି ନାହିଁ।

ଖରାପ ସାଙ୍ଗମାନେ ଉପରେ ଆଦୌ ଭରସା କରି ହେବନି। ଠକ ସମୟରେ ସେମାନେ ଅସୁବିଧାରେ ପକାଇବା ପାଇଁ ସୁଯୋଗ ସୃଷ୍ଟି କରିଦିଅନ୍ତି। ହେଲେ ଭଲ ସାଙ୍ଗଟିଏ ଅସୁବିଧା ଯେପରି ନ ହେବ ସେଥିପାଇଁ ସବୁ ପ୍ରକାରର ଚେଷ୍ଟା କରନ୍ତି। ସେମାନେ ଯାହା କରିବାପାଇଁ କଥା ଦେଇଥାନ୍ତି ସେହି ଅନୁସାରେ ଚେଷ୍ଟା ବି କରନ୍ତି। ସାଙ୍ଗମାନଙ୍କ ସହିତ କିଛି ଦିନ ମିଶିବା ପରେ ଧୀରେ ଧୀରେ ଏଭଳି ଅନେକ ପ୍ରଭେଦକୁ ଅନୁଭବ କରିହେବ। ତେଣୁ ଏ ନେଇ ସଚେତନ ହୋଇ ଲକ୍ଷ୍ୟ କରିବାକୁ ହେବ। ପିଲାମାନେ ସାଧାରଣତଃ ଭଲ ମନ୍ଦର ଫରକ ଜାଣିବା ପାଇଁ ବହୁତ ସମୟ ଲାଗିଥାଏ। ତେଣୁ ସେମାନେ ସହଜରେ ଟକ୍ସିକ ଫ୍ରେଣ୍ଡମାନଙ୍କୁ ଜାଣିପାରନ୍ତି ନାହିଁ। ଏଭଳି କ୍ଷେତ୍ରରେ ଅଭିଭାବକଙ୍କର ସହାୟତା ନେବା ଉଚିତ ହେବ। ସାଙ୍ଗମାନଙ୍କ ସହିତ ପ୍ରତ୍ୟେକ ଦିନର କାର୍ଯ୍ୟକଳାପ ସମ୍ପର୍କରେ ଘରେ ଅଭିଭାବକଙ୍କୁ ଜଣାନ୍ତୁ। ଏଭଳି ହେଲେ ଅଭିଭାବକମାନେ ସହଜରେ ସାଙ୍ଗମାନଙ୍କ ଉଦ୍ଦେଶ୍ୟ ଜାଣିପାରିବେ ଓ ଭୁଲ ଠିକ କ'ଣ ସେ ସମ୍ପର୍କରେ ଜଣାଇପାରିବେ। ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସାଙ୍ଗମାନଙ୍କ ସହିତ ମିଶିଲେ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଏସବୁ ବିଷୟରେ ଆପେ ଆପେ ଜାଣିପାରିବେ, କିନ୍ତୁ ପିଲାମାନେ ସବୁବେଳେ ଘରେ ଗୁରୁଜନଙ୍କ ଆଗରେ ସବୁକଥା ପ୍ରକାଶ କରନ୍ତୁ।


+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ


କବିତା କୋଣାର୍କ

# ତଥାପି କରୁଛି ଯୋଗ୍ୟ

## ମୋହନ କୁମାର ସ୍ୱାଇଁ



ଯାହା ପାଇଁ ପ୍ରେମ କବିତା ଲେଖୁଛି
ତିରିଶ ବରଷ ହେଲା
ଗୋଟିଏ ବି ତାର ଲାଇକ କମେଣ୍ଟ
ଦେଖିବାକୁ ନ ମିଳିଲା
ଧିକ ସେ କଲମ କାଳି
ଆଜି ଯାଏ ଯିଏ ଦେଉଅଛି ମୋତେ
କଂସେଇ ଖାନାରେ ବଳି ।

ବଞ୍ଚିଛି କି ନାହିଁ ମୋତେ ଜଣା ନାହିଁ
କେଉଠି କିମିତି ଅଛି
ମୁଁ ନିର୍ଲଜ୍ଜ ଟା ଅପେକ୍ଷାରେ ରହି
ତା ପାଇଁ ଲେଖୁଛି ବସି
କେଉ ଜନମର ଫଳ,
ଭୋଗିବାକୁ ମୋତେ ଛାଡ଼ି ଦେଇଛି ସେ
ଦେଇ ମହାକାଳ ଫଳ ।

ମନେମନେ ଭାବେ ସବୁ କବି ଗୁଡ଼ା
ଇମିତିକା ହୋଇଥିବେ
ଆକାଶ କୁସୁମ କେବେବି ଝଡିବ
ଅନେଇକି ରହିଥିବେ
ସତକଥା ସନ୍ଦେହରେ
ଯଦି କେଉଁ କବି ଉତ୍ତର ଦିଅନ୍ତି
ରହିଯାନ୍ତି ସନ୍ତୋଷରେ ।

କୃଷ୍ଣ ପ୍ରେମ କରି ରାଧିକା ମାଇଁଙ୍କୁ
କେତେ ହୀନିମାନ ହେଲେ
ରାମ ପ୍ରେମ କରି ଜନକ ସୂତାଙ୍କୁ
ବଣରେ କାଳ କାଟିଲେ
ସିମିତିକି ମୋର ଭାଗ୍ୟ ?
ଏହି କଥା ସ୍ମରି ବର୍ଷ ଯାଏ ସରି
ତଥାପି କରୁଛି ଯୋଗ୍ୟ ।


+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୨୮୦୯୯୦୩୮


# କହିଦିଅ ପ୍ରିୟା

## ଜୟନ୍ତ କୁମାର ମଲ୍ଲିକ୍



ସବୁଦିନ ପ୍ରିୟା ଦେଖୁଛି ତୁମକୁ
ଆମଘର ଦେଇ ଯାଅ
କେମିତି କହିବି ତୁମକୁ ଆଜିମୁଁ
ମୋତେ ତୁମେ ଭଲ ପାଅ ।

ଅନ୍ତରର କଥା ସାଇତି ରଖିଛି
କହି ପାରୁନାହିଁ ଆଜି
ହେଲେ ଏଥିପାଇଁ ମନଟା ମୋହର
ବୁଝିବାକୁ ନୁହଁ ରାଜି ।

ବଗିଚାରେ ଯେତେ ଫୁଟୁଥିଲା ଫୁଲ
ସବୁତ ଗଲାଣି ଝଡ଼ି
ତୁମର ଆଳାପ ମନେ ପକାଇ ମୁଁ
କାନ୍ଦୁଛି ମୁହଁକୁ ମାଡ଼ି ।

ଶେଷଥର ପାଇଁ କହିଦିଅ ଥରେ
ପାରିବକି କଥା ରଖି
ତୁମେ ନକହିଲେ ଲୁହ ଗଡ଼ି ଗଡ଼ି
ଶୁଖିଯିବ ଦୁଇ ଆଖି ।


+ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭








ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୯୧



ଡ. ସିନ୍ଧୁ ସେନ୍

ଓଃ... କି ଦାରୁଣ... କି ନିର୍ମମ... ଆଜିର ଯୁଦ୍ଧ ତେବେ ମୋ ରାଜତ୍ୱ ପାଇଁ ହେବ ଶେଷ ଯବନିକା । ଯେଉଁ ମୃତ୍ୟୁକୁ ଜିଣିବା ପାଇଁ ଏତେ କଠୋର ତପସ୍ୟା । ଏତେ ସାଧନା କରିଥିଲି ତାହା କ'ଣ ଅନର୍ଥ ହୋଇଯିବ । ମୃତ୍ୟୁର ଶୀତଳ ଆଲିଙ୍ଗନ ମୋତେ କ'ଣ ତେବେ ବାନ୍ଧିରଖିବ । ଏମିତି ଅନେକ ଭାବନାରେ ଅସ୍ଥିର ହୋଇ ଉଠୁଥିଲା ମୋର ତନୁ ମନ । ବାସ୍ତବରେ ଖୁବ୍ ଭୟଭୀତ ହୋଇ ପଡ଼ିଥିଲି ମୁଁ । ଏତିକିବେଳେ ରାମ ମୋ ପ୍ରତି କ୍ରୋଧରେ ଯୁଦ୍ଧ କରିବା ପାଇଁ ଆହ୍ୱାନ ଦେଲେ । ତୀବ୍ର ତୀକ୍ଷ୍ଣ ବାଣ ମୋ ଉପରକୁ ନିକ୍ଷେପ କଲେ । ପ୍ରତିଅସ୍ତ୍ରରେ ତାହାକୁ କାଟିଦେଲି । ମୋ ଜାଣିଥିବା ଶୂଳ, ଗଦା, ଆଦି ନାନା ପ୍ରକାର ଅସ୍ତ୍ର ପ୍ରୟୋଗ କରିଲି । ସେ ମଧ୍ୟ ମୋ ସହ ବେଶ୍ ବୀରତ୍ୱର ସହ ଲଢୁଥିଲେ । ଲକ୍ଷ୍ୟ କରୁଥିଲି ବାଣ ଚଳାଇବାରେ ସେ ଥିଲେ ବହାବୀର ମାନଙ୍କର ମହାବୀର । ଆମ ଦୁହିଁଙ୍କ ଯୁଦ୍ଧ ଥିଲା ଅନନ୍ୟ । ପୂର୍ବରୁ ମୁଁ ଅନେକ ଯୁଦ୍ଧ କରିଥିଲି । ଏଭଳି ଯୁଦ୍ଧ କେବେ ଆଗରୁ ଦେଖି ନଥିଲି । ଆମ ଉଭୟ ବାହିନୀର ସେମାନମାନେ ଚକିତ ହୋଇ ଯୁଦ୍ଧର ଅଲୌକିକ ଦୃଶ୍ୟକୁ ଦେଖୁଥିଲେ ।

ଶେଷରେ ରାମଙ୍କ ତୀକ୍ଷ୍ଣ ବାଣ ପ୍ରହାରରେ ମୁଁ ରଥ ଉପରେ ଅଚେତ ହୋଇପଡ଼ିଲି । କିଛିସମୟ ପରେ ସମ୍ବିତ ଫେରିପାଇ ଦେଖେ ତ ସାରଥୀ ମୋ ରଥକୁ ରାଜଭବନ ଅଭିମୁଖେ ଆଗେଇ ନେଉଛନ୍ତି । ତାଙ୍କ ଉପରେ ଗର୍ଜି ଉଠି କହିଲି ତୁମେ ମୋ ବିନା ଅନୁମତିରେ ରଥ ଲେଉଟାଇ ଆଣିଲ କାହିଁକି ?

ଭୟରେ ଆତଙ୍କିତ ହୋଇ ସାରଥୀ କହିଲା ପ୍ରଭୁ ମୋତେ କ୍ଷମା କରନ୍ତୁ । ରାମବାଣରେ ଆପଣ ଅଚେତ ହୋଇ ପଡ଼ିଥିଲେ । ସାରଥୀ ଭାବେ ଆପଣଙ୍କ ଜୀବନରକ୍ଷା କରିବା ମୋର ଧର୍ମ । ମୁଁ ତେଣୁ ମୋର କର୍ତ୍ତବ୍ୟ କେବଳ ପାଳନ କରିଛି ।

ସାରଥୀ ମୁହଁରୁ କିଛି ଶୁଣିବା ପାଇଁ ମୁଁ ପ୍ରସ୍ତୁତ ନଥିଲି । କହିଲି ରାମ ଜଣେ ସାମାନ୍ୟ ମାନବ ମାତ୍ର ନୁହଁନ୍ତି । ମହାବୀର ସେ । ବୀରତ୍ୱର ମର୍ଯ୍ୟାଦା ସେ ଜାଣନ୍ତି । ମୋର ଚେତାଶୂନ୍ୟ ଅବସ୍ଥାରେ, ନିରସ୍ତ୍ର ଥିବାବେଳେ ସେ ଆଦୌ ମୋ ଉପରେ ବାଣ ପ୍ରୟୋଗ କରିବେନି । ତେଣୁ ଯେତେ ଶୀଘ୍ର ପାରୁଛ ରଥକୁ ଶତ୍ରୁ ସମ୍ମୁଖକୁ ନେଇ ଚାଲ ।

ସାରଥି ଯୁଦ୍ଧଭୂମି ଅଭିମୁଖେ ରଥ ଟାଣିନେଲା । ମନରେ ମୋର ନୂତନ ଉତ୍ସାହ । ଏଥର ନିଶ୍ଚେ ଶତ୍ରୁକୁ ଦେଖାଇବି ମୋର ବୀରତ୍ୱର ପରାକାଷ୍ଠା । ବେଶ୍ ଦମ୍ଭର ସହ ଆଗେଇ ଚାଲିଥିଲି । ମୋ ମନରେ ଜାଗିଉଠିଲା ଏକ ଅପୂର୍ବ ସ୍ମୃତି । ମୋତେ ଲାଗିଲା ମୋ ସାମ୍ନାରେ କେହି ଜଣେ ଦେଖାଦେଇ ପୁଣି ଅଦୃଶ୍ୟ ହୋଇଯାଉଛି ।

କିଏ ହୋଇପାରେ ? କିଏ ?

ବେଦମତୀ ? ମୋତେ କ୍ଷମା କରିଦିଅ

ପୁଣି କିଛିବାଟ ଆଗକେ ଚାଲିଲି । ମନେହେଲା ପଛରୁ ଯେମିତି ପିତା ବିଶ୍ରବା ମହର୍ଷି ମୋତେ କିଛି କହୁଛନ୍ତି । ମନେପଡ଼ିଲା ସେଦିନର ସ୍ମୃତି । ପିତା ମୋତେ କହୁଥିଲେ ମଣିଷ ହୁଅ । ତୁମେ ଅମୃତର ସନ୍ତାନ । ଅମର ପାଇଁ ପରପ୍ରାର୍ଥନା କରିବାର ଆବଶ୍ୟକତା ନାହିଁ । ନିଜକୁ ଚିହ୍ନ । ନିଜ କର୍ମବଳରେ ହିଁ ଅମରତ୍ୱ ଲଭିବ ।

ରାମଙ୍କ ସମ୍ମୁଖ ହେବାମାତ୍ରେ ରାମ ପ୍ରତିକ୍ଷଣରେ ଶର ମାରୁଥିଲେ । ମୋ ମସ୍ତକକୁ ଲକ୍ଷ୍ୟକରି ଶର ନିକ୍ଷେପ କରୁଥିଲେ । ଆଉ ମୋ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । କାରଣ ତାଙ୍କର ଶରରେ ମୋର ଯେତେ ମୁଣ୍ଡ କଟିଯାଉଥିଲା ପୁଣି ତାହା ଯୋଡ଼ି ହୋଇ ଯାଉଥିଲା । ଏଥର ଶ୍ରୀରାମ ବିଭୀଷଣଙ୍କ ପରାମର୍ଶରେ ମୋ ନାଭିଚକ୍ରରେ ଆଗ୍ନେୟାସ୍ତ୍ର ବିଦ୍ଧକଲେ । ମୋ ନାଭିରୁ ଅମୃତ ଶୁଖିଯିବା ପରେ ମୁଁ ତଳେ ପଡ଼ିଗଲି ।

ମୋ କାନ ପାଖରେ ଏବେ ମୃତ୍ୟୁର ପଦଧ୍ୱନି । ମୋ ସମ୍ମୁଖରେ ଶ୍ରୀରାମ, ଉପରେ ଅନନ୍ତ, ଅସୀମ ଆକାଶ, ମୋ ଜୀବନର ଘଟଣାବହୁଳ କାହାଣୀ ଏଇ ଖୋଲା ଆକାଶକୁ କହିଯିବି । ଏବେ ମୋ ଜୀବନ କାହାଣୀ ଶେଷପ୍ରାୟ । ମୋ ଦେହରୁ ରକ୍ତକ୍ଷରଣ ହୋଇ ଧୀରେଧୀରେ ରକ୍ତଶୂନ୍ୟ ହୋଇଯାଉଛି । ମୋ ନିଃଶ୍ୱାସର ଶେଷ ପବନ ମଧ୍ୟ ମହାଶୂନ୍ୟରେ ମିଳାଇଯିବ ।

ମୃତ୍ୟୁର ଶୀତଳ ହସ୍ତ ଧୀରେଧୀରେ ଲମ୍ବି ଆସୁଛି । ଏ ମାନବ ଶରୀର ଜଡ଼ ପାଲଟିଯିବ । ରାବଣ ମରିଯିବ । କିନ୍ତୁ ରାବଣତ୍ୱ ବଞ୍ଚି ରହିବ ଯୁଗଯୁଗ ଧରି । ସାରାଜୀବନ ଅହଂକାରୀ ଥିଲି । କାମନା, ବାସନା, କ୍ଷମତା ମୋହରେ ଅନ୍ଧ ଥିଲି । ବହୁତ ଡେରିରେ ହେଲେ ବି, ମୋତେ ମାରିବା ପାଇଁ ସ୍ୱୟଂ ଶ୍ରୀରାମଙ୍କୁ ଆସିବାକୁ ପଡ଼ିଲା । ପ୍ରଭୁ ଶ୍ରୀରାମ ମୋ ଉପରକୁ ବ୍ରହ୍ମଶର ନିକ୍ଷେପ କରି ମୋ ଜ୍ଞାନଚକ୍ଷୁ ଖୋଲି ଦେଇଛନ୍ତି । ତାଙ୍କ ସହ ଚକ୍ଷୁ ମିଳାଇ ମୁଁ ତାହା ଆନନ୍ଦ ପାଇ ପାରିଛି । ହୋଇପାରେ, ମୁଁ ଲଙ୍କା ରାଜ୍ୟର କଳଙ୍କ ତେବେ, ଏତିକି ଜୋର ଦେଇ କହିବି ମୁଁ କେବଳ ମୋପାଇଁ ନୁହେଁ । ଆମ ରାକ୍ଷସ କୁଳର ଅନେକଙ୍କୁ ରାମଙ୍କ ହାତରେ ବଧ କରି ମୋକ୍ଷତ୍ୱ ଦେଇପାରିଛି ।

ମୁଁ ଦୁର୍ଦ୍ଦାନ୍ତ ହୁଏ କି ଅଶାନ୍ତ । ତଥାପି ଯୁଗଯୁଗ ପାଇଁ ଚର୍ଚ୍ଚିତ ହେଉଥିବି । ମୋ ଦେହାନ୍ତ ପରେ ଗୋଟିଏ ରାବଣର ନିଃଶେଷ ହୋଇଯିବ, ହେଲେ ଜଗତ କେବେ ରାବଣଶୂନ୍ୟ ହେବନି । କାରଣ ରାବଣର ଆତ୍ମା ରାବଣତ୍ୱ ଅମର । ମୋ ଅନ୍ତେ ଅନେକ ରାବଣ ଆସିବେ ଆଉ ଯିବେ । ରାମ-ରାବଣ ଯୁଦ୍ଧ ଲାଗି ରହିଥିବ । ପାପ-ପୁଣ୍ୟ ଆଲୋକ-ଅନ୍ଧାର ମଧ୍ୟରେ ସଂଘର୍ଷ ମଧ୍ୟ ଲାଗି ରହିଥିବ । ଯୁଗେ ଯୁଗେ ଅନ୍ଧକାର କବର ଉପରେ ଆଲୋକର ବିଜୟବାନା ଉଡୁଥିବ ।

ହେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ! ଏତିକି କହିବି ତୁମ ସହ ଯୁଦ୍ଧ କରି ମୁଁ ହାରିଯାଇନି, କାରଣ ଏ ଯୁଦ୍ଧ ମୋର ପାର୍ଥିବ ଶରୀର ପାଇଁ ନଥିଲା, ଥିଲା ମୋକ୍ଷ ପ୍ରାପ୍ତି ପାଇଁ । ତୁମରି କୃପାରୁ ମୁଁ ଏବେ ମୋର ଇପ୍ସିତ ମୋକ୍ଷ ପାଇସାରିଛି । ମୁଁ ତେଣୁ, ମୋ ନିଜ ଜନ୍ମବୃତ୍ତାନ୍ତକୁ ନେଇ ଆଦୌ ଦୁଃଖ କରୁନି । କାରଣ ଦେବୀ ସୀତାଙ୍କୁ ଅପହରଣ କରି କିଛି ବି ପାପ କରିନି । ସୀତା ହରଣର ଅପବାଦ ମୋତେ ଯେତେ ଲାଞ୍ଛିତ କଲେ ମଧ୍ୟ ତୁମେ ହିଁ ଜାଣ, ରାବଣ କ'ଣ ? ସୀତା ଦେବୀଙ୍କୁ ଅପହରଣ କରିବାର ଉଦ୍ଦେଶ୍ୟ କ'ଣ ? ମୁଁ ଆଜି ତେଣୁ ତୁମରି ସମ୍ମୁଖରେ ଏଇ ଖୋଲା ଆକାଶର ଛାତ ତଳେ ନିଜ ଜୀବନର ଆତ୍ମଲିପିକୁ ଲିପିବଦ୍ଧ କରିଦେଉଛି । ଆଗାମୀ ଯୁଗରେ କେହି ଯଦି ମୋତେ ଜ୍ୱଳନ୍ତ ଅଗ୍ନିଶିଖା ଅବା ଦାବାନଳର ଏକ ଦୁରନ୍ତ ଶିଖା ଭାବେ ନାମିତ କରନ୍ତି ତେବେ ମୁଁ ପାଇବି ଚରମ ପ୍ରଶାନ୍ତି, ଜୀବନର ଅନ୍ତିମ ମୁହୂର୍ତ୍ତରେ ଏତିକି ଆଶା କରିବି, ମୋ ଆତ୍ମାର ଜ୍ୟୋତି ତୁମରି ଚରଣ ସ୍ପର୍ଶ କରୁ । ଚିରଦିନ ଆଖିବୁଜିବା ପୂର୍ବରୁ ତୁମ ଆଖି ସହ ଆଖି ମିଳାଇ ପାଉଛି ଅସୀମ ଶାନ୍ତି । ଆତ୍ମା ଓ ପରମାତ୍ମାଙ୍କ ମିଳନର ଶାନ୍ତି ।

ଓଁ ଶାନ୍ତି.... ଶାନ୍ତି....

(ସମାପ୍ତ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୨୨ ॥

ଯାହା ସତ୍ୟ, ତାହା ହିଁ ସନାତନ ଧର୍ମ । ଯଦି ସମାନ ପରିମାଣର ଆଲୋକ ସହିତ ସମାନ ପରିମାଣର ଅନ୍ଧକାର ମିଶିଯାଏ, ସେଠାରେ ଅନ୍ଧକାର ଶବ୍ଦ ଆଉ ନଥାଏ । ତାହା ଆଲୋକ । ଯଦି ସମାନ ପରିମାଣ ବିଶ୍ୱାସ, ସମାନ ପରିମାଣ ସତ୍ୟ ରେ ପରିଣତ ହୁଏ, ସେହି ଫଳର ନାମ ଆଉ ବିଶ୍ୱାସ ହୁଏନାହିଁ । ହୁଏ ସତ୍ୟ । ଯଦି ଅତୀତ ସହ ବର୍ତ୍ତମାନ ସମାନ ହୋଇଯାଏ ତାହା ଚିରନ୍ତନ । ଯଦି ସମାନ ଧନାତ୍ମକ ଓ ସମାନ ଋଣାତ୍ମକ ବିଯୁକ୍ତ କରାଯାଏ, ତାହା ଧନାତ୍ମକ । ଯଦି କଳା ଉପରେ ଗବେଷଣା କରାଯାଏ, ତାହା ବିଜ୍ଞାନ । ଇନ୍ଦ୍ର ଏହି ଅଣଚାଶ ଶକ୍ତି ବା ପ୍ରାୟ ତିନିଶହ ତେତିଶରୁ ତିନିଶହ ପଚାଶ କିଲୋମିଟର ଶକ୍ତିକୁ ସାତ ଭାଗ କରି ଦେବାକୁ ଯୋଗ ମଗ୍ନ ହୋଇ ନିଜ ବଜ୍ର ଅସ୍ତ୍ରକୁ ସ୍ମରଣ କଲେ । ଏହି ବଜ୍ର ଅସ୍ତ୍ର ତାଙ୍କୁ ମହାତ୍ମା ଦଧିଚିଙ୍କ ତ୍ୟାଗରୁ ମିଳିଥିଲା । ବଜ୍ରର ଅର୍ଥ ହେଉଛି ବିଦ୍ୟୁତ୍ ଶକ୍ତି । ବିଦ୍ୟୁତ୍ ଯୁକ୍ତ ବିଦ୍ୟୁତ୍ ବିଯୁକ୍ତ ଶୀର୍ଷରେ ଏକାଠି ହେଲେ, ମେଘରେ ବଜ୍ର ସୃଷ୍ଟି ହୁଏ । କିନ୍ତୁ ଏଠି ବଜ୍ର, ଯୋଗର ଏକ ଶକ୍ତି ଥିଲା । ବଜ୍ରର ଅର୍ଥ ହୀରକ, ଯାହା ଖୁବ୍ କଠିନ, କୌଣସି ଧାତୁ ତାକୁ ସହଜ ରେ କାଟି ପାରେ ନାହିଁ । ମାନବ ଓ ପ୍ରାଣୀ ଦେହରେ ମଧ୍ୟ ବିଦ୍ୟୁତ୍ ଶକ୍ତି ରହିଛି । ଆଜି ଠାରୁ ପ୍ରାୟ ସାତ ହଜାର ବର୍ଷ ତଳେ ହିମାଳୟ, ତିବ୍ବତ, ନେପାଳ ଆଦି ସ୍ଥାନର ଇନ୍ଦ୍ର ପଦ ପାଇଁ ଏହି ଯୋଗ ପ୍ରଥମେ ସାଧନା କରି ବଜ୍ର ଅସ୍ତ୍ର ପ୍ରାପ୍ତି ହେଉଥିଲା । ପରେ ବୁଦ୍ଧଙ୍କ ଦ୍ୱାରା ଜନ୍ମ ନେଇଥିବା ବୌଦ୍ଧ ଧର୍ମରେ ମହାଯାନ ବା ବଜ୍ର ଯାନ ସମ୍ପ୍ରଦାୟର ବୌଦ୍ଧ ଧର୍ମୀ ମାନେ ଏହି ଯୋଗ ସାଧନ କରୁଥିଲେ । ବିଶେଷତଃ ଏହି ଅଞ୍ଚଳର ରାଜ ବଂଶୀ ମାନେ ଶକ୍ର ବା ଶାକ୍ୟ ବଂଶୀ ଥିଲେ ।

ଏହି ବଜ୍ର ଯାନ ଶାଖାର ବୌଦ୍ଧ ମାନେ ଏହି ଶକ୍ତି ପାଇବା ପାଇଁ ତନ୍ତ୍ର, ମନ୍ତ୍ର ,ଯୋଗ ବା ବିଭିନ୍ନ ମୁଦ୍ରା ବ୍ୟବହାର କରୁଥିଲେ । ପଦ୍ମ ଉପରେ ବ୍ରହ୍ମାଙ୍କ ପରି ଆସୀନ ଏକ ମୁଦ୍ରା ମଧ୍ୟ ପ୍ରାୟ ଏହି ଯୋଗରେ ଅଛି । ( ପଠିତ ।) ଝଡର ମଧ୍ୟ ଏକ ଶକ୍ତିଶାଳୀ କେନ୍ଦ୍ର ବା ନାଭି ଥାଏ, ଏହା ଆଖି । ସୂର୍ଯ୍ୟ ମଧ୍ୟ ନୀହାରିକାର ନାଭି ଶକ୍ତି । ପୃଥିବୀର ଅଭ୍ୟନ୍ତରରେ କେନ୍ଦ୍ର ମଧ୍ୟ ଏକ ଅତି ଉତ୍ତପ୍ତ ନାଭି । ଯାହାର ଶକ୍ତି ଖଣିଜ ତିଆରି ରେ ସହାୟତା କରିଥାଏ । ଏହିପରି ଅନ୍ତରୀକ୍ଷ ବା ସ୍ୱର୍ଗ, ପୃଥିବୀ ବା ମର୍ତ୍ତ୍ୟ, ପାତାଳ ବା ପୃଥିବୀର ଅଭ୍ୟନ୍ତର ଉପାଦାନ ପରସ୍ପର ସହ ଅତି ଘନିଷ୍ଠ ଭାବେ ସମ୍ପର୍କିତ । ଯଦି ନୀହାରିକାଟି ଭାଗ, ଭାଗ ନହୋଇ ଗୋଟିଏ ସୂର୍ଯ୍ୟରେ ପରିଣତ ହୋଇଥାନ୍ତା, ଏହା ପ୍ରୟୋଜନୀୟ ହୋଇ ପାରି ନଥାନ୍ତା । ଯେତେବେଳେ ପ୍ରବଳ ଧୂଳିଝଡ ହୋଇ ବ୍ୟାପକ କ୍ଷୟ କ୍ଷତି କରିଥାଏ, ମେଘ ମାଳାକୁ ଉଡ଼ାଇ ନିଏ, ସେତେବେଳେ ଯଦି କଳା ମେଘ ଆସେ, ବିଜୁଳି ମାରେ, ଅସରାଏ ବର୍ଷା ହୋଇ ଯାଏ, ଆଉ ବିଶେଷ କ୍ଷତି ହୁଏ ନାହିଁ । ଇନ୍ଦ୍ର ସେହି ଯୋଗ ଶକ୍ତିରେ ଗର୍ଭସ୍ଥ ଶିଶୁକୁ ସାତ ଖଣ୍ଡ କରିଦେଲେ । ହୁଏତ ଦିତି ଙ୍କ ବ୍ରତ ଶକ୍ତି ବଳରେ ଗର୍ଭରେ ଥିବା ଖଣ୍ଡିତ ଶିଶୁ ରୋଦନ କରିଥିଲା ବା ଯୋଗ ବଳରେ ଇନ୍ଦ୍ର ତାକୁ ପ୍ରଥମେ ଜନ୍ମ ନେଇଥିବା ଏକାଦଶ ରୁଦ୍ରଙ୍କ ଶକ୍ତି ବୋଲି ଜାଣି ପାରିଲେ । ଇନ୍ଦ୍ର ସେମାନଙ୍କୁ 'କାନ୍ଦନାହିଁ' ବୋଲି ଆଦେଶ ଦେଇ ପ୍ରତ୍ୟେକଙ୍କୁ ପୁଣି ସାତ, ସାତ କରି ଅଣଚାଶ ଖଣ୍ଡ କରିଦେଲେ । ସେମାନେ ସେହି ଯୋଗାସୀନ ଇନ୍ଦ୍ରଙ୍କଠାରୁ ଭିନ୍ନ ଥିବା ସୂକ୍ଷ୍ମ ଇନ୍ଦ୍ରଙ୍କୁ ପ୍ରଶ୍ନକଲେ,'ହେ ଶକ୍ର, ତୁମ୍ଭେ ଆମର ଜ୍ୟୋଷ୍ଠଭ୍ରାତା । କାହିଁକି ଆମ୍ଭପ୍ରତି ଏପରି ହିଂସା କଲ ? ଆମ୍ଭ ମାନଙ୍କର ନାମ ମରୁତ ରାଜା ଥିଲା । 'ଇନ୍ଦ୍ର କହିଲେ,'ହେ ମରୁତ ରାଜନ ! ମୁଁ ତୁମକୁ ସମ୍ପୂର୍ଣ୍ଣ ମୃତ୍ୟୁ ଦେଇନାହିଁ । କେବଳ ନିଜର ସୁରକ୍ଷା ପାଇଁ , ତୁମର ପ୍ରବଳ ବଳକୁ କମାଇ ଦେବାପାଇଁ ତୁମକୁ ଅଣଚାଶ ଖଣ୍ଡ କରିଦେଇଛି । ଏବେ ତୁମେ ଧୀର ଭାବକୁ ଗ୍ରହଣ କରି ମୋର ପାରିଷଦ ପଦରେ ରହିପାର ।' ଏହି ମରୁତ ଶବ୍ଦଟି ବାଖ୍ୟା । କଲେ, ମରୁ ଯୁକ୍ତ ଉତ୍ ବା ମରୁ ଉପରେ ବା ଅଗ୍ର ।ଏଥିରୁ ଜଣାଯାଏ ଏହି ମରୁତ ମାନେ ମରୁଭୂମିବାସୀ ଅଗ୍ରଣୀ ଜାତି । ମରୁଭୂମିରେ ମଧ୍ୟ ପ୍ରବଳ ଝଡ ହୁଏ !! ଇନ୍ଦ୍ର ଏହାକୁ ଅଣଚାଶ ଭାଗ କରିଦେଲେ, କିନ୍ତୁ ପ୍ରତ୍ୟେକ ଭାଗ ବୋଧହୁଏ ସମାନ ନଥିଲା । ଏହାର ଅର୍ଥ ସେହି ଆଦିମ ମାନବ ମାନଂକ ଇନ୍ଦ୍ରିୟ ଶକ୍ତି ସମୟ କ୍ରମେ ସମସ୍ତ ବଂଶଜଙ୍କଠାରେ ହ୍ରାସରୁ ହ୍ରାସ ତର ହୋଇ ଯାଇଥିଲା । ହଠାତ ଏହି ସମୟରେ ଦିତିଙ୍କର ନିଦ୍ରା ଭଙ୍ଗ ହେଲା । ସେ ଦେଖିଲେ ତାଙ୍କଠାରୁ ଜନ୍ମ ହୋଇ ଇନ୍ଦ୍ରଙ୍କ ସହିତ ଅଣଚାଶ ପୁତ୍ର ପଡି ଛନ୍ତି । (ତନ୍ତ୍ର, କଳା ଯାଦୁ ବା ଯୋଗ ଦ୍ୱାରା ଏପରି ଦୃଶ୍ୟ ନିଶ୍ଚୟ ଦେଖାଇ ଦିଆଯାଇ ପାରିଥିବ । ବାହ୍ୟ ବିଜ୍ଞାନ ରେ ମଧ୍ୟ ଅନ୍ଧ, ମୂକ ଓ ବଧିର ମାନଙ୍କୁ ଚଳଚ୍ଚିତ୍ର ଦେଖାଇବା ପରି ଏପରି ଦୃଶ୍ୟ ଦେଖାଇ ଦିଆଯାଇ ପାରୁଛି । ମଣିଷର ନିଜ ସ୍ମୃତି ଶକ୍ତିକୁ ବିନିଯୋଗ କରି ତାକୁ ମୃତ ବ୍ୟକ୍ତିକୁ ମଧ୍ୟ ଦେଖାଇ ଦିଆଯାଇ ପାରୁଛି । ନଚେତ୍ ଜଣେ ନାରୀଠାରୁ ଏକ ସମୟରେ ବାସ୍ତବରେ ପଚାଶଟି ଶିଶୁ ଜନ୍ମ ହେବା ଅସମ୍ଭବ କଥା । ହୁଏତ ସେମାନେ ବର୍ଷକୁ ବର୍ଷ, ବହୁ ବର୍ଷ ଧରି ଜନ୍ମ ହୋଇଥିଲେ । କିମ୍ବା ଜଣେ ମରୁତ, ଯାହାଙ୍କ ଠାରେ ଶକ୍ତିକୁ ଅଣଚାଶ ଭାଗ କରାଗଲା । ଆଶ୍ଚର୍ଯ୍ୟ, ଏହି ପ୍ରଥମ ଏକ ଭାଗ ପ୍ରାୟ ତିନି ଶହ ପଚାଶ କି: ମି ଓ ଶେଷ ଏକ ଭାଗ ପ୍ରାୟ ସାତ କି: ମି ଯାହା ଘଣ୍ଟା ପ୍ରତି ପବନର ସର୍ବ ନିମ୍ନ ଗତି ଅଟେ । ଏହି ମରୁତ ମାନଂକ ମଧ୍ୟରୁ କେଶରୀ ନାମକ ମରୁତଙ୍କଠାରୁ ଶ୍ରୀ ହନୁମାନ ଜନ୍ମ ହୋଇଥିଲେ । ରାଜର୍ଷି କଶ୍ୟପଙ୍କ ବଂଶଜଥିବାରୁ ସେ ଆର୍ଯ୍ୟ ଓ ଥିଲେ । ତେଣୁ ତାଙ୍କୁ ଏକାଧାରରେ ଶିବ ବା ରୁଦ୍ର, ପବନ ବା ମରୁତ(ନାମ ମାରୁତି) ଏବଂ କେଶରୀଙ୍କଠାରୁ ଜନ୍ମ ବୋଲି କୁହାଯାଏ । ଶ୍ରୀମଦ୍ଭାଗବତରେ ଏହିପରି ଅନେକ ତଥ୍ୟ ଅଛି, ଯାହା ସହଜ ରେ ଜାଣି ହୁଏ ନାହିଁ ।ଯେପରି ସଂଜିବନୀପୁର ଦକ୍ଷିଣ ଦିଗରେ ଅବସ୍ଥିତ । ଦେହରେ ଗୁହ୍ୟଦ୍ୱାରରେ ବି ମୃତ୍ୟୁ ଓ ଅଣ୍ଡ ରେ ପ୍ରଜାପତି ବା ଜନ୍ମ ବସେ । ଶିର ଉତ୍ତରରେ ଓ ଗୁହ୍ୟ ଦ୍ୱାର ଦକ୍ଷିଣରେ ଥାଏ, ଯେଉଁଠାରୁ ମୃତ ପଦାର୍ଥ ବାହାରି ଯାଏ ଓ ଅଣ୍ଡରୁ ନୂତନ ସୃଷ୍ଟି ହୁଏ,ଏହା ଉତ୍ତର ଦିଗ । କୃଷ୍ଣା ବର୍ତ୍ତ ଦକ୍ଷିଣ ଓ ଶୁକ୍ଳ ଗର୍ତ୍ତ ଉତ୍ତର ବା ଉପରେ ଅଛି । ସଂଜୀବନୀ ଅର୍ଥ ସମ୍ୟକ୍ ଜୀବନ ନୁହେଁ, ଜୀବନୀ ବା ଜୀବନର ସାରକଥା । ଶାକ ଆଦି ଦ୍ୱିପରେ ପ୍ରଥମ ସୃଷ୍ଟି ଆରମ୍ଭ ଓ ଶେଷ ହୋଇଥିଲା । ଏପରି ସ୍ଥାନ ମାନଂକରେ ଅତି ପ୍ରାଚୀନ ମୃତ ତାରକାର ଅବଶେଷ ବା ଅସ୍ଥି ଅଛି । ଯାହାଠାରୁ ଜୀବନୀ ବା ଜୀବନ ତଥ୍ୟ ମିଳିଥାଏ । ଯେପରି କଚ୍ଛପ ମାନେ ସୃଷ୍ଟି ହେବା ସମୟରେ ହିଁ ସମୁଦ୍ରରେ ମୁକ୍ତା, ପ୍ରବାଳ,କଉଡ଼ି, ମାଟି ତଳେ ସୁନା, ରୂପା, ମାଙ୍ଗାନିଜ, କୋଇଲା ଆଦି ଅନେକ ଖଣିଜ ପ୍ରସ୍ତୁତ ହୋଇ ସାରିଥିଲା । ହୋଇପାରେ ଆକାଶରେ କଶ୍ୟପ ତାରା ଥିବା ସମୟରେ ହିଁ କଚ୍ଛପ ସୃଷ୍ଟି ହୋଇଥିଲା । ଯେପରି ବରାହ ସୃଷ୍ଟି ହୋଇ ପ୍ରଥମେ ଦାନ୍ତ ରେ ଓଦା ମାଟି କର୍ଷଣ କରିଥିଲେ ଓ ତୃଣ, ଶସ୍ୟ ଜାତୀୟ ଉଦ୍ଭିଦ ଜନ୍ମ ନେଲା । ନୃସିଂହ ଅବତାର ସମୀକ୍ଷା କଲେ ଶ୍ୱେତ ସିଂହ ର ମୁଖ ଠିକ୍ ଆର୍ଯ୍ୟ ମାନଂକ ପରି । ଲମ୍ବା ନାକ, ରାଜକୀୟ ନୀଳ ଚକ୍ଷୁ, ଗହଳ କେଶ । ଏହା ବ୍ୟତୀତ ସିଂହ ଗୁଣରେ ମଧ୍ୟ ଖୁବ୍ ରାଜକୀୟ । ଗୋଟିଏ ବନରେ କେବଳ ଗୋଟିଏ ସିଂହ ରାଜୁତି କରିଥାଏ । ଅନ୍ୟ ପୁରୁଷ ସିଂହ ଆସିଲେ ସିଂହ ତାକୁ ମାରିଦିଏ ଓ ତାର ପତ୍ନୀକୁ ନିଜର କରିନିଏ । କିନ୍ତୁ ସିଂହ ତାର ପତ୍ନୀର ପୂର୍ବ ସ୍ୱାମୀ ଠାରୁ ଜନ୍ମିତ ବାଳକ ସନ୍ତାନ ମାନଙ୍କୁ ପ୍ରତିଦ୍ୱନ୍ଦୀ ମନେକରି ମାରିଦିଏ । ସିଂହ କେବଳ ସମାନ ଗୋତ୍ର ବା ଜାତିର ସିଂହୀକୁ ପତ୍ନୀ ରୂପେ ଗ୍ରହଣ କରେ । ( ପଠିତ) ଏତଦ୍ ବ୍ୟତୀତ ସିଂହ ପୂର୍ବରୁ ବା ଆଗକୁ ଘଟିବାକୁ ଯାଉଥିବା ଘଟଣାର ନିକଟ ବର୍ତ୍ତୀ ସ୍ଥାନ ଓ ସମୟ ଆଦି ଜାଣିପାରେ । ସେ ମଧ୍ୟ ସ୍ୱପ୍ନ ଦେଖେ । ଗତ ବା ଆଗତ ବିଷୟ ରେ ସ୍ୱପ୍ନ ଦେଖୁଥିବାର ସମ୍ଭାବନା !!। (ମୋ ମତରେ) । ଦଇତାପତିମାନେ ନବ କଳେବର ସମୟ ରେ ପ୍ରଥମେ ନୃସିଂହଙ୍କୁ ପୂଜା କରି କାକଟପୁର ମା ମଙ୍ଗଳାଙ୍କ ପାଖେ ଅଧିଆ ପଡନ୍ତି । ହଁ, ନିଶ୍ଚୟ ଅନ୍ତର୍ବିଜ୍ଞାନରେ ଏହାର କୌଣସି ତତ୍ତ୍ୱ ନିଶ୍ଚୟ ଥିବ !! ଏହିପରି ତତ୍ତ୍ୱ ମାନ ସମୀକ୍ଷା କରି ସତ୍ୟ ମିଳିପାରେ !! ଯେପରି ଅଜ, ସ୍ୱେଦଜ,ଅଙ୍ଗଜ, ଅଣ୍ଡଜ, ଜରାୟୁଜ । ହନୁମାନଙ୍କ ସ୍ୱେଦ ବା ଝାଳ ସମୁଦ୍ରରେ ପଡ଼ିଲା ଓ ତାହା ଗିଳିଥିବା କୁମ୍ଭୀର ଠାରୁ ପୁତ୍ର ମକର ଧ୍ୱଜ ଜନ୍ମ ହେଲେ । ଏହା ସମ୍ଭବ ନୁହେଁ, କିନ୍ତୁ ବିଜ୍ଞାନ ମତରେ ଆମର ଜୀବକୋଷ,ଅସ୍ଥି, ରକ୍ତ ପରି ଝାଳରେ ମଧ୍ୟ ଆମର ଡିଏନଏ ଅଛି । ବୋଧହୁଏ ଅଙ୍ଗଜ ବା ଦେହକୁ ଖଣ୍ଡ, ଖଣ୍ଡ କରି ନୂତନ ସୃଷ୍ଟି କରିବା ପୂର୍ବରୁ ଏକ ମୁକ୍ତ ରସ ବା ବୀଜ ଅଠାଳିଆ ଲାଳ ପରି ଜଳ ତଳେ ଥିବା କୌଣସି ବସ୍ତୁ ମାନଂକ ଅଣୁମାନଂକ ରାସାୟନିକ ପ୍ରକ୍ରିୟାରୁ ବାହାରି ଜଳ ଉପରେ ଭାସୁଥିଲେ ଓ ଜଳ ରୁ ବାହାରି ଉପରକୁ ଉଠି ସୂର୍ଯ୍ୟ କିରଣ ରେ ଶୁଖି ଯାଇଥିଲା ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

# ଶ୍ରୀକାଳହସ୍ତୀ

ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ । ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ । କାରଣ ପବିତ୍ର ସ୍ଥାନ ମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ । ତୀର୍ଥ ଶବ୍ଦର ଅର୍ଥ ହେଉଛି ଯେଉଁ ସ୍ଥାନକୁ ଗଲେ ମଣିଷ ତରିଯାଏ । ଭାରତ ଏକ ତୀର୍ଥ ଭୂମି । କାରଣ ଭାରତରେ ଅନେକ ପବିତ୍ର ଦେବାଦେବୀ ମନ୍ଦିର ଅବସ୍ଥିତ ଯେଉଁଠିକୁ ପ୍ରତ୍ୟହ ହଜାର ହଜାର ଭକ୍ତ ଯାତ୍ରା କରି ମୋକ୍ଷପ୍ରାପ୍ତ ହୁଅନ୍ତି । ଭାରତରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସମେତ ଅନେକ ପ୍ରସିଦ୍ଧ ଶିବ ମନ୍ଦିର ଅବସ୍ଥିତ । ଭଗବାନ ଶିବଶଙ୍କର ନିରାକାର । ସେ ପୁଣି ସାକାର, ଶିବଲିଙ୍ଗଙ୍କୁ ପୂଜା କରିବା ସ୍ୱୟଂ ଶିବ ଶଙ୍କରଙ୍କୁ ପୂଜା କରିବା ସହ ସମାନ । ପବିତ୍ର ଶିବଲିଙ୍ଗଙ୍କର ହସ୍ତ, ପାଦ, ଚକ୍ଷୁ, କର୍ଣ୍ଣ ନ ଥିଲେ ମଧ୍ୟ ସେ ସର୍ବତ୍ର ବିରାଜିତ । ଏହିପରି ଏକ ପ୍ରସିଦ୍ଧ ସ୍ୱୟମ୍ଭୁ ଲିଙ୍ଗ ହେଲେ ଶ୍ରୀକାଳହସ୍ତୀଶ୍ୱର ବା ଶ୍ରୀକାଳେଶ୍ୱର ।

ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଅବସ୍ଥିତ ଶ୍ରୀ କାଳହସ୍ତୀ ମନ୍ଦିର ହିନ୍ଦୁ ମାନଙ୍କର ଏକ ବିଶିଷ୍ଟ ପୂଜା ସ୍ଥଳ । ଏହ ମନ୍ଦିର ଦକ୍ଷିଣର କୈଳାସ ନାମରେ ପରିଚିତ । ଏହା ସ୍ୱର୍ଣ୍ଣମୁଖୀ ନଦୀକୂଳରେ ଅବସ୍ଥିତ ଏକ ପ୍ରସିଦ୍ଧ ଶିବ ମନ୍ଦିର । ଏହି ମନ୍ଦିର ରାହୁ ଓ କେତୁ ଗ୍ରହଙ୍କ ପୂଜା ପାଇଁ ପ୍ରସିଦ୍ଧ । ଏଠାରେ ରାହୁ ଓ କେତୁଙ୍କ ପୂଜା ପାଇଁ ଅମାବାସ୍ୟା, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିକୁ ପବିତ୍ର ମନାଯାଏ । ରବିବାର ଦିନକୁ ମଧ୍ୟ ପୂଜା ପାଇଁ ଏଠାରେ ଶୁଭ ମନାଯାଏ । ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଯେତେବେଳେ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହେ କେବଳ ଏହି ମନ୍ଦିର ଖୋଲା ରହେ । ମନ୍ଦିର ପ୍ରତ୍ୟେକ ଦିନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହି ପୂଜା ଅର୍ଚ୍ଚନା କରାଯାଏ ଓ ଭକ୍ତମାନେ ଶୃଙ୍ଖଳିତ ହୋଇ ଧାଡ଼ିରେ ଯାଇ ଦର୍ଶନ କରନ୍ତି । ଏହି ମନ୍ଦିର ଶିବଙ୍କୁ ସମର୍ପିତ ଏବଂ ଏଠାରେ ପୂଜା ପାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପଞ୍ଚତତ୍ତ୍ୱ ମଧ୍ୟରୁ ବାୟୁତତ୍ତ୍ୱ ଅନ୍ୟତମ । ମନ୍ଦିର ଗର୍ଭଗୃହ ମଧ୍ୟରେ ଯଦିଓ କୌଣସି ବାୟୁ ଚଳାଚଳ ହୁଏ ନାହିଁ ଭକ୍ତମାନେ ପବନ ବହିବା ପରି ଅନୁଭବ କରନ୍ତି । ଏପରିକି ଗର୍ଭଗୃହରେ ଏକ ତୈଳ ଦୀପର ଶିଖା ପବନରେ ହଲିଲା ପରି ଦୃଷ୍ଟି ଗୋଚର ହୁଏ ।

ଶ୍ରୀକାଳହସ୍ତୀ ଲିଙ୍ଗ ସ୍ୱୟମ୍ଭୁଲିଙ୍ଗ । ଅର୍ଥାତ୍ ନିଜେ ଆବିର୍ଭୂତ । ତାଙ୍କୁ କେହି ସ୍ଥାପନା କରି ନାହାନ୍ତି । ଶ୍ରୀ କାଳହସ୍ତୀ ନାମ ତିନୋଟି ଶବ୍ଦର ସମାହାର । ପ୍ରଥମରେ ଶ୍ରୀ ଅର୍ଥାତ୍ ମକଡ଼ି ବା ବୁଢ଼ୀଆଣୀ, ଦ୍ୱିତୀୟରେ କାଳ ଅର୍ଥ ସର୍ପ ଓ ତୃତୀୟରେ ହସ୍ତୀ ଯେଉଁମାନେ ଏଠାରେ ଶିବଙ୍କୁ ପୂଜା କରି ମୋକ୍ଷପ୍ରାପ୍ତ ହୋଇଥିଲେ । ତେଣୁ ସେମାନଙ୍କ ନାମରେ ଶିବଙ୍କୁ ଏଠାରେ ଶ୍ରୀକାଳହସ୍ତୀଶ୍ୱର ନାମରେ ପୂଜା କରାଯାଏ । ଆଉ ଏକ ତତ୍ତ୍ୱ ଅନୁସାରେ ବାୟୁ ଦେବତା ଓ ଶେଷନାଗ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ପରିଚିତ ହେବାକୁ ଏଠାକୁ ଆସିଥିଲେ ଏବଂ ଭସ୍ମ ଶିବଲିଙ୍ଗ ଭକ୍ତ ହୋଇ ଏଠାରେ ପୂଜା ପାଇଲେ । ଶ୍ରୀକାଳହସ୍ତୀ ମନ୍ଦିରକୁ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ବଡ଼ ବଡ଼ ସହର ମାନଙ୍କୁ ସଡ଼କ ଓ ରେଳଯାତ୍ରା ଉପଲବ୍ଧ । ଏଠାରୁ ନିକଟତମ ଏୟାରପୋର୍ଟ ତିରୁପତିରେ ଅବସ୍ଥିତ । ତିରୁପତି ଠାରୁ ଶ୍ରୀ କାଳହସ୍ତୀର ଦୂରତା ୩୭ କିମି ଓ ସଡ଼କ ପଥରେ ଏକ ଘଣ୍ଟା ସମୟ ଲାଗେ । ଶିବ ଶଙ୍କରଙ୍କୁ ସମର୍ପିତ ଶ୍ରୀ କାଳହସ୍ତୀ ମନ୍ଦିର ବିଜୟନଗର ସାମ୍ରାଜ୍ୟର ସମ୍ରାଟ କୃଷ୍ଣଦେବରାୟ ୧୫୧୬ ମସିହାରେ ନିର୍ମାଣ କରିଥିଲେ । ମନ୍ଦିର ପରିସରରେ ପ୍ରବେଶ ମାତ୍ରେ ଦର୍ଶକମାନେ ଅତ୍ୟନ୍ତ ମନମୁଗ୍ଧକର କାରୁକାର୍ଯ୍ୟ ସମ୍ପନ୍ନ ମୂର୍ତ୍ତି, ପୌରାଣିକ ତଥ୍ୟ ସମ୍ବଳିତ ବିଭିନ୍ନ ଆକୃତିର ପଥର ଖୋଦେଇ ବିଗ୍ରହମାନ ମନ୍ଦିରର କାନ୍ଥ, ଛାତ, ପ୍ରାଚୀର ପଥର ମାନଙ୍କରେ ଦେଖିବାକୁ ପାଇବେ । ବିଶେଷତଃ ଏହାର ଗୋପୁରମ୍ ସ୍ତମ୍ଭମାନଙ୍କରେ ହୋଇଥିବା କାରୁକାର୍ଯ୍ୟ ଅତ୍ୟନ୍ତ ଆଚାର୍ଯ୍ୟଜନକ ।

ପ୍ରଥମେ ତିରୁପତିରେ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରି ତାପରେ ଶ୍ରୀକାଳହସ୍ତୀ ଯାତ୍ରା କରନ୍ତି । ଯଦି କାହାକୁ ରାହୁ କେତୁ ପୂଜା କରିବାକୁ ଥାଏ ତେବେ ଆଗ ଶ୍ରୀକାଳହସ୍ତୀରେ ପୂଜା ସାରି ଓ ଦର୍ଶନ କରି ତିରୁପତି ଯାତ୍ରା କରନ୍ତି । ଏଠାରେ ଅନେକ ପର୍ବପର୍ବାଣି ପାଳନ କରାଯାଉଥିଲେ ମଧ୍ୟ ମହାଶିବରାତ୍ରୀ ଓ କାର୍ତ୍ତିକ ପୂର୍ଣ୍ଣିମା ବିଶେଷ ଭାବରେ ପାଳନ କରାଯାଏ । ସାରା ଭାରତରୁ ଭକ୍ତମାନେ ଏହି ଦିନରେ ଏଠାକୁ ରାହୁ କେତୁ ପୂଜା କରି ଗ୍ରହଶାନ୍ତି କରିବାକୁ ଆସନ୍ତି । ସ୍ୱୟମ୍ଭୁଲିଙ୍ଗ ଶ୍ରୀ କାଳହସ୍ତୀଶ୍ୱୀର ଲିଙ୍ଗଙ୍କୁ କେହି ସ୍ପର୍ଶ କରନ୍ତି ନାହିଁ । ଏପରିକି ପୂଜକମାନେ ମଧ୍ୟ ସ୍ପର୍ଶ କରନ୍ତି ନାହିଁ । ଏଠାରେ ଭଗବାନ ଶ୍ରୀକାଳହସ୍ତୀଶ୍ୱରଙ୍କ ସହିତ ଦେବୀ ଜ୍ଞାନପ୍ରସ୍ୱନ ଅମ୍ବାଙ୍କୁ ମଧ୍ୟ ପୂଜା କରାଯାଏ । ଶ୍ରୀ କାଳହସ୍ତୀ କଲମକରି ଶାଢ଼ୀ ଓ ପୂଜା ସାମଗ୍ରୀ ପାଇଁ ପ୍ରସିଦ୍ଧ । ଏଠାରେ ପ୍ରସ୍ତୁତ ପାଲାକୋଭା ମିଠା, କାଲାକନ୍ଦ, ପେଢ଼ା ଓ କ୍ଷୀରି ରାବିଡ଼ିରେ ପ୍ରସ୍ତୁତ ସୁସ୍ୱାଦୁ ମିଠାମାନ ପ୍ରସାଦ ଭାବରେ ଉପଲବ୍ଧି ହୁଏ । ଦ୍ରାବିଡ଼ ସଂସ୍କୃତି ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀ କାଳହସ୍ତୀ ଏହାର ସାଂସ୍କୃତିକ ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀକାଳହସ୍ତୀ ଏହାର ସଂସ୍କୃତି ଓ ଧାର୍ମିକ ଭାବର ପବିତ୍ର ସମାରୋହ । ଶ୍ରୀ କାଳହସ୍ତୀଶ୍ୱର ଯାତ୍ରା କେବଳ ତୀର୍ଥାଟନ ନୁହେଁ ଏହା ଭାରତୀୟ ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଗଭୀର ଅନୁଭବ । ମନ୍ଦିରର ଆକୃତି, ପୁରାତନ ଶିଳ୍ପକଳା, ଗର୍ଭଗୃହରେ ପୂଜିତ ସ୍ୱୟମ୍ଭୁ ବାୟୁଲିଙ୍ଗଙ୍କର ସରଳ କିନ୍ତୁ ପ୍ରଭାବଶାଳୀ ପୂଜା ପଦ୍ଧତି ଭକ୍ତମାନେ ମନକୁ ଶାନ୍ତି, ପବିତ୍ରତା ଓ ଆତ୍ମବଳ ପ୍ରଦାନ କରେ । ଏହିପରି ଶହ ଶହ ବର୍ଷ ହେଲା ଶ୍ରୀ କାଳହସ୍ତୀ ସମସ୍ତଙ୍କର ଭକ୍ତି, ଆଶ୍ରୟ ଓ ପ୍ରେରଣାର କେନ୍ଦ୍ର ଭାବରେ ପ୍ରସିଦ୍ଧି ହୋଇ ରହିଅଛି ।

+ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ,
ମୋ : ୯୮୬୧୩୫୫୬୨୮

## ଯାତନା

ପ୍ରତିମା ମେହେର

ପଚାରିଲେ ନିରବ !
ଶୁଣାଇଲେ ନିରୁତ୍ତର !
ସବୁଜ ସବୁଜ ମନ ତା'ର
କୁଆଡେ ନିଶ୍ଚିହ୍ନ !
ସମାଧିସ୍ଥ କେବେ ଦିନେ ବୁଦ୍ଧ !
ବୋଧିସତ୍ତ୍ୱ ନାମେ,
କୋଇଲିର କୁହୁତାନେ
ବିଦଗ୍ଧ ବୈଶାଖ !
ସେ ହିଁ 'ତ ପଥିକର ପାନ୍ଥଶାଳା !
କଳରବ କାକଳିରେ
ମଧୁର ଗୁଞ୍ଜରଣ !
ଶୀତଳ ଛାୟାର ସ୍ନିଗ୍ଧ ଝରଣ
ଚୁପ୍ ପୁରା ଚୁପ୍ !
ହେଉଛି କ୍ଷତାକ୍ତ ଅବିରତ
ଗୋଛା ଗୋଛା ପେଣ୍ଡା ପେଣ୍ଡା
ତା'ଅବୟବ !
ଧରାଶାୟୀ ମୂଳରୁ ଚୂଳ !
ତା'ଗର୍ଭ ବେଦନାରେ
ଅସଂଖ୍ୟ ଅମୃତ ଫଳ
ଚେକା ଚେକା ଶାଗୁଆ ପତର
ମୃତ ପ୍ରାୟ ଏବେ ।
ଥିଲା ସାଇଁ ସାଇଁ ଶବଦ !
ନଭଶ୍ଚୁମ୍ବୀ ଅତିକାୟ କଳ୍ପ
ଝୁଲୁଥିଲା ଦୋଳି,
ପବନ ସାଥେ, ବାୟା'ର ବସା
କୁଆଡେ ଉଭାନ !
ଥା, ନିରବି ଥା !
କାଳରୁ ମହାକାଳ ଯାଏଁ
ଯୁଗ ଯୁଗ ଧରି,
କିଏ ଜଣେ ଆସିବେ ଅବତରି
ଛିଞ୍ଚିଦେବେ, ପ୍ରୀତିର ପିୟୁଷ !
ଫଳ ଫୁଲ ଧରି
ଚହଁରି ଯିବୁ ମାଟିରୁ ଆକାଶ
କିଚିରି ମିଚିରି ଗୁଞ୍ଜନରେ
ଚେଇଁଉଠି ଶୁଣାଇବୁ, ତୋ'କଥା
ଭୁଲିବୁ ସମସ୍ତ ଯାତନା !

+ ପାଟଣାଗଡ଼
ମୋ: ୮୯୦୮୭୫୫୭୦୫

# ପାରା ଜୁଡୋ ଆସୋସିଏସନ ପିଲାମାନେ ଜୁଡୋ ଚାମ୍ପିୟାନଶିପ-୨୦୨୫ରେ ଯୋଗ ଦେବା ପାଇଁ ରାଜସ୍ଥାନ ଗ୍ରସ୍ଥ



ପାରାଦୀପ,୧୭/୧୨ (ନି.ପ୍ର): ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏସନର ନେତୃତ୍ୱରେ ଶ୍ରୀମତୀ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚାମ୍ପିଅନସିପ୍ -୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୫ ଜଣ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଉଛନ୍ତି । ଗତକାଲି ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପି. କେ. ମହାପାତ୍ର ଦଳକୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ଶୁଭକାମନା ଜଣାଇଥିଲେ, ସେମାନଙ୍କ ଉତ୍ସାହ, ସମର୍ପଣ ଏବଂ ଜାତୀୟ ସ୍ତରରେ ପଦକ ଜିତିବାର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ସମୟରେ, ଜଣେ ଦୃଷ୍ଟିହୀନ ପିଲା ସୁନ୍ଦର ଭାବରେ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ ପାଠ କରିଥିଲେ, ଯାହାକୁ ଉପସ୍ଥିତ ସମସ୍ତ ବ୍ୟକ୍ତି ଅତ୍ୟନ୍ତ ପ୍ରଶଂସା କରିଥିଲେ।ଜୁଡୋ ଆସୋସିଏସନର ସହାୟକ କର୍ମଚାରୀମାନେ ଦୈନନ୍ଦିନ ଜୀବନରେ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତିର ଗୁରୁତ୍ୱ ଉପରେ ଆଲୋକପାତ କରି ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଗ୍ରହଣ କରିବାକୁ ଥିବା ଆତ୍ମରକ୍ଷା କୌଶଳ ମଧ୍ୟ ପ୍ରଦର୍ଶନ କରିଥିଲେ। ଦଳ ଆଜି ବସ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଥିଲା ଏବଂ ଆସନ୍ତାକାଲି ଟ୍ରେନ୍ ଯୋଗେ ରାଜସ୍ଥାନକୁ ଯାତ୍ରା କରିବ। ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପି. କେ. ମହାପାତ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା ଦଳକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ସେମାନଙ୍କୁ ଚାମ୍ପିଅନସିପରେ ସଫଳତା ଏବଂ ଆହୁରି ଅନେକ ପଦକ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ଡିଜିଏମ (ପିଆଣ୍ଡଏ) ପ୍ରସନ୍ନ କୁମାର ବେଉରା, ପିଆରଓ, ଏବଂ ଜୟନ୍ତ କୁମାର ଜେନା ସମର୍ଥନ କରିଥିଲେ। ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ସମସ୍ତ ଅଂଶଗ୍ରହଣକାରୀ ଏବଂ ସହାୟକ କର୍ମଚାରୀଙ୍କୁ ଫଳ ପ୍ୟାକେଟ ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# କାମିନୀ ମାଝୀ ଶୁଖୁଆ ବିକି ଆତ୍ମନିର୍ଭରତାର ଜୀବନ୍ତ ଉଦାହରଣ ପାଲଟିଛନ୍ତି

ଭଦ୍ରକ,୧୭/୧୨ (ନି.ପ୍ର): ଓଡ଼ିଆ ଘର କହିଲେ ଭାତ, ଡାଲି ଓ ଶୁଖୁଆ। ଏହି ତିନିଟି ଅବିଚ୍ଛିନ୍ନ ପରମ୍ପରା। ଗାଁ ଘରର ରସୋଇଘରରେ ଇଲିଶ, ଚମ୍ପା, ଚିଙ୍ଗୁଡ଼ି, ଶିଳା, ସିରାମୁଣ୍ଡି ଭଳି ଶୁଖୁଆ ଆଜି ବି ସ୍ୱାଦ ଓ ସଂସ୍କୃତିର ପରିଚୟ। ଏହି ପରମ୍ପରାକୁ ଜୀବନ ଓ ଜୀବିକା ସହ ଜଡ଼ି ରଖିଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ଅନ୍ତର୍ଗତ ଉତେଇପୁର ମାଝୀ ସାହି ଗ୍ରାମର କାମିନୀ ମାଝୀ ଆଜି ଆତ୍ମନିର୍ଭରତାର ଜୀବନ୍ତ ଉଦାହରଣ। ସ୍ୱର୍ଗତ ସ୍ୱାମୀ ଶଶିକାନ୍ତ ମାଝୀଙ୍କ ମୃତ୍ୟୁ ପରେ ପ୍ରାୟ ୮ ବର୍ଷ ଧରି ସେ ଏକାକୀ ଭାବେ ପରିବାରର ଦାୟିତ୍ୱ ବୋହି ଆସୁଛନ୍ତି। ପରିବାର କହିଲେ କେବଳ ଗୋଟିଏ ଝିଅ। ଝିଅ ବର୍ତ୍ତମାନ ଯାଜପୁର ରିଜିଓନାଲ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ଅଧ୍ୟୟନରତ। ଝିଅର ପାଠପଢ଼ା ଓ ପରିବାର ପ୍ରତିପୋଷଣ ପାଇଁ କାମିନୀ ମାଝୀ ଶୁଖୁଆ ବେପାରକୁ ଆଶ୍ରୟ କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଉପବାସରେ ଛୋଟ ଝିଅକୁ ଧରି ଓଳିଏ ଖାଇଲେ ଓଳିଏ ଉପାସ ରହୁଥିବା କାମିନି ସେଶରେ ଘର ଚଳିବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ଆଦୋରି ନେଇଥିଲେ କୁଳବେଉସା ସୁଖୁଆ ବେପାରକୁ। ସାଢ଼ି ପିନ୍ଧି ମୁଣ୍ଡରେ ଉଢ଼ଣା ଟାଣି ପ୍ରଥମେ ମୁଣ୍ଡରେ ଟୁକେଇ ଧରି ଗାଁ ଗାଁ ବୁଲି ଶୁଖୁଆ ବିକ୍ରି କରୁଥିବା କାମିନୀ ମାଝୀ ପରେ ପରିଶ୍ରମ ଓ ସଂଚୟରେ ଗୋଟିଏ ପୁରୁଣା ସାଇକେଲ କିଣିଲେ। ଗତ କିଛି ବର୍ଷ ଧରି ସେହି ସାଇକେଲ ହିଁ ତାଙ୍କ ଜୀବିକାର ଏକମାତ୍ର ଆଧାର କରିଚାଲିଛନ୍ତି। ସାଇକେଲ ହ୍ୟାଣ୍ଡେଲରେ ୪ ରୁ ୫ଟି ବ୍ୟାଗ ଝୁଲାଇ ଓ ପଛ ପାଖରେ ଏକ କେରେଟରେ ଚିଙ୍ଗୁଡ଼ି, ସିରାମୁଣ୍ଡି, ନୟନାଜି, ଚମ୍ପା, ଇଲିଶ, ଶିଳା, ଚାନ୍ଦି ଭଳି ବିଭିନ୍ନ ପ୍ରକାର ଚିକ ଚିକ୍ ଶୁଖୁଆ ଭଦ୍ରକ ଓ ତିହିଡ଼ିରୁ ଆଣି ଦୋବଲ ଓ ଯାଜପୁର ଅଞ୍ଚଳର ବିଭିନ୍ନ ଗାଁ ଗାଁ ବୁଲି ବିକ୍ରି କରୁଛନ୍ତି। ସଖାଳୁ ଘରୁ ବାହାରି ସନ୍ଧ୍ୟାରେ ଘରକୁ ଫେରିବା ମଧ୍ୟରେ ତାଙ୍କ ଦିନ କଟିଯାଏ। ଶୁଖୁଆ ନେବ... ବୋଲି ଡାକ ଶୁଣି ଗାଁର ମା' ଓ ମାଉସୀମାନେ ଘରୁ ବାହାରି ଆସି ତାଙ୍କଠାରୁ ଶୁଖୁଆ କିଣନ୍ତି। ଏହି କଠିନ ପରିଶ୍ରମରୁ ପ୍ରତିଦିନ ସେ ୪୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ବୈତରଣୀ ନଦୀ କଡରେ ଘର ଥିବାରୁ ପ୍ରତିବର୍ଷ ବନ୍ୟା ଆଶଙ୍କା ଲାଗି ରହୁଛି। ସରକାରଙ୍କ ପକ୍ଷରୁ ଭତା ଓ ୫ କିଲୋ ରାସନ୍ ମିଳୁଥିଲେ ବି ଏକ ପକା ଘର ପାଇଁ ସେ ଆଜି ବି ଅପେକ୍ଷାରେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଲେ ମା' ଓ ଝିଅ ନିରାପଦ ଭାବେ ଜୀବନ କାଟିପାରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସାଇକେଲ ଉପରେ ଶୁଖୁଆ ବେପାର କରୁଥିବା କାମିନୀ ମାଝୀଙ୍କ ଜୀବନ ସଂଘର୍ଷ ଆଜି ସମାଜ ପାଇଁ ନୀରବ କିନ୍ତୁ ଗଭୀର ବାର୍ତ୍ତା ଦେଉଛି ପରିଶ୍ରମ ଓ ସ୍ୱାଭିମାନ ଥିଲେ ଅଭାବ ବି ହାର ମାନେ।

# ମା' ଭଗବତୀଙ୍କୁ ଲାଗିହେଲା ଧନୁମୁଆଁ

ଖୋର୍ଦ୍ଧା,୧୭/୧୨ (ନି.ପ୍ର): ପବିତ୍ର ଧନୁ ସଂକ୍ରାନ୍ତିରେ ଆଜି ଖୋର୍ଦ୍ଧା ଜିଲ୍ଲାର ବାଣପୁର ସ୍ଥିତ ମା ଭଗବତୀଙ୍କୁ ଧନୁ ମୁଆଁ ଲାଗି ହୋଇଛି । ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମା'ଙ୍କ ପାଖରେ ଧନୁ ମୁଆଁ ଲାଗି ହେବ। ଏହି ସମୟ ଚାଷି ଭାଇଙ୍କର ଧାନ ଅମଳର ସମୟ । ନିଜ ଜମିରୁ ଉତ୍ପାଦିତ ଶସ୍ୟ ଧାନ ଫସଲରେ ମୁଆଁ ପ୍ରସ୍ତୁତ କରି ଦେବାଦେବୀଙ୍କୁ ଅର୍ପଣ କରିବାର ପର୍ବ। ପ୍ରତି ଓଡ଼ିଆଙ୍କ ଘରେ ମନ୍ଦିରରେ ମୁଆଁ ଭୋଗ । ମା' ଭଗବତୀଙ୍କୁ ମଧ ଲାଗି ହୋଇଛି ନୂଆ ଧାନରୁ ପ୍ରସ୍ତୁତ ଲିଆ, ଗୁଡ଼, ନଡ଼ିଆ ଗୁଆଘିଅ, କାଜୁ ମସଲାରେ ଶୁଦ୍ଧପୂତ ଭାବରେ ପ୍ରସ୍ତୁତ ମୁଆଁ । ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଂଟନ କରାଯାଇଛି। ଆଜିର ଏହି ପବିତ୍ର ତିଥିରେ ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବଲ୍ଲଭ ସାଥିରେ ଧନୁମୁଆଁ ନେଇ ପାଳିଆ ମାଳି ସେବକମାନେ ପରିଛା ସାମନ୍ତଙ୍କୁ ବଢେଇଲା ପରେ ଘଂଟ ଘଂଟା କାହାଳୀ ବାଜି ମା'ଙ୍କୁ ଧୂପ କରାଯାଇ ଆଳତି ବଢ଼ିଥିଲା । ତାପରେ ସର୍ବସାଧାରଣ ଦର୍ଶନ ଓ ଭୋଗ ଲାଗି ହୋଇ ଖେଚୁଡ଼ି ଡାଲି ଏବଂ ଧୂପ ପରେ ଅନ୍ନ, ଡାଲି, ମହୁର, ଖିରୀ, ଏଣ୍ଡୁରୀ ଭୋଗ ହୋଇ ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା । ଧନୁସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

# ଷ୍ଟାର ଏକାଡେମି ପ୍ରତିଯୋଗିତା ବାର୍ଷିକ କ୍ରୀଡାଯାଗିତାର ଉଦ୍ଯାପିତ

କେନ୍ଦୁଝର,୧୭/୧୨ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଷ୍ଟାର ଏକାଡେମି ପ୍ରତିଯୋଗିତା ବାର୍ଷିକ କ୍ରୀଡାଯାଗିତାର ଉଦଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ସମାରୋହ ଆଜି ଏକାଡେମୀର ଅଧ୍ୟକ୍ଷା ସୁନିତା ମହାନ୍ତିଙ୍କ ଅଧକ୍ଷାତାରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଓସ୍କା ର ସମ୍ପାଦିକା ଧରିତ୍ରୀ ରାଉତ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସଦସ୍ୟ ହିମାଂଶୁ ଶେଖର ମହାନ୍ତି ଏହି କ୍ରୀଡା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଜିର ଏହି ଉଦଯାପନୀ ଦିବସରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପରିଚାଳକ ମାନସ ରଞ୍ଜନ ସାହୁ ଏବଂ ଜିଲ୍ଲ କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଏବଂ ସିଡବ୍ଲୁସି ସଦସ୍ୟା ସୋନାଲି ସିଂହ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିବା ବେଳେ ଉଦଜାପନୀ ଉତ୍ସବକୁ ବେଶ ଆକର୍ଷଣୀୟ କରିଥିଲା। ଏହି ଉଦଯାପନୀ ସମାରୋହର ସଂଯୋଜିକା ସୁପ୍ରିୟା ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ସହଯୋଗରେ ଦୁଇଦିନ ବ୍ୟାପି ଏହି କ୍ରୀଡା କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା।

# ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ବିଜୟ ଦିବସ ପାଳିତ




ବାସୁଦେବପୁର,୧୭/୧୨ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ବାସୁଦେବପୁର ପକ୍ଷରୁ ଦୁଇ ଦିନ ବ୍ୟାପୀ ବିଜୟ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ୧୯୭୧ ମସିହାରେ ହୋଇଥିବା ଭାରତ ପାକିସ୍ଥାନ ଯୁଦ୍ଧରେ ଭାରତର ଅପୂର୍ବ ବିଜୟ ଗାଥାର ୫୪ ତମ ଜୟନ୍ତୀରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସୈନିକ କଲ୍ୟାଣ ସଂଘର ସଭାପତି ଶରତ କୁମାର ନାୟକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷା ନିବେଦିତା ବେହେରା, ବାଲେଶ୍ୱର ଜିଲ୍ଲା ସୈନିକ ସଂଗଠନ ସଭାପତି ଚନ୍ଦ୍ରମଣି ମହାପାତ୍ର, ରାଜ୍ୟ ସୈନିକ ସଂଗଠନ ସମ୍ପାଦକ ଅଶୋକ ବଳିୟାରସିଂହ, ରାଜ୍ୟ ସଂଗଠନ ସଭାପତି ମହେଶ୍ୱର ବେହେରା, ଗଞ୍ଜାମ ଜିଲ୍ଲା ସଭାପତି କାଳୁ ଚରଣ ପ୍ରଧାନ, କବି ସୁଧାଂଶୁ ଶେଖର ମିଶ୍ର ଓ କବି ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ଓ ଭାରତ ବର୍ଷର ସୈନିକ ମାନଙ୍କ ଦେଶପ୍ରେମ, ଜାତୀୟତା ବୋଧ ଓ ବିଭିନ୍ନ ସମସ୍ୟାକୁ ବର୍ଣ୍ଣନା କରିଥିଲେ। ସଭାରେ ଅତିଥି ମାନଙ୍କ ଦ୍ୱାରା ତିନି ଜଣ ବୀର ନାରୀ ଯଥାକ୍ରମେ ସୁବେଦାର ମେଜର ନିରଞ୍ଜନ ଜେନାଙ୍କ ଧର୍ମପତ୍ନୀ ରଙ୍ଗଲତା ଜେନା, ନାଏକ ଲାଲ୍ ବାହାଦୂର ସାହୁଙ୍କ ଧର୍ମପତ୍ନୀ କନକଲତା ସାହୁ, ଓ ହାବିଲଦାର ବସନ୍ତ କୁମାର ବେହେରାଙ୍କ ଧର୍ମପତ୍ନୀ ସୁକାନ୍ତି ବେହେରାଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ଉତ୍ସବରେ ସଂଘର ବୟସ୍କ ସଦସ୍ୟ ବନମାଳି ପରିଡା ଓ ହାବିଲଦାର କୈଳାସ ଭୋଇ ଙ୍କୁ ମାନପତ୍ର ଉପଢୌକନ ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୈନିକ କଲ୍ୟାଣ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦାମୋଦର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ କୁମାର ବେହେରା ସହଯୋଗ କରିଥିଲେ। ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ନୃତ୍ୟ, ସଙ୍ଗୀତ ପରିବେଷଣ ହେବା ସହିତ ସମରକଳା ପ୍ରଦର୍ଶିତ ହୋଇ ଥିଲା। ଏହି ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରା ଯାଇଥିଲା ଓ ଅବସରପ୍ରାପ୍ତ ସୈନିକ ଭାଇ ମାନେ ମଟର ସାଇକେଲ ରେ ଶୋଭାଯାତ୍ରା କରି ବାସୁଦେବପୁର ସହର ପରିକ୍ରମା କରିଥିଲେ। ଆଗାମୀ ଦିନରେ ଏହି ସଂଘ ପକ୍ଷରୁ ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯିବ।

# ଜିଲ୍ଲାପାଳ ନିର୍ଦ୍ଦେଶକୁ ମାନିଲେନି ବାଲି ମାଫିଆ: ବେଆଇନ ଚାଲାଣରେ ଭାଙ୍ଗିଲା ରାସ୍ତା, ୧ ବାଲି ହାଇୱା ଜବତ

କୋରେଇ,୧୭/୧୨ (ନି.ପ୍ର): ଦିନକୁ ଦିନ ବାଲି ମାଫିଆଙ୍କ କବଜାରେ କୋରେଇ ଅଂଚଳ ରହିଛି । ଧରାକୁ ସରା ନମଣି ବାଲି ମାଫିଆ ସେମାନଙ୍କ ବେପାର ବିସ୍ତାର କରିବାରେ ଲାଗିଛନ୍ତି । ବାଲି ମାଫିଆଙ୍କ ଯୋଗୁ ପ୍ରତି ଗାଁରେ ଲୋକମାନେ ଦଉି ତିନି ଭାଗରେ ବିଭକ୍ତ ହେବାରେ ଲାଗିଥବବା ବେଳେ ଯୁକଶକ୍ତି ପଥଭ୍ରଷ୍ଟ ହେଉଛନ୍ତି । । ସମସ୍ତଙ୍କୁ ଅର୍ଥ ନିଶା ଘାରିଛି । ସୋମବାର ରାତ୍ରୀରେ କୋରେଇ ଡାକ୍ତରଖାନା ପାଖରେ ବେଆଇନ ବାଲି ଗାଡି ଚାଲାଣକୁ ସାଧରଣ ଲୋକେ ବିରୋଧ କରିଥିଲେ । ଯେଉଁ ଗାଡିରେ କାଗଜପତ୍ର ନାହିଁ ଉକ୍ତ ଗାଡିକୁ ରାସ୍ତାରେ ଯାତାୟତକୁ ବାରଣ କରିଥିଲେ । ଏହାର ସୁଯୋଗରେ ବାଲି ମାଫିଆ ମାନେ ଜିଲ୍ଲାପଳ ବାରଣ କରିଥିବା ବୈତରଣୀ ରୋଡ ସଠିପୁର ରାସ୍ତାରେ ୨ଶହରୁ ଉର୍ଦ୍ଧ ଗାଡିକୁ ଛାଡି ଦେଇଥିଲେ । ଫଳରେ ନୂତନକରି ପ୍ରଶସ୍ତି କରଣ ବା ଦୋହରୀକରଣ କାର୍ଯ୍ୟ ଚାଲୁଥିବା ଉକ୍ତ ରାସ୍ତା ଗୋଟିଏ ରାତ୍ରୀରେ ଭାଂଗିରୁଜି ଚୁରମାର ହୋଇଥିଲା । ହେଲେ ପୁଲିସ ଏହାକୁ ବିରୋଧ କରିବା ପରିବର୍ତେ ବାଲିମାଫିଆଙ୍କ ପକ୍ଷନେଇ ଜିଲ୍ଲାପାଳ ନିର୍ଦ୍ଦେଶକୁ ବେଖାତିରି କରି ଗାଡି ପାର କରାଇଥିଲା । ଯାହାକୁ ନେଇ ଠିକା ସଂସ୍ଥା ଜିଲ୍ଲାପଳଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ମଦ୍ୟାନ୍ନରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଉକ୍ତ ରାସ୍ତା ପରିଦର୍ଶରେ ଆସିଥିଲେ । ପରିଦର୍ଶନ ସମୟରେ ଏକ ବାଲି ହାଇୱା ବରଉର୍ହଶି ସଠିପୁର ରାସ୍ତାର ରାଣିଗୋଡା ନିକଟରେ ଧରି ପୁଲିସ ଜିମା ଦେଇଥିଲେ । ପରିବହନ ଅଧିକାରୀ ଡି ନାୟକ, ରାଜସ୍ୱ ନିରୀକ୍ଷକ କାଟେ ପୂର୍ତି, ସବଇନ୍ସପେକ୍ଟର ସୁମିତ କୁଜୁର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ । ଉକ୍ତ ରାସ୍ତାରେ ଗୋଟିଏ ବି ଭାରୀଯାନ ଗାଡି ଯେମିତି ଚଳାଚଳ ନକରେ ସେଥିପ୍ରତି ପୁଲିସ ଧ୍ୟାନ ଦେବାକୁ ତାଗଦ କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ନିମନ୍ତେ ପ୍ରସ୍ତୁତି

ଧର୍ମଶାଳା,୧୭/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତ ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ଶ୍ରୀ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସଭାପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍ୟୋକ୍ତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କୋଟପୁରର ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, କଂଟିଗଡିଆ ସମିତି ସଭ୍ୟ ଅରୂପାନନ୍ଦ ଜେନା, ଆଇନଜୀବୀ ଶ୍ୟାମସୁନ୍ଦର ଦାଶ, ସାମ୍ବାଦିକ ଅଭିମନ୍ୟୁ ଧଳ, ବିବେକାନନ୍ଦ ଦାସ, ରମେଶ ଗନ୍ତାୟତ, ଅଜୟ ପ୍ରଧାନ,ଜୟନ୍ତ ଜେନା, ରସାନନ୍ଦ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର ତଥା ଶୃଙ୍ଖଳିତ କରିବା ନେଇ ମତ ଦେବା ସହିତ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଏହି ଉତ୍ସବରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ଆସନ୍ତା ଜାନୁୟାରୀ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ପଟୁଣିଆ ପଂଚାୟତ ସମେତ ସ୍ଥାନୀୟ ଛଅଗୋଟି ପଂଚାୟତର ମୁରବୀମାନଙ୍କୁ ନେଇ କମିଟି ଗଠନ କରିବାକୁ ବୈଠକରେ ସ୍ଥିର କରାଗଲା । ସର୍ବଶ୍ରୀ ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ବିଷ୍ଣୁ ପ୍ରସାଦ ପତି, ସନ୍ଦିପ ଗନ୍ତାୟତ, ତ୍ରିଲୋଚନ ଦାଶ, ବିଶ୍ୱନାଥ ଜେନା, ମଦନ ମୋହନ ବଳ, ଶଶିକାନ୍ତ ଜେନା, କପିଳ ଗନ୍ତାୟତ, ଗୁଣମଣି ଦାସ ସମେତ ଛଅ ଗୋଟି ପଂଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଓ ଯୁବ ସଂଗଠକ ବିବେକାନନ୍ଦ ଦାସ ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିଲେ । ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୦୨୬ ଅନୁଷ୍ଠିତ

ଖୋର୍ଦ୍ଧା,୧୭/୧୨ (ନି.ପ୍ର): ମାନବ ସମ୍ବଳ ସୁ ବିନିଯୋଗରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ନିର୍ମାଣ ସାକାର ହେବ: ବିଧାୟକ: ଜଗଦେବ । ଖୋର୍ଦ୍ଧା ତା ୧୭.୧୨.୨୦୨୫ରିଖ: ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭିଜନ ବିକଶିତ ଓଡ଼ିଶା ଅ ୨୦୩୬ ଏବଂ ବିକଶିତ ଭାରତ ଅ୨୦୪୭ ଛାତ୍ର ଓ ଯୁବ ସମାଜ ପାଇଁ ଏକ ଆହ୍ୱାନ ର ବିଷୟ ଅଟେ । ଆତ୍ମ ନିର୍ଭର ଭାରତ, ସ୍ୱଦେଶୀ ଭାରତ, ଗ୍ରାମ ସ୍ୱରାଜ୍ୟ ପ୍ରତିଷ୍ଠାରେ ଭାରତ ସ୍ୱାବଲମ୍ବୀ ହେବ,ସ୍ୱାଧିନତା ପୂର୍ବରୁ ଏହା ମହାତ୍ମା ଗାନ୍ଧୀ ସ୍ୱପ୍ନ ଦେଖିଥିଲେ । ଆମେ ସ୍ୱାଧୀନତା ପାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆତ୍ମ ନିର୍ଭର ଭାରତ ନିର୍ମାଣ କରିପାରି ନାହେଁ । ବର୍ତ୍ତମାନ ଏହି ଭିଜନ କୁ ସଫଳ କରିବା ପାଇଁ ହେଲେ ଛାତ୍ର ସମାଜ, ଯୁବ ସମାଜଙ୍କ ମାନବ ସମ୍ବଳ ତଥା ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ଶକ୍ତିକୁ ବିକଶିତ ଓ ସୁ ବିନିଯୋଗ କରିପାରିଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ନିର୍ମାଣ ର ପଥ ସୁଗମ ହେବାସହ ସରକାରଙ୍କ ଭିଜନ ସାକାର ହେବ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମାସ୍ଥ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ମିଳିତ ଆନୁକୁଲ୍ୟ ରେଏକ ଦିବସୀୟ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ୨୦୨୫ -୨୦୨୬ କୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ ପୂର୍ବକ ନିଜ ଅଭିଭାଷଣ ରେମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଆହୁରି ମଧ ବିଧାୟକ କହିଥିଲେ ଏକବିଂଶ ଶତାବ୍ଦୀରେ ସମସ୍ତଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖି ନିଯୁକ୍ତି ମେଳା,ଓରମାସ ଏବଂ ମିଶନ ଶକ୍ତି ମାଧମରେ ମହିଳା ଶସକ୍ତି କରଣ କାର୍ଯ୍ୟ କ୍ରମ ଆୟୋଜନ କରୁଥିବା ବେଳେ ଆଜିର ଏହି ନିଯୁକ୍ତି ମେଳା ଛାତ୍ର ଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପଥ ପ୍ରଦର୍ଶନ ସହ ଦେଶ ସେବାର ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ଖୋର୍ଦ୍ଧା ଜିଲ୍ଲା ଉପନିର୍ଦ୍ଦେଶକ ନିଯୁକ୍ତି ତଥା ଦକ୍ଷତା ବିକାଶ ଶ୍ରୀ ସୁବାସ କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, କସ୍ତୁରୀ ବାଳା ଜେନା,ଓରମାସ ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନୀଳକଣ୍ଠ ରଥ, ଉପାଧକ୍ଷ ପ୍ରାଣନାଥ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପ୍ରତାପ କୁମାର ପଟ୍ଟନାୟକ, ଉପ ନିର୍ଦ୍ଦେଶକ, ନିଯୁକ୍ତି, ଭାରତ ସରକାର,ତପନ କୁମାର ରାଉଳ ନିଜ ନିଜ ବକ୍ତବ୍ୟରେ ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆତ୍ମ ନିର୍ଭର କରିବା ପାଇଁ ନିଯୁକ୍ତି ମେଳା ସରକାରଙ୍କର ଏକ ସୁବ୍ୟବସ୍ଥିତ ଯୋଜନା ବୋଲି ଉଲ୍ଲେଖ କରି ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓ ଆତ୍ମ ନିର୍ଭର କରିବା ତଥା ନିଜ ପାରଦର୍ଶିତା କୁ ବିକଶିତ କରି ନିଜର ଓ ନିଜ ପରିବାରର ଆର୍ଥିକ ମାନଦଣ୍ଡ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ । ମେଳାରେ ୨୮ ଗୋଟି ତାଲିମ ପ୍ରଦାନ କାରୀ ନିଯୁକ୍ତି ସଂସ୍ଥା ଓ ୩୦ ଗୋଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ୍ରୁ ମୋଟ ୧୮୦୦ ଯୁବକ ଯୁବତୀ ଯୋଗ ଦେଇଥିଲେ । ସେହିପରି ୯୨୦ ଜଣ ଯୁବକ ଯୁବତୀ ନିଯୁକ୍ତି ଭିତ୍ତିକ ତାଲିମ ପାଇଁ ଚୟନ ହୋଇଥିବାବେଳେ ୪୩୫ ଜଣକୁ ନିଯୁକ୍ତିପାଇଁ ଚୟନ କରାଯାଇଥିଲା । ମଞ୍ଚ ସଂଯୋଜନା, ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ ଉପନିର୍ଦ୍ଦେଶକ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁବାସ କୁମାର ବେହେରା ସମ୍ପାଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମିଶନ ଶକ୍ତି, ଓରମାସ ର ଅଧିକାରୀ ବୃନ୍ଦ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଓ ସମସ୍ତ ଅତିଥି ମାନଙ୍କୁ ଉପଢ଼ୌକନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ସମସ୍ତ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଓ ତାଲିମ ଭିତ୍ତିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଗୁଡ଼ିକର ଷ୍ଟଲ୍ ବୁଲି ଦେଖିଥିଲେ।

# ଭଦ୍ରକ ଟାଉନ ପୋଲିସର ଏନକାଉଂଟର: ଦୁର୍ଦ୍ଦାନ୍ତ ଅପରାଧୀ ବୁଦ୍ଧିଆ ଗୁରୁତର

ଭଦ୍ରକ,୧୭/୧୨ (ନି.ପ୍ର): ଭଦ୍ରକ ସହରାଂଚଳ ପୋଲିସର ଏନ୍କାଉଂଟରରେ ଆଜି ଭୋର ସମୟରେ ମୋଷ୍ଟ ୱାଂଟେଡ ଲିଷ୍ଟରେ ଥିବା ଦୁର୍ଦ୍ଦାନ୍ତ ଅପରାଧୀ କମଳାକାନ୍ତ ଦାସ ଓରଫ ବୁଦ୍ଧିଆ ଗୁରୁତର ହୋଇଛି। ଏହାପରେ ସ୍ଥାନୀୟ ପୋଲିସ ବୁଦ୍ଧିଆଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତି କରିଛି ।ଖବର ଅନୁଯାୟୀ, ମଙ୍ଗଳବାର ଦିନ ଭୋର ୫. ୩୦ ସମୟରେ ଦୁର୍ଦ୍ଦାନ୍ତ ଅପରାଧୀ କମଳାକାନ୍ତ ଦାସ ଓରଫ ବୁଦ୍ଧିଆ ଭଦ୍ରକ ସହରାଂଚଳ ଥାନା ଚରମ୍ପା ମାଲଗୋଦାମ ନିକଟରେ ଡକାୟତିର ଯୋଜନା କରୁଥିବା ବିଷୟ ଏସପି ମନୋଜ ରାଉତ ଖବର ପାଇଥଲେ।ଫଳରେ ସେ ନାଇଟ ପେଟ୍ରୋଲିଙ୍ଗ କରୁଥିବା ଟାଉନ ଆଇ ଆଇ ସି ପ୍ରଭାଂଶୁ ମିଶ୍ରଙ୍କୁ ଜଣାଇବାରୁ ସେ ଏକ ଟିମକୁ ନେଇ ଘଟଣା ସ୍ଥଳରେ ପହଂଚି ତା ସହ ମୁହାଁମୁହିଁ ହୋଇଥିଲେ ।ବୁଦ୍ଧିଆ ନିଜର ଜଣେ ସହଯୋଗୀ ସହ ବାଇକରେ ଫେରାର ବେଳେ ପୋଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା । ଜବାବରେ ପୋଲିସ ମଧ୍ୟ ପାଲଟା ଗୁଳିଚାଳନା କରିଥିଲା । ଯେଉଁଥିରେ ବୁଦ୍ଧିଆର ଡାହାଣ ଗୋଡ଼ରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲା । ଏହାପରେ ବୁଦ୍ଧିଆକୁ ଗୁରୁତର ଅବସ୍ଥାରେ ଜିଲ୍ଲା ମେଡିକାଲରେ ଭର୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ବୁଦ୍ଧିଆକୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।ବାଲେଶ୍ୱର ଜିଲ୍ଲା ସୋରୋ ତୁଡ଼ିଗଡ଼ିଆ (ବୁଡେଇ)ଗ୍ରାମ ନିବାସୀ ବୁଦ୍ଧିଆ ନାଁରେ ବାଲେଶ୍ୱର ସଦର ଥାନା , ଯାଜପୁର, ମୟୁରଭଞ୍ଜ, ସୋରୋ,ଖଇରା, ଭଦ୍ରକ ଭଳି ରାଜ୍ୟର ବିଭିନ୍ନ ଥାନାରେ ବ୍ୟାଙ୍କ ଓ ଏଟିଏମ ଲୁଟ ମାମଲାରେ ୫୦ରୁ ଅଧିକ କେଶ ରହିଛି । ତେବେ ଏହି ଏନ୍କାଉଂଟର ସମୟରେ ବୁଦ୍ଧିଆର ଜଣେ ସହଯୋଗୀ ଫେରାର ହୋଇଯାଇଥିବାର ଜଣାପଡିଛି। ବୁଦ୍ଧିଆ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ ଓ ଚାରିଟି ଜୀବନ୍ତ ଗୁଳି ଜବତ କରିଛି। ନିକଟରେ ସେ ଖଇରାର ଏକ ବ୍ୟାଙ୍କରୁ ୧୪ ଲକ୍ଷ ଟଙ୍କା ଲୁଟ କରି ଫେରାର ଥିଲା। ଇତି ମଧ୍ୟରେ ତାର ଅପରାଧିକ ତଥ୍ୟ ଖୋଜା ଯିବାସହ ଫେରାର ଅପରାଧି କୁ ଧରିବା ପାଇଁ ବିଭିନ୍ନ ଟିମ କୁ ସଜାଗ ରଖା ଯାଇଛି ବୋଲି ଏସପି ମନୋଜ ରାଉତ କହିଛନ୍ତି।

# ଡି.ଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ୍ ପୁରାତନ ଛାତ୍ରଙ୍କର ୫୦ ବର୍ଷ ପୂର୍ତ୍ତି ପାଳନ

କେନ୍ଦୁଝର,୧୭/୧୨ (ନି.ପ୍ର): କେନ୍ଦୁଝରଗଡ଼ ଡି.ଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ୍ ପୁରାତନ ଛାତ୍ରଙ୍କର ୫୦ ବର୍ଷ ପୂର୍ତି ଉପଲକ୍ଷେ ଡି.ଏନ୍ ହାଇସ୍କୁଲ ଅଡିଟୋରିୟମରେ ରବିବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ପୃଷ୍ଟି, ନାରାୟଣ ମିଶ୍ର, ସୁବାସ ଚନ୍ଦ୍ର ବଳ, ବାବାଜୀ ଚରଣ ସାହୁ, ଶର୍ଗଧର ବେହେରା ଅତିଥି ଭାବରେ ମଂଚାସନ ଥିବାବେଳେ ଡି.ଏନ. ହାଇସ୍କୁଲର ବରିଷ୍ଠ ଶିକ୍ଷକ ଉଦୟନାଥ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ନିଜର ପ୍ରିୟ ଓ ପୂଜ୍ୟ ଶିକ୍ଷକମାନଙ୍କୁ ଉପଢୌଙ୍କନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିବା ଓ ପୂଜ୍ୟ ଗୁରୁମାନଙ୍କଠାରୁ ଆଶୀର୍ବାଦ ଲାଭ କରିବାର ମୂହୁର୍ତ୍ତ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା ।

# ଆମ ମାତୃଭାଷା ପରିଷଦର ଧନୁ ସଂକ୍ରାନ୍ତି ଆସର

## ଶ୍ରୀମଦ୍ ଭଗବତ ଗୀତା ଜୀବନର ପ୍ରକୃତ ଦର୍ଶନ କରାଇଥାଏ




ଭଦ୍ରକ, ୧୭/୧୨ (ନି.ପ୍ର): ଆମ ମାତୃଭାଷା ପରିଷଦର "ଧନୁ ସଂକ୍ରାନ୍ତି ଆସର" ସାମରାଇପୁର କଲ୍ୟାଣୀନଗର ସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ଇଂ. ଅଭୟ ସୂତାରଙ୍କ ପୌରହିତ୍ୟରେ ବୟୋଜେଷ୍ଠ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ। ଶ୍ରୀମଦ୍ ଭଗବତ ଗୀତାରେ ଜୀବନ ଦର୍ଶନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଅମୃତଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟ ଅତିଥି ମୁନି ସମାଜର ସଭାପତି ପଣ୍ଡିତ ଦଶରଥ ପଣ୍ଡା, ସମ୍ମାନନୀୟ ଅତିଥି ଅଧକ୍ଷ ନୀହାର ରଞ୍ଜନ କର, ଅତିଥି ହରିଶ୍ଚନ୍ଦ୍ର ଦାସ, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଇଂ ରବିନ୍ଦ୍ର ଜେନା, ଗୟାଧର ପଣ୍ଡା, ଅଧକ୍ଷ କୃପାସିନ୍ଧୁ ନାୟକ ପ୍ରମୁଖ ଶ୍ରୀମଦ୍ ଭଗବତ୍ ଗୀତା ମନୁଷ୍ୟ ଜୀବନର ପ୍ରକୃତ ଦର୍ଶନ କରାଇଥାଏ। ପୂର୍ବତନ ରାଷ୍ଟ୍ରପତି ଶେଖ୍ ଅବଦୁଲ କାଲାମ୍ ଗୀତା ହିଁ ମୋ ଜୀବନର ମୁଖ୍ୟ ଦିଗ୍ ଦର୍ଶକ ଦେଇଛି ବୋଲି କହିଥିଲେ। ଜୀବନ ଧାରାର ପ୍ରକୃତ ପଥ ଶୃଙ୍ଖଳା ଓ ଆତ୍ମଚିନ୍ତନ କରାଇଥାଏ। ଗୀତାରୁ ଯୋଗ, କର୍ମ, ଭକ୍ତି, ଆତ୍ମ ଜ୍ଞାନ, ସ୍ଥିତପ୍ରଜ୍ଞତା, ଆତ୍ମାର ସ୍ଥିତି, ସୁଖ କଣ, ଦୁଖ କଣ ? ଭଗବତ ପ୍ରାପ୍ତି ଓ ବିଜ୍ଞତାର ବାଟ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ଶାନ୍ତିଲତା ବାରିକ, ମୋନାଲିସା ସାହୁ ଓ ସରୋଜିନୀ ନାୟକଙ୍କ ସଂଯୋଜନାରେ ଧନୁ ସଂକ୍ରାନ୍ତି କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଅଂଶୁମାନ ସ୍ୱାଇଁ, ଜଗନ୍ନାଥ ରାଉତ, ବିଜୟ କୁମାର ବହଳୀ, ଲକ୍ଷ୍ମୀଧର ରାଉତ, ରମାକାନ୍ତ ପାଳ, ବୀଣାପାଣି ତ୍ରିପାଠୀ, ସରୋଜ କୁମାର ଓଝା, ବୈକୁଣ୍ଠ ନାଥ ଓଝା, ସସ୍ମିତା ସାହୁ, ମଧୁସୂଦନ ମହାପାତ୍ର, ସେକ୍ ଅବଦୁଲ୍ ଦୟାନ୍, ସୁରଞ୍ଜନ ପଣ୍ଡା, ବାବୁଲାଲ ଦାସ, ସାଧନା ସାମଲ, ନିରଞ୍ଜନ ନାୟକ, ରଞ୍ଜୁ ନାୟକ, କୃପାସିନ୍ଧୁ ନାୟକ, ବିଚିତ୍ରାନନ୍ଦ ଜେନା, ସୁରେଶ କୁମାର ସାହୁ, ସୁମିତ୍ରା ପାଣି, ସ୍ୱାଗତିକା ଦାସ ପ୍ରମୁଖ ପ୍ରାୟ ପଚାଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତଭାଷଣ ଦେଇଥିଲେ ଏବଂ ସହ-ସମ୍ପାଦିକା ମମତାରାଣୀ ଦାଶମିଶ୍ର ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ବେଦପାଠ କରିଥିଲେ। ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ ଓ ଶେଷରେ ଲକ୍ଷ୍ମଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳନ ପର୍ବରେ ହେଲା ନିଷ୍ପତ୍ତି : ନିଶାମୁକ୍ତ ହେବ ବାଥୁଡ଼ି ଜନଜାତି



ଉଦଳା, ୧୭/୧୨ (ନି.ପ୍ର): ବାଲେଶ୍ୱର, ମୟୂରଭଂଜ ଓ କେଉଁଝର ଜିଲ୍ଲାରେ ବସବାସ କରୁଥିବା ବାଥୁଡ଼ି ଜନଜାତି ଭାଇ ଭଉଣୀ ମାନଙ୍କର ଏକ ମିଳନ ପର୍ବ ଚଳିତ ଡ଼ିସେମ୍ବର ୧୪ ତାରିଖ ରବିବାର ଦିନ ନିକଟସ୍ଥ କାଳଡ଼ୁ୍ୟାମ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରାୟ ୫୦୦ରୁ ଉର୍ଦ୍ଧ ଭାଇ ଭଉଣୀ ଏଥିରେ ଏକତ୍ରିତ ହୋଇ ବାଥୁଡ଼ି ଜନଜାତିରେ ଥିବା ସଂସ୍କୃତି ଓ ପରମ୍ପରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଡ଼. ରାଜକିଶୋର ନାଏକ ଓ ଯୋଗେଶ୍ୱର ଦଳେଇ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିତରେ ବାଥୁଡ଼ି ଜନଜାତି ଲୋକେ କିପରି ନୀତି ନିୟମକୁ ନେଇ ନିଷ୍ଠାର ସହକାରେ ନିଜର ଦିନଚର୍ଯ୍ୟା ପ୍ରସ୍ତୁତ କରୁଥିଲେ ଏବଂ ସାରା ଜୀବନ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଏହି କାରଣରୁ ବାଥୁଡ଼ି ଜନଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା ବୋଲି ବିରେନ୍ଦ୍ର ମଢ଼େଇ, ବ୍ରଜମୋହନ ନାଏକ ଓ ସୁଲମଣି ମଢ଼େଇ ବ୍ୟକ୍ତ କରିଥିଲେ । ଅଠର ଦେଉଳର ପୂଜକ ଚିତରଂଜନ ମହାପାତ୍ର ବାଥୁଡ଼ି ଜନଜାତିର ସଂସ୍କୃତିରେ ନିଶାଦ୍ରବ୍ୟ ସେବନର ସ୍ଥାନ ନାହିଁ ବୋଲି କହିବା ସହ ଏହାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ପାଇଁ ଶପଥ ପାଠ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ବାଥୁଡ଼ି ଜନଜାତିରେ ପ୍ରଚଳିତ ଥିବା ଢ଼ଗ ଢ଼ମାଳି, ଲୋକକଥା ଓ କାବ୍ୟ କବିତା ବହୁପୁରାତନ ହୋଇଥିବା ବେଳେ ଏଗୁଡ଼ିକର ସଂକଳନ କିପରି ବର୍ତମାନ ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ରବିନ୍ଦ୍ର କୁମାର ନାଏକ, ସୁରେନ୍ଦ୍ର ସିମନାକିଆ, ପଦ୍ମଲୋଚନ ନାଏକ ଓ ରୁପେଶ କୁମାର ଗିରି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୋମନାଥ ଖଣ୍ଡେଇ, ମହେନ୍ଦ୍ର ବିଶ୍ୱାଳ, କାହ୍ନୁଚରଣ ଖଣ୍ଡେଇ, ନିରଂଜନ ମଢ଼େଇ, ରାଧାକୃଷ୍ଣ ରାଉତ, ବିଜୟ କୁମାର ରାଉତ, ସୂର୍ଯ୍ୟମଣି ଡ଼ାକୁଆ ପ୍ରମୁଖ ଆଜିର ଏହି ମିଳନ ପର୍ବ ଆୟୋଜନର ନେତୃତ୍ୱ ନେବା ସହ ବାଥୁଡ଼ି ଜନଜାତିର ଲୋକେ ସ୍ୱାଧିନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ବେଳେ ଏହା ଇତିହାସର ପୃଷ୍ଠା ଏପର୍ଯ୍ୟନ୍ତ ମଣ୍ଡନ କରିନାହିଁ ବୋଲି ବ୍ୟକ୍ତ କରିଥିଲେ। ଗଜେନ୍ଦ୍ର ନାଏକ ଓ ଲକ୍ଷ୍ମୀଧର ମାଣିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରମେଶ ଖଣ୍ଡେଇ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ବାଇକ ପଛରୁ ବାଇକ ଧକ୍କା : ୩ ଆହତ

କୋରେଇ, ୧୭/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କାଜିପାଟଣା ଗ୍ରାମ ନିକଟରେ ବାଇକ ପଛରୁ ବାଇକ ଧକ୍କା ଦେବାରୁ ୨ ମହିଳାଙ୍କ ସତେ ୩ଜଣ ଆହତ ହୋଇଛନ୍ତି । ପ୍ରକାଶଯେ ପାଣିକୋଇଲି ଛକରୁ ଏକ ବାଇକ ଯୋଗେ ଯାଜପୁରରୋଡରୁ ୩ ଣ ବିରଜା ଦର୍ଶନ କରିବାକୁ ଯାଉଥିଲେ । କାଜିପାଟଣା ଗ୍ରାମ ନିକଟରେ ପଛରୁ ଏକ ୟାମା ପ୍ରିମୟର ବାଇକରେ ଏକ ଯୁବକ ଆସି ଧକ୍କା ଦେଇଥିଲା । ଫଳରେ ଉଭୟ ବାଇକ ତଳେ ଛିଟିକି ପଡିଥିଲେ । ପରେ ୟାମା ଆରୋହୀ ଉଠି ଗାଡି ନେଇ ପଳାଇଯାଇଥିଲା । ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ଅହତ ପ୍ରୀୟଦର୍ଶନ ନାୟକଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ 'ପ୍ରୟାସ': ସାମିଲ ହେଲେ ଦେଶର ବହୁ ପ୍ରତିଷ୍ଠିତ ଶିକ୍ଷାବିତ୍




ବାଲେଶ୍ୱର, ୧୭/୧୨ (ନି.ପ୍ର): ବଡ଼ସିଂହାରୀ ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସମ୍ମିଳନୀ 'ପ୍ରୟାସ' ଉଦ୍‌ଘାଟିତ ହୋଇଛି । ଏହି ଅବସରରେ 'ନୂତନ ଶିକ୍ଷାନୀତି ୨୦୨୦-ଏକ ଯୁଗସ୍ରଷ୍ଟା ଶିକ୍ଷାନୀତି' ଶୀର୍ଷକ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଅଧକ୍ଷତା କରିଥିଲେ । ଜାତୀୟ ଶୈକ୍ଷିକ ବୈଷୟିକ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ଅନୀଲ ଡି. ସହସ୍ରବୁଦ୍ଧେ ମୁଖ୍ୟ ଅତିଥବ ଭାବରେ ଯୋଗଦାନ କରିଥିଲେ । ଭାରତ ସରକାରଙ୍କ ପୂର୍ବତନ ଯୁଗ୍ମ ସଚିବ ମଧୁରଞ୍ଜନ କୁମାର, ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଟାଟା ପାୱାର ପଶ୍ଚିମ ଓଡ଼ିଶା ସିଇଓ ପ୍ରବୀଣ କୁମାର ବର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । 'ପ୍ରୟାସ'ର ସମ୍ପାଦିକା ଡ. ସୁଭଦ୍ରା ମହାରଣା ବିବରଣୀ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପକ ଡ. ଜିତେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମ ବୈଷୟିକ ଅଧିବେଶନରେ 'ଅପହଞ୍ଚ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତାର ସାମର୍ଥ୍ୟ ବୃଦ୍ଧି' ଶୀର୍ଷକ ଆଲୋଚନା ହୋଇଥିଲା । ଏଥିରେ ପୂର୍ବ ଅତିଥିଙ୍କ ସହିତ ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ପଶ୍ଚିମବଙ୍ଗ ମାଲଦାର ଜିକେ ସିଆଇଇଟିର ପ୍ରଫେସର ସି.ବି.ଜନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏନ୍‌ଆଇଟି ଟିଟିଆର ଭୋପାଳର ପ୍ରଫେସର ଏଲ.ଏସ. ରାଜୁ, ପ୍ରଫେସର ରଞ୍ଜିତ ସିଂହ, ପ୍ରଫେସର ସୁମନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁରେଶ ଚନ୍ଦ୍ର ପଟେଲ, ଡ. ନବନୀତ କୁମାର, ଡ. ପୂଜା ଗୁପ୍ତା, ଡ. ସରୋଜିନୀ ମଲ୍ଲିକ ଓ ସୁଶ୍ରୀ ସିମରନ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ୫ ଜଣ ମଦ୍ୟପ ଗିରଫ

ଜୟପୁର, ୧୭/୧୨ (ନି.ପ୍ର): ଜୟପୁର ସହରରେ କେହି ମୃତାହତ ନ ହୁଅନ୍ତୁ। ଦୁର୍ଘଟଣା ଏଡାଇବା ପାଇଁ ପୁଲିସର ଏକ ନୂଆ ଅଭିଯାନ ଚାଲିଛି ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ଚେକିଙ୍ଗ ଅଭିଯାନ। ପ୍ରତିଦିନ ଏକାଧିକ ଲୋକ ଧରାପଡୁଥିବା ବେଳେ ମଦପିଇ ଗାଡି ଚଳାଇବା ଅଭିଯୋଗରେ ଆଜି ଟାଉନ ପୁଲିସ ୫ ଜଣକୁ ଧରିଥିବା ବେଳେ ଗତକାଲି ୭ଜଣକୁ ଧରିଥିଲା। ସେହିପରି ସଦର ପୁଲିସ ମଧ୍ୟ ଗତକାଲି ରାତି ୩ଜଣକୁ ଧରିଥିବା ଜଣାପଡିଛି। କାର ଡ୍ରାଇଭର ଓ ବାଇକ ଚାଳକ ମାନଙ୍କର ଗାଡିକୁ ଜବତ କରି ଗାଡି ଗୁଡିକୁ କୋର୍ଟ ଚାଲାଣ କରାଯାଉଛି। ନୋଟିସ ପରେ ଅମାନିଆକୁ ତାଗିଦ କରି ଛଡାଯାଇଥିବା ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସହରର ଚାରି କୋଣରେ ଏବଂ ସଦର ଥାନା ଅଂଚଳର ସମସ୍ତ ପ୍ରବେଶ ଦ୍ୱାର ମାନଙ୍କରେ ରାତି ଅଧିଆ ପୁଲିସ ପଇଁତରା ମାରିବା ସହ ମଦୁଆ ମାନଙ୍କୁ ଜଗି ବସିଥାଉଛି।

# ବେତନଟୀ ପ୍ରମିୟର ଲିଗ୍ ଉଦ୍‌ଘାଟିତ: ଆରିୟନ ଫାଇଟର ବିଜୟ



ବେତନଟୀ, ୧୭/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଏମ୍‌ପିସି ହାଇସ୍କୁଲ ଖେଳ ପଡିଆରେ ଆଜି ବେତନଟୀ ପ୍ରିମିୟର ଲିଗ-୨୦୨୫ ସିଜିନ-୧୨ ଆଜି ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ବିଧାୟକ ସନାତନ ବିଜୁଳି ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭାପତି ଶଶିକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବରେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, କ୍ଲବ୍ ସମ୍ପାଦକ ଦିଲ୍ଲୀପ କୁମାର ରାଉତ, କ୍ଲବ୍ ସଦସ୍ୟ ସୁମନ ପାଲ, ପ୍ରକାଶ ଜ୍ୟୋତି ଆଦିତ୍ୟ, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ମାଲିକ ସନ୍ଦୀପ ମିଶ୍ର, ରାଜୀବ ପାତ୍ର, ପ୍ରୀୟଜିତ ନାୟକ ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି । କାର୍ଯ୍ୟକ୍ରମକୁ କ୍ଲବ ସଦସ୍ୟ କିଶୋର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚ୍ ଆରିୟନ ଫାଇଟର ସହିତ ବାହାନଡା ଟାଇଗର ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ପ୍ରଥମ ବ୍ୟାଟିଂ କରି ବାହାନଡା ଟାଇଗର ୧୭.୧ ଓଭରରେ ସମସ୍ତେ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ବାହାନଡା ଟାଇଗର ପକ୍ଷରୁ ଦୀପକ ବେହେରା ୨୩ ଟି ବଲ୍‌ରେ ୨୮ ରନ ସଂଗ୍ରହ କରିଥିଲେ। ଆରିୟନ ଫାଇଟର ପକ୍ଷରୁ ସତ୍ୟଜିତ ରାମ ୪ ଓଭାର ୨୬ ରନ୍ ଦେଇ ୪ ଟି ଉଇକେଟ ସଂଗ୍ରହ କରିଥିଲେ। ଏହାର ପ୍ରତିବାଦର ଆରିୟନ ଫାଇଟର ୧୯ ଓଭରରେ ୭ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଆରିୟନ ଫାଇଟର ଚନ୍ମୟ ପଣ୍ଡିତ ୨୯ ବଲରେ ୩୯ ରନ ସଂଗ୍ରହ କରିଥିଲେ। ବାହାନଡା ଫାଇଟର ରାଜେଶ ବେହେରା ୪ ଓଭର ରେ ୩୨ ରନ୍ ଦେଇ ୨ ଉଇକେଟ ସଂଗ୍ରହ କରିଥିଲେ। ଆରିୟନ ଫାଇଟର ସତ୍ୟଜିତ ରାମ କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଛି। ଖେଳକୁ ସୁଧାକର ପଣ୍ଡା ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲା ବେଳେ ସତ୍ୟରଞ୍ଜନ ପାତ୍ର ଓ ଟିକି ମହାନ୍ତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅନ୍‌ଲାଇନ ସ୍କୋର ଗୌରୀ ନାଥ, ଅନୁପ ପରିଡା ଓ ସିପୁନ ନାଥ ପରିଚାଳନା କରିଥିଲେ। ପ୍ରିମିୟର ଲିଗକୁ ପ୍ରଶାନ୍ତ ନାଥ, ସଞ୍ଜୁ ଦିବେଦୀ, ମନୋଜ ପଣ୍ଡା, ସୁଧାକର ପଣ୍ଡା, ମଳୟ ସେନାପତି, ସର୍ବେଶ୍ୱର ଦାସ, ରାଜେଶ ବେହେରା, ହୃଷିକେଶ ମହାନ୍ତ , ସତ୍ୟପ୍ରକାଶ ବେହେରା, ଭାଗ୍ୟରଞ୍ଜନ ବେହେରା, ଚନ୍ଦନ ଗିରି , କିସ୍ମତ ପରିଡା, ସଞ୍ଜୀବ ରାଉତ, ଅମିତ ବରାଳ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସାହସର ସହ ...

ଅଭିଯୋଗ ଆଣି କହିଛନ୍ତି ଯେ, ପ୍ରଶାସନର ସହାୟତାରେ ବୁଥ୍ ରିଗିଂ କରି ବିଜେପି ଏହି ବିଜୟ ହାସଲ କରିଛି । ବର୍ତ୍ତମାନ ପ୍ରଶାସନ ବିଜେପିର ହାତବାରିସି ସାଜି କାମ କରୁଛି ଏବଂ ବିଜେଡିର ଅଭିଯୋଗ ଶୁଣାଯାଉ ନାହିଁ। ରାଜ୍ୟରେ ଚାଷୀଙ୍କ ଧାନ କିଣାଯାଉ ନାହିଁ ଏବଂ ସରକାରଙ୍କ କଥା ଓ କାମରେ ଆକାଶ ପାତାଳ ଫରକ ରହିଛି ବୋଲି ସେ କହିଛନ୍ତି। ବିଜେଡି ପକ୍ଷରୁ କୁହାଯାଇଛି ଯେ, ପରାଜୟ ସତ୍ତ୍ୱେ ଦଳୀୟ କର୍ମୀଙ୍କ ମନୋବଳ ଭାଙ୍ଗିନାହିଁ। ନୂଆପଡ଼ାର ୬ରୁ ୫ଟି ଜିଲ୍ଲା ପରିଷଦ ଆସନ ଏବେ ବି ବିଜେଡି ଦଖଲରେ ରହିଛି, ଯାହା ଦଳର ଦବଦବାକୁ ପ୍ରମାଣିତ କରୁଛି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଇଭିଏମ ବଦଳରେ ବାଲାଟ ପେପରରେ ଭୋଟ ହେବ ଏବଂ ସେତେବେଳେ ଜନସାଧାରଣ ବିଜେପିକୁ ଉଚିତ୍ ଜବାବ ଦେବେ ବୋଲି ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ରାସନ କାର୍ଡକୁ ନେଇ...

ପକ୍ଷରୁ ସୂଚନା ଦିଆଯାଇଥିଲା । ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି । ଏହା ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ ଜାରି ରହିଛି ଓ ଏହା ବ୍ୟତୀତ ଅଦ୍ୟାବଧି ଇ-କେୱାଇସି କରାଇ ନ ପାରିଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡ଼ି.ଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଅଛି ଓ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ ଓ ଏହି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ପୂର୍ବରୁ ରାସନ କାର୍ଡକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅକ୍ଟୋବର ମାସରେ କହିଥିଲେ ଯେ ଯେଉଁମାନେ ନିଜର ଇ-କେୱାଇସି କରିନାହାନ୍ତି ସେମାନଙ୍କୁ ଆସନ୍ତା ମାସରୁ ଆଉ ଚାଉଳ ମିଳିବନି । କେନ୍ଦ୍ର ସରକାର ଇ-କେୱାଇସିକୁ ବନ୍ଦ କରିଛନ୍ତି । ଯେଉଁମାନେ ଇ-କେୱାଇସି ନ କରି ମଧ ଚାଉଳ ପାଉଛନ୍ତି ଆସନ୍ତାମାସରୁ ଏହାକୁ ବନ୍ଦ କରିଦିଆଯିବ । ଗତ ୭ , ୮ ମାସ ଧରି ଇ-କେୱାଇସି ପ୍ରକ୍ରିୟା ଚାଲିଥିଲା । ତେଣୁ ଆଉ ବଢ଼ିବାର ନାହିଁ । କେନ୍ଦ୍ର ସରକାର ଯଦି ଇ-କେୱାଇସି ଅବଧି ବଢ଼ାଇବେ ତା'ହେଲେ ରାଜ୍ୟ ସରକାର ମଧ ଏହି ଅବଧିକୁ ବୃଦ୍ଧି କରିବେ । ଏହା ସହ ଯେଉଁମାନେ ରାସନ କାର୍ଡରୁ ବାଦ୍ ପଡ଼ିଥିବେ ସେମାନେ ଲିଖିତ ଭାବେ ଜଣାଇଲେ ସେମାନଙ୍କ କଥା ବିଚାର କରାଯିବ । ରାଜ୍ୟରେ ଏବେ ବି ୧୫ ଲକ୍ଷ ୬୭ ହଜାରରୁ ଅଧିକ ରାସନକାର୍ଡଧାରୀ ଇ-କେୱାଇସି କରି ନଥିବା ସୂଚନା ରହିଛି । ଉଲ୍ଲେଖଯୋଗ୍ୟ ଯେ ଗତ ସେପ୍ଟେମ୍ବର ୩୦ ତାରିଖ ଇ-କେୱାଇସି କରିବାର ଶେଷ ତାରିଖ ଥିଲା । କେନ୍ଦ୍ର ସରକାର ଏହି ପ୍ରକ୍ରିୟାକୁ ବନ୍ଦ କରିଦେଇଛନ୍ତି । ପୂର୍ବ ସରକାର ସମୟରେ ଅନେକ ଭୂତ ହିତାଧିକାରୀ ଚାଉଳ ଉଠାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଧରପଗଡ଼ ଆରମ୍ଭ ହୋଇଥିଲା । ରାଜ୍ୟର ଲକ୍ଷାଧିକ ଲୋକ ଇ-କେୱାଇସି ନ କରିବା ପଛରେ ଅନେକ କାରଣ ରହିଛି । ଅଯୋଗ୍ୟ ହିତାଧିକାରୀ ଧରାପଡ଼ିବା ଭୟରେ ଇ-କେୱାଇସି କରୁନାହାନ୍ତି । ଉପାନ୍ତ ଅଞ୍ଚଳରେ ନେଟୱାର୍କ ସମସ୍ୟା ପାଇଁ ବହୁ ହିତାଧିକାରୀ ଅପ୍‌ଡେଟ୍ କରିପାରିନାହାନ୍ତି । ଏହା ସହ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ ଇ-କେୱାଇସି କରିନାହାନ୍ତି । ତାରିଖ ପରେ ତାରିଖ ଗଡୁଛି ହେଲେ ଶେଷ ହୋଇପାରୁନି ଇ-କେୱାଇସି ପ୍ରକ୍ରିୟା । ଯାହା ରାସନ କାର୍ଡ ହିତାଧିକାରୀଙ୍କ ଚିନ୍ତା ବଢ଼ାଇଛି । ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ୫୧ ହଜାର ୧୭୬ ଗାଁରୁ ୨୬୦୩ ଗାଁରେ ନାହିଁ ମୋବାଇଲ ନେଟୱର୍କ । ଏମିତିକି ଆଦିବାସୀ ପ୍ରବଣ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ୩୭୫ ଗାଁରେ ନେଟୱର୍କ ନାହିଁ । ରାୟଗଡ଼ା, କୋରାପୁଟ, ମାଲକାନଗିରି ଭଳି ଜିଲ୍ଲାର ବହୁ ଗାଁରେ ଆଜି ବି ପାଇପାରୁନି ନେଟୱର୍କ । ଯାହା ରାସନକାର୍ଡ ଇ-କେୱାସିରେ ବଡ଼ ସମସ୍ୟା ସୃଷ୍ଟି କରିଛି । ଖାଲି ନେଟୱର୍କ ସମସ୍ୟା ନୁହେଁ ହିତାଧିକାରୀଙ୍କ ଟିପ ଚିହ୍ନ ଓ ଆଧାର ଲିଙ୍କ୍ ବି ଇ-କେୱାସିରେ ସାଜିଛି ବାଧକ ।

### ବାଂଲାଦେଶରେ ଅସୁରକ୍ଷିତ...

ସେପଟେ ବାଂଲାଦେଶୀ ନେତାଙ୍କୁ ତାଙ୍କରି ଭାଷାରେ ଜବାବ ଦେଇଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେବ ଅଥବା ଇସ୍କନ ବିବାଦ । ଏପରିକି ଦିଲ୍ଲୀରେ ଶେଖ ହସିନାଙ୍କ ଆଶ୍ରୟ । ସର୍ବମୋଟ ଭାରତ ଓ ବାଂଲାଦେଶ ମଧ୍ୟରେ କିଛି ଠିକ ନାହିଁ । ରାଜନୀତିଠୁ କୁଟନୀତି ସବୁଥିରେ ଏବେ ଫାଟ ଦୁଇ ଦେଶର ସମ୍ପର୍କକୁ ଅଧିକ ତିକ୍ତତାପୂର୍ଣ୍ଣ କରିଛି ।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Order No. / WE // Date:-.

"E" Procurement Notice for Construction of Building works for year 2025-26.
Bid Identification No – RWDKNJ –11 / 2025-26.(Building)

1. Name of the work : Construction and repair/renovation of Health Buildings for the year 2025-26 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 20.17 to 38.19 Lakhs Approximately)
3. Class of Contractor : 'B' and 'C' Class (of Odisha P.W.D.)
4. Period of Completion : 6 Calender Month
5. Tender Paper Cost : Rs. 6,000/-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | RWDKNJ-11/24-25. Building | Dt. 22.12.25 at 11.00 A.M. | Dt. 30.12.25 up to 5.00 P.M. | Dt.29.12.25 up to 1.00 P.M. | Dt.31.12.25 at 12.00 P.M. |

Further details can be seen from the website www.tendersodisha.gov.in

-Sd-
ExecutiveEngineer
R.W. Division, Karanjia

OIPR: 25086/11/0034/2526

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଜୟନ୍ତୀ ପାଳିତ: ସମଗ୍ର ଓଡିଶା ପାଇଁ ମହାରାଜାଙ୍କ ଅବଦାନ ଅତୁଳନୀୟ



ବାରିପଦା, ୧୭/୧୨ (ନି.ପ୍ର): ନବ ଓଡିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜର ତତ୍କାଳୀନ ପ୍ରଜାନୁରଞ୍ଜକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ଜନ୍ମ ଜୟନ୍ତୀ ମଧୁବନ ରାଣିବାଗ ସ୍ଥିତ ମହାରାଜାଙ୍କ ସମାଧି ପୀଠରେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବର୍ଷୀୟାନ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ମଞ୍ଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ସଦସ୍ୟ ଉଦୟନାଥ ଜେନା, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ପିତାମ୍ବର ମଲ୍ଲିକ, ଗୋଲୋକ ମହାନ୍ତି, ଦୀପକ କୁମାର ନାୟକ, ସୟେଦ ସିରାଜୁଦ୍ଦିନ, ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ପୁଷ୍ପ ମାଲ୍ୟ ଅର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ ପୂର୍ବକ ସମଗ୍ର ଓଡ଼ିଶା ପାଇଁ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।

# ଆରୁହା ପଞ୍ଚାୟତରେ ଡାକ ମେଳା ଅନୁଷ୍ଠିତ

ଜଳେଶ୍ୱର, ୧୭/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଂଚାୟତରେ 'ଆମର ସେବା ଆମର କର୍ତ୍ତବ୍ୟ'କୁ ମୂଳମନ୍ତ୍ର ଭାବି ଆଜି ଦିବା ୧୦ ଘଟିକା ସମୟରେ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଡାକ ଜୀବନ ବୀମା, ଡାକ ଜୀବନ ବୀମା, ଡାକ ଘର ସଞ୍ଚୟ ବ୍ୟାଙ୍କ, ସୁକନ୍ୟା ସମୃଦ୍ଧି ଆକାଉଣ୍ଟ,ସାଧାରଣ ଭବିଷ୍ୟ ନିଧି, ଅଟଳ ପେନସନ ଯୋଜନା, ଡାକ ଘର ଆଧାର କେନ୍ଦ୍ର, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା,ସାଧାରଣ ସେବା କେନ୍ଦ୍ର ପ୍ରମୁଖ ଯୋଜନା ଗୋଡ଼ିକ କିପରି ସାଧାରଣ ଲୋକ ମାନେ ପାଇ ପାରିବେ ସେ ସମ୍ପର୍କରେ ବାଲେଶ୍ୱର ଡାକ ମଣ୍ଡଳର ମୁଖ୍ୟ ଅଧିକ୍ଷକ ତାପସ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମେଳାରେ ସରପଞ୍ଚ ତପନୀ ଭୂୟାଁ, ସମାଜସେବୀ ଶ୍ରୀକଣ୍ଠ ମାହାନ୍ତି, ନାଏବ ସରପଞ୍ଚ ବରୁଣ ଜେନା, ସାମ୍ବାଦିକ ମନୋଜ କୁମାର ଭୂୟାଁ, ବୀମା ଅଧକ୍ଷ ଅମିତ କୁମାର ରାଉଳ, ଜଳେଶ୍ୱର ମୁଖ୍ୟ ଡାକ ଘରର ଅଭରସିଅର ତାପସ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ଆରୁହା ପଞ୍ଚାୟତ ଶାଳୀକୋଠାର ପୋଷ୍ଟ ମାଷ୍ଟର ସମ୍ୟରଞ୍ଜନ ମହାପାତ୍ର,ଆର ଆର ପୁରର ପୋଷ୍ଟ ମାଷ୍ଟର ଦିବ୍ୟଜ୍ୟୋତି ରାଉତ, ଛମୌଜର ପୋଷ୍ଟ ମାଷ୍ଟର ଶୈଳେନ ବିଶ୍ୱାଳ, ରାଜପୁର ପୋଷ୍ଟ ମାଷ୍ଟର ରଶ୍ମିତା ସାହୁ, ଏମ ଡି ପାଟଣାର ପୋଷ୍ଟ ମାଷ୍ଟର ସପନ କୁମାର ଜେନା, ଚାଲନ୍ତିର ପୋଷ୍ଟ ମାଷ୍ଟର ଅଜୟ ଭାରତୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ମେଳାରେ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ମାନେ ଯୋଗ ଦେଇଥିଲେ।



# ନୀଳଗିରିରେ ଚୋର ସକ୍ରିୟ: ଗୁହାଳରୁ ଚାବିଭାଙ୍ଗି ନେଇଗଲେ ୧୮ଛେଳି

## ଟ୍ରାକ୍ଟରରୁ ବ୍ୟାଟେରୀ, ଚିକେନ ଦୋକାନରୁ ଗ୍ୟାସଟାଙ୍କି ଚୋରି



ନୀଳଗିରି, ୧୭/୧୨ (ନି.ପ୍ର): ନୀଳଗିରିରେ ଚୋର ସକ୍ରିୟ ହେବା ଏବଂ ପୋଲିସ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଉଠିଛି ପ୍ରଶ୍ନବାଚୀ । ସୂଚନା ମୁତାବକ ଔପଦା ବ୍ଲକ୍ ଇଶ୍ୱରପୁର ଫାଣ୍ଡି ଅଧୀନ ଜୁରିଆପାଟଣା ଗାଁର ଦୈତାରୀ ମଳିକଙ୍କ ଘରୁ କେହି ଦୁର୍ବୃତ୍ତ ଗତକାଲି ବିଳମ୍ବିତ ରାତିରେ ଗୁହାଳରେ ବନ୍ଧା ହୋଇଥିବା ୧୮ଟି ଛେଳି ଚୋରିକରି ନେଇଯାଇଛି। ସକାଳୁ ଦୈତାରୀ ଗୁହାଳର ତାଲାଚାବି କଟାଯାଇଥିବା ଦେଖି ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ ଓ ଇଶ୍ୱରପୁର ଫାଣ୍ଡିରେ ଅବଗତ କରିଥିଲେ। ସେହିପରି ନୀଳଗିରି ଥାନା ଅଧୀନ ପୋଡାଶୂଳ ଛକରେ ସ୍ଥାନୀୟ ଅବିନାଶ ପତି ଓ ଅଜୟ ପତିଙ୍କ ଟ୍ରାକ୍ଟରରୁ ଦୁଇଟିବ୍ୟାଟେରୀ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଅନୁରୂପ ଭାବେ ପୋଡାଶୂଳ ଛକରେ ଥିବା ଲିପା ଚିକେନ କଟିଂ ସେଣ୍ଟରରୁ ଦୁଇଟି ଗ୍ୟାସ ଟାଙ୍କି ମଧ ଚୋରୀହୋଇଥିବା ଜଣା ପଡ଼ିଛି। ଆଜି ସକାଳେ ଦୋକାନ ଖଲିବା ପରେ ଦୋକାନରୁ ଗ୍ୟାସ ଟାଙ୍କି ଚୋରି ହୋଇଥିବା ଦେଖିବାକୁ ପାଇ ଦୋକାନ ମାଲିକ ରାଧାକୃଷ୍ଣ ବିଶ୍ୱାଳ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ଘଟଣାର ତଦନ୍ତ ଜାରିରଖିଛି। ପୋଲିସ ପେଟ୍ରୋଲିଂକୁ କଡାକଡି କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ଧର୍ମପରାୟଣ ମହିଳାଙ୍କର ଦେହାନ୍ତ



ଭଦ୍ରକ, ୧୭/୧୨ (ନି.ପ୍ର): ଭଦ୍ରକ ସ୍ଥାନୀୟ କୁଆଁସ ନିବାସୀ ସ୍ୱର୍ଗତ ମହେନ୍ଦ୍ର ପଣ୍ଡାଙ୍କର ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କର ଆଜି ଦେହାନ୍ତ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କର ଦେହାନ୍ତରେ ରାଜଘାଟ କୁଆଁସ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଅନେକ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ସେ ଜଣେ ଶାନ୍ତ ନମ୍ର ସରଳ ମହିଳା ଭାବରେ ବେଶ ପରିଚିତ ଥିଲେ। ତାଙ୍କର ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଯାଇଛି। ତାଙ୍କର ଶେଷ ଦର୍ଶନ ନିମନ୍ତେ ସ୍ଥାନୀୟ କାଉନସିଲ ଆଶିଷ ଅମିତାଭ ମହାପାତ୍ର ଏବଂ ପୂର୍ବତନ କାଉନସିଲ ଲାବୁ ପାଲଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ତେବେ ମୃତ୍ୟୁ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଦ୍ୱାରା ଜାତୀୟ ପେନସନ୍ ଦିବସ ପାଳିତ




ବାଲେଶ୍ୱର, ୧୭/୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଜାତୀୟ ପେନସନ୍ ଦିବସ ଆଜି ଦିବା ୧୧ଟା ସମୟରେ ପାଳିତ ହୋଇଯାଇଛି। ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଅରିରିକ୍ତ କୋଷାଗାର ଅଧିକାରୀ ରାମଚନ୍ଦ୍ର ଧଳ, ସମ୍ମାନୀତ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ୍ ବାଲେଶ୍ୱରର ମୁଖ୍ୟ ପରିଚାଳକ ସତ୍ୟାଶୀଷ ପଟ୍ଟନାୟକ ଓ ମୁଖ୍ୟ ଏସୋସିଏଟ୍ (ପେନ୍‌ସନ୍) ସୁଦର୍ଶନ ଦାଶ ଯୋଗ ଦେଇଥିଲେ। ସଭାପତି ଇଂ. ନାୟକ ଆଜି ଦିବସ ପାଳନର ପୃଷ୍ଠଭୂମି ଓ ତା'ର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖୁଥିବାବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ କେନ୍ଦ୍ର ସରକାରଙ୍କ ଭେଲିଡେସନ୍ ଆଇନ୍, ଅଷ୍ଟମ ବେତନ କମିଶନଙ୍କୁ ସରକାରଙ୍କ ପ୍ରଦତ୍ତ ମାର୍ଗଦର୍ଶିକା ସମ୍ବନ୍ଧରେ ସୂଚନା ଦେବା ସହିତ ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ପେନସନ୍‌ଭୋଗୀ ମାନଙ୍କର ପେନ୍‌ସନ୍‌ର ରିଭିଜନ୍ ହେବା ନେଇ ଆଶଙ୍କା ଥିବା ପ୍ରକାଶ କରିଥିଲେ। ଏଥିନିମନ୍ତେ ବିଭିନ୍ନ କେନ୍ଦ୍ରୀୟ, ରାଜ୍ୟ ଓ ଆମ ଜିଲ୍ଲା ସଂଘ ସଚେତନ ରହି ପଦକ୍ଷେପ ନେଉଛି ବୋଲି କହିଥିଲେ। ଭବିଷ୍ୟତରେ ନିଜର ହକ୍‌ପାଇଁ ସମସ୍ତ ପେନ୍‌ସନ୍‌ଭୋଗୀମାନେ ସଚେତନ ରହିବା ସହିତ ସଂଘର ଶକ୍ତି ବୃଦ୍ଧିପାଇଁ ଐକ୍ୟବଦ୍ଧ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଧଳ ପେନସନରମାନଙ୍କର ଯେ କୌଣସି ସମସ୍ୟାର ସମାଧାନ ପାଇଁ ସେ ଓ ଜିଲ୍ଲା କୋଷାଗାର ଅଧିକାରୀ ସର୍ବଦା ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥିମାନେ ତାଙ୍କ ବକ୍ତବ୍ୟରେ ପେନସନରମାନଙ୍କର ପେନ୍‌ସନ୍ ପୁସ୍ତିକାରେ ଥିବା ନମିନିମାନଙ୍କର ନାମ, ଜନ୍ମତାରିଖ ଠିକ୍ ଭାବରେ ଲିଖିତ ହୋଇଛି କି ନାହିଁ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ସଂଶୋଧନ କରାଇନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ରନାଥ ଚୌଧୁରୀ ଓ ବାସନ୍ତୀ ପାଣି ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ବରିଷ୍ଠ ଉପଦେଷ୍ଟା ବସନ୍ତ କୁମାର ନାୟକ, ପଦ୍ମଲୋଚନ ଦତ୍ତ, ବୀରେନ୍ଦ୍ର ମହନ୍ତ, ଜ୍ଞାନେନ୍ଦ୍ର ସାହୁ, ବେଣୁଧର ସାହୁ, ଉମେଶ ଚନ୍ଦ୍ର ଗୋଛାୟତ, ଇଂ. ରାମଚନ୍ଦ୍ର ସେଠୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. କ୍ଷିତୀଶ୍ୱର ଦାଶ, ଡ. ହୃଷୀକେଶ ସାହୁ, ଯୋଗେନ୍ଦ୍ରନାଥ ସିଂହ ପ୍ରମୁଖ ପେନସନରମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୌରପ୍ରିୟ ମିଶ୍ର, ଜ୍ୟୋତ୍ସ୍ନା ରାୟ, ପ୍ରଭାତୀ ସେଠୀ, ଭବେଶ ଚନ୍ଦ୍ର ପଣ୍ଡା, ପୁରସ୍ତମ ବେହେରା, କ୍ଷେତ୍ରମୋହନ ନାୟକ, ନରେଶ ଚନ୍ଦ୍ର ଦାଶ, ଶରତ କୁମାର ବିଶ୍ୱାଳ, ବୀରେନ୍ଦ୍ର ପ୍ରହରାଜ, ସଞ୍ଜୟ ପଣ୍ଡା, ହରିହର ଦାସ, ସତ୍ୟନାରାୟଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଜୟ କୁମାର ନାୟକ ଶେଷକଥା ରଖିବା ସହିତ ଧନ୍ୟବାଦ ଦେଇଥିଲେ।

# କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ହେମପୁରର ବାର୍ଷିକ ଉତ୍ସବ



ବୈଶିଙ୍ଗା , ୧୭/୧୨ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ଅଧକ୍ଷତା ରେ ବାର୍ଷିକ ଉତ୍ସବ ସମାରୋହ ନୂତନ ଉତ୍ସାହ ଏବଂ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସହୀଦ ମେମୋରିଆଲ ମହାବିଦ୍ୟାଳୟ, ମାଣିଦାର ଅଧକ୍ଷ ଡ଼ଃ ଦିଲ୍ଲୀପ କୁମାର ଭୋଇ, ମୁଖ୍ୟ ବକ୍ତା ଭାବେ ବୈଶିଙ୍ଗା ବି. ଏଡ଼ ପ୍ରତିଷ୍ଠାନ ର ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର, ସି. ଆର. ସି. ସି ପ୍ରଦୀପ ମହାନ୍ତି ଯୋଗ ଦେଇ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିଶ୍ୱକଲ୍ୟାଣ ରେ ନିଜର ବଳିଷ୍ଠ ଯୋଗଦାନ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ଶିକ୍ଷକ ତୁଷାକାନ୍ତ ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ, ଚନ୍ଦନ କୁମାର ଦାସ ଅତିଥି ପରିଚୟ ଓ ପ୍ରଭାତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ମାଟ୍ରିକ ଟପ୍ପର ଉଷଶୀ ଧଳଙ୍କୁ ଶ୍ରୀବିଦ୍ୟା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ବଳିଷ୍ଠ ସହଯୋଗ ପାଇଁ ଉଦଳାର ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ, ଶିଖରଖୁଣ୍ଟା ର ମା' ସରସ୍ୱତୀ ସ୍ୱୟଂ ସହାୟକ ଗ୍ରୁପ, ୱାର୍ଡ ସଭ୍ୟ ବିସିକେଶନ ଧଳ, ବୈଶିଙ୍ଗା ଆଇ. ଟି. ଆଇ ର ଅଧକ୍ଷ ରମାକାନ୍ତ ଜେନା, ହେମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାମିନୀକାନ୍ତ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଭ୍ୟ ସଭ୍ୟାଙ୍କୁ ପ୍ରଧାନଶିକ୍ଷକ କୃତଜ୍ଞତା ଜ୍ଞାପନ କରିଥିଲେ । ଅପରାହ୍ଣ ରେ ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଜୟଶ୍ରୀ ପାଢ଼ୀ, ରାଜନନ୍ଦିନୀ ପାତ୍ର, ସବିତା ବାରିକ, ବିନ୍ନି ସଂଜୀବନ ବାରିକ, ପ୍ରଜ୍ଞକ୍ଷ ପାରମିତା ମଲ୍ଲିକ,କୌଶଲ୍ୟା ଭୂୟାଁ, ସଂଗୀତା ନାୟକ, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ତୁଷାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୧୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ସ୍ଥିତ ଯୁଧିଷ୍ଠିର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁଧନ୍ୱା ପଟ୍ଟାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଓ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତିକ ସମ୍ମାନିତ କବି ସୁକୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ କୁମାର ପାଣି, ଜଳନ୍ଧର ମଲ୍ଲିକ, ସମାଜସେବୀ ବିଶ୍ୱକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ।ଶିକ୍ଷା ହେଉଛି ଶକ୍ତିଶାଳୀ ଅସ୍ତ୍ର ଯାହାକି ନିଜକୁ କ୍ଷମତାଶାଳୀ କରିବା ସହିତ ଦେଶକୁ ପରିବର୍ତ୍ତନ କରିପାରେ। କ୍ରୀଡା, ଶିକ୍ଷା,ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସନାତନ ଚୈଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧାପିକା ସାବିତ୍ରୀ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧାପକ ଜଗବନ୍ଧୁ ଦାସ, ରାଧାମୋହନ ଚୈଧୁରୀ, ଖଟୁରାମ ମଲ୍ଲିକ, କାହ୍ନୁଚରଣ ବେହେରା, ବଂଶୀଧର ମହୁରି, ମିହିର ଆଦେକ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ବେତନଟୀ, ୧୭/୧୨ (ନି.ପ୍ର): ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତ ଅଧୀନ ତୁଳସୀଚୌରା ମିନି ଷ୍ଟାଡିୟମରେ ବେତନଟୀ ବ୍ଲକ ସାଂସଦ ଖେଳ ମହୋତ୍ସବର ସଂଯୋଜକ ଜୀବନ ପରିଡ଼ା ଙ୍କ ନେତୃତ୍ୱରେ ଦୁଇଦିନିଆ ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦି,ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବିକାଶ ଦାସ, ଚନ୍ଦ୍ରଶେଖର ବେରା,ଖିତିଷ ମହାନ୍ତ, ରାକେଶ ମହାନ୍ତ,ଜଗା ଦାସ, ହିମାଂଶୁ ମହାନ୍ତ, ସୁମନ୍ତ ପରିଡ଼ା, ଲକ୍ଷ୍ମୀଧର ବିନ୍ଧାଣି, ବିଶ୍ୱଜିତ ପରିଡ଼ା, ଶିବାନନ୍ଦ ମହାନ୍ତ, ଲୋକନାଥ ଜେନା, ତପସ୍ୱୀ ରାଉତ,ଦିପ୍ତିକାନ୍ତ ସେଠୀ, ପିତାମ୍ବର ମହାପାତ୍ର, ଚିତ୍ତରଞ୍ଜନ ଦାସ,କେଶବ ନାଥ, ସଂଜୀବ ଜେନା, ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥି ସହିତ ବେତନଟୀ ବ୍ଲକର ସମସ୍ତ ବିଦ୍ୟାଳୟରୁ ବିଭିନ୍ନ ଖେଳାଳି ଏଥିରେ ଯୋଗଦାନ କରିଥିଲେ।

# ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

## ଅଖଣ୍ଡ ମୟୂରଭଞ୍ଜ ଗଠନ ଲାଗି ଉଠିଲା ଦାବି

ବାରିପଦା, ୧୭/୧୨ (ନି.ପ୍ର): ଓଡ଼ିଶାରେ ମିଶ୍ରଣ ସମୟରେ ମୟୂରଭଞ୍ଜ ରାଜ୍ୟରୁ ତତ୍କାଳୀନ ବିହାର ଓ ପଶ୍ଚିମବଙ୍ଗରେ ମିଶିଥିବା ଅଂଶକୁ ଫେରାଇ ଆଣି ପୁନର୍ବାର ମୟୂରଭଞ୍ଜ ରେ ମିଶାଯାଉ ବୋଲି ଦାବୀ କରିଛନ୍ତି ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ। ଜିଲ୍ଲା ବିଭାଜନ ପ୍ରସଙ୍ଗରେ ତାଙ୍କ ମତାମତ ଲୋଡା ଯିବାରୁ ସେ ଏହା କହିଛନ୍ତି। ପ୍ରଶାସନିକ ସୁବିଧା ଓ ଉନ୍ନୟନର ବାହାନା କରି ଜିଲ୍ଲା ବିଭାଜନକୁ ସେ ତୀବ୍ର ବିରୋଧ କରିଛନ୍ତି। ଯଦି ବିଭାଜନ କଲେ ହିଁ ବିକାଶ ହେବ ତାହେଲେ ଦୁଇ କାହିଁକି ବରଂ ମୟୂରଭଞ୍ଜ ର ଚାରି ଗୋଟି ସବ୍ ଡିଭିଜନକୁ ଗୋଟିଏ ଲେଖା ଜିଲ୍ଲା କରାଯାଉ ବୋଲି ଶ୍ରୀ ଭଞ୍ଜଦେଓ କହିଛନ୍ତି। ପାଞ୍ଚପୀଢ଼,ବାମନ ଘାଟି,କପ୍ତିପଦା ଓ ସଦର ସବ୍ ଡିଭିଜନ ର ଲୋକ ସଂଖ୍ୟା ଏବଂ ଆୟତନ ଗୋଟିଏ ଗୋଟିଏ ଜିଲ୍ଲା ହେବା ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି। ତେବେ ଯେଉଁ ମୟୂରଭଞ୍ଜ ଦିନେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ଆନ୍ଦୋଳନ ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଆଜି ସେହି ପ୍ରଦେଶ ର ସରକାର ଲୋକଙ୍କ ଆବେଗ କୁ ଭ୍ରୂକ୍ଷେପ ନ କରି ମୟୂରଭଞ୍ଜ କୁ ଭାଙ୍ଗିବାକୁ ବସିଚି ବୋଲି ଶ୍ରୀ ଭଞ୍ଜଦେଓ କ୍ଷୋଭ ପ୍ରକାଶ କରି କହିଛନ୍ତି। ସ୍ଥାନୀୟ ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୁଲ୍ୟରେ ୧୫୫ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଭଞ୍ଜଦେଓ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଫୋରମର ସଭାପତି ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ ପୌରହିତ୍ୟ କରିଥିଲେ। ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରାରମ୍ଭରେ ଜିଲ୍ଲା ବିଭାଜନକୁ ନେଇ ରାଜନୈତିକ ଅଭିସନ୍ଧିକୁ ତୀବ୍ର ବରୋଧ କରିଥିଲେ। ଓଡ଼ିଶାକୁ ମୟୂରଭଞ୍ଜ ରାଜ୍ୟ ଯାହା ଦେଇଛି ତାହା ପ୍ରତିବଦଳରେ କ'ଣ ପାଇଛି ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର ଡ଼. ଅମ୍ବିକା ପ୍ରସନ୍ନ ଦାସ ଯୋଗ ଦେଇ କହିଛନ୍ତି ଯେ ମହାରାଜାଙ୍କ ଅବଦାନରେ ଓଡ଼ିଶା ହସିଛି, ଓଡ଼ିଆ ଭାଷା ନୂଆ ପରିଚୟ ଛୁଇଁଛି। କିନ୍ତୁ ପ୍ରତିବଦଳରେ ମୟୂରଭଞ୍ଜ ବହୁ ଜିନିଷ ପାଇବାକୁ ରହିଥିବାବେଳେ ସେପରି କିଛି ହୋଇନି। ମୟୂରଭଞ୍ଜରେ ୪ ପିଢୀର ଭଞ୍ଜ ଶାସନ ପ୍ରଣାଳୀ କୁ ସମଗ୍ର ଦେଶ ରେ ବିରଳ ବୋଲି ସେ ବର୍ଣ୍ଣନା କରିବା ସାଙ୍ଗକୁ ତାହା ତତ୍କାଳୀନ ବ୍ରିଟିଶ ରାଜ କୁ ମଧ ଚକିତ କରି ଆସିଥିଲା ବୋଲି ପ୍ରଫେସର ଦାସ କହିଛନ୍ତି । ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଙ୍କ ବ୍ୟକ୍ତିତ୍ୱ ସେତେବେଳେ ସମସ୍ତଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ସେ ତଥ୍ୟ ଭିତ୍ତିକ ମତବ୍ୟକ୍ତ କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା, ବ୍ରହ୍ମ ସମାଜ ର ରଞ୍ଜନ ବାନାର୍ଜି, ଶିକ୍ଷାବିତ୍ ସନ୍ଦୀପ ଚାନ୍ଦ, କୁଡୁମି ସେନା ପ୍ରତିଷ୍ଠାତା ଜୌମୁନି କୁମାର ମହାନ୍ତ, ପଣ୍ଡିତ ଭାଗବତ ପଣ୍ଡା, ବରିଷ୍ଠ ଆଇନଜୀବି ତଥା ଗବେଷକ ବିଭୁ ପ୍ରସାଦ ଦାସ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ଫୋରମ ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଅବସରରେ ପାଳନ କରାଯିବ ଓ ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇଥିଲେ । ଫୋରମ୍ ର ବରିଷ୍ଠ ସଦସ୍ୟ ରାଜକିଶୋର ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୬୧ ଗ୍ରାମର ବ୍ରାଉନ ସୁଗାର ଜବତ: ଦୁଇ ଗିରଫ

ଜଳେଶ୍ୱର, ୧୭/୧୨ (ନି.ପ୍ର): ଜଳେଶ୍ୱର ଥାନ ଅଧୀନସ୍ଥ ଶାସନବାଡ଼ ଗ୍ରାମ ପାଖ ସୁବର୍ଣ୍ଣରେଖା ନଦୀବନ୍ଧ ନିକଟସ୍ଥ ପରିତ୍ୟକ୍ତ ଗ୍ରୀନରେ ବିଲ୍ଡିଙ୍ଗ ପରିସରରେ ବ୍ରାଉନ ଶୁଗର କାରବାର ହେଉଥିବା ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଖବର ପାଇ ଏକ ଟିମ ଗଠନ କରି ଆଜି ଦିନ ୧୦ ଘଟିକା ସମୟରେ ଏସ ଆଇ ପାନମଣି ସରେନ୍‌ଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଅଧିକାରି ମାନେ ବହୁ ଚତୁରତା ସହ ଯାଇ ଶାସନବାଡ ଗ୍ରାମର ବେଶାରୁଦିନଙ୍କ ପୁଅ ସେକ ଅସୁରୁଦିନ (୩୨) ଡାକ ନାମ (ପୁଶୁ) ଓ ତାଙ୍କ ସହଯୋଗୀ ସେହି ଗ୍ରାମର ଉମାକାନ୍ତ ଦାସ ଙ୍କ ପୁଅ ନିଶିକାନ୍ତ ଦାସ (୩୩) ଙ୍କୁ ମାଡ଼ିବସି ଥିଲେ।ସେମାନଙ୍କ ପାଖରୁ ୬୧ ଗ୍ରାମର ବ୍ରାଉନ ସୁଗର ସହ ଦୁଇ ହଜାର ଟଙ୍କା ଗୋଟିଏ ମୋବାଇଲ ଫୋନ ଜବତ କରି ୬୦୭/୨୫ ନମ୍ବର ର ଏକ ମାମଲା ରୁଜୁ କରି କୋର୍ଟ ହାଜତକୁ ପଠାଇ ଦିଆଯାଇଛି। ବ୍ରାଉନ ସୁଗର ର ଆନୁ ମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣା ପଡିଛି।

**ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ**

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ଡେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida